

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୪ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 24 November 2024

Vol.No. 35 ■ No.311 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମହାରାଷ୍ଟ୍ରରେ ମହାଯୁତିର ମହାବିଜୟ

## ଏକାକୀ ୧୩୩ ଆସନରେ ବିଜେପି ବିଜୟୀ



ନୂଆଦିଲ୍ଲୀ, ୨୩/୧୧ : ମହାରାଷ୍ଟ୍ର... ମହାଯୁତି... ମହା ବିଜୟ । ମରାଠା ମାଟିରେ ପୁଣି ମୋଦି ମ୍ୟାଜିକ୍ କାମ କଲା- 'ଏକ୍ ହୈ ତୋ ସେଫ୍ ହୈ'... 'ମୋଦି ହୈ ତୋ ମୁମକିନ୍ ହୈ' ନାରା । ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟର ମହାସୁନାମୀ। ବିଧାନସଭା ନିର୍ବାଚନରେ ବୃହତ ବିଜୟ ପରେ ବିଜେପି, ଶିବସେନା ଓ ଏନସିପି ଶିବିରରେ ଜୋରଦାର ସେଲିବ୍ରେସନ୍ । ମୋଟ ୨୮୮ ଆସନରୁ ମହାଯୁତି ମେଣ୍ଟକୁ ୨୨୯ ସିଟ୍ ମିଳିଥିବା ବେଳେ ବିଜେପି ▶▶ପୃଷ୍ଠା ୭

## ଫଡ଼ନାଭିସ୍, ସିନ୍ଦେ ନା ପାୱାର: କିଏ ହେବେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ?

ନୂଆଦିଲ୍ଲୀ, ୨୩/୧୧ : ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବୃହତ ବିଜୟ ଆଡକୁ ଅଗ୍ରସର ହେଉଛି ମହାଯୁତି ମେଣ୍ଟ । ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ୨୨୦ରୁ ଅଧିକ ଆସନରେ ଆଗୁଆ ରହିଛି ମହାଯୁତି । ଶିବସେନା, ବିଜେପି ଏବଂ ଏନସିପି ଅଜିତ ପାୱାର ଗୋଷ୍ଠୀକୁ ନେଇ ଗଠନ ହୋଇଛି ମହାଯୁତି ମେଣ୍ଟ । ଅପରପକ୍ଷରେ ବହୁ ପଛରେ ପଡିଯାଇଛି ମହା ବିକାଶ ଅଘାଡି । କଂଗ୍ରେସ, ଶିବସେନା (ୟୁବିଟି) ଏବଂ ଏନସିପି - ଶରଦ ପାୱାର ଗୋଷ୍ଠୀକୁ ନେଇ ହୋଇଛି ମହା ବିକାଶ ଅଘାଡି। ଏହି ମେଣ୍ଟ ପ୍ରାୟ ୬୯ ଆସନରେ ଆଗୁଆ ରହିଛି। ରାଜ୍ୟର ୨୮୮ଟି ବିଧାନସଭା ଆସନ ପାଇଁ ▶▶ପୃଷ୍ଠା ୭

## ଝାଡ଼ଖଣ୍ଡରେ ପୁଣି ଜେଏମଏମ୍ ସରକାର



ନୂଆଦିଲ୍ଲୀ, ୨୩/୧୧ : ଝାଡଖଣ୍ଡରେ ହେମନ୍ତ ସୋରେନ ନେତୃତ୍ୱଧୀନ ଜେଏମଏମ-କଂଗ୍ରେସ ମେଂଟ ସରକାରର ପୁଣି ପ୍ରତ୍ୟାବର୍ତ୍ତନ ହୋଇଛି । ଲଗାତାର ଦ୍ୱିତୀୟ ଥର ଲାଗି ହେମନ୍ତ ସୋରେନ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି । ଝାଡଖଣ୍ଡର ମୋଟ ୮୧ ଆସନ ମଧ୍ୟରୁ ଜେଏମଏମ-କଂଗ୍ରେସ ମେଣ୍ଟ ଆସନରେ ଆଗୁଆ ଥିବାବେଳେ ବିଜେପି ଆସନରେ ଆଗୁଆ ରହି ବହୁମତ ଠାରୁ ବହୁ ପଛରେ ରହିଛି । ପୂର୍ବ ଜାମସେଦପୁର ଆସନରୁ କଂଗ୍ରେସ ପ୍ରାର୍ଥୀ ତଥା ଓଡିଶା ପ୍ରଭାରୀ ଅଜୟ କୁମାର ହାରିଯାଇଛନ୍ତି । ଏଠାରୁ ରାଜ୍ୟପାଳ ରଘୁବାର ଦାସଙ୍କ ବୋହୂ ପୂର୍ଣ୍ଣିମା ଦାସ ସାହୁ ବିଜୟୀ ହୋଇଛନ୍ତି । ଝାଡଖଣ୍ଡ ବିଧାନସଭାରେ ସରକାର ବିରୋଧୀ ହାୱା କାମ କରିନାହିଁ । ଏଠାରେ ପୁଣିଥରେ କ୍ଷମତାକୁ ଫେରିଛି ଜେଏମଏମ-କଂଗ୍ରେସ ମେଣ୍ଟ । ଲୋକସଭା ନିର୍ବାଚନରେ ରାଜ୍ୟର ମୋଟ ୧୪ଟି ▶▶ପୃଷ୍ଠା ୭

## ଆସିଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ଜିପିଆର- ଜିପିଏସ୍ ସର୍ଭେ ରିପୋର୍ଟ



ଭୁବନେଶ୍ୱର, ୨୩/୧୧ (ନି.ପ୍ର): ଆସିଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ଜିପିଆର- ଜିପିଏସ୍ ସର୍ଭେ ରିପୋର୍ଟ। ଶ୍ରୀମନ୍ଦିର ପ୍ରଶାସନର ଏହି ରିପୋର୍ଟ ହସ୍ତଗତ ହୋଇଥିବା ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ। ଏଏସଆଇ ପକ୍ଷରୁ ଏହି କାର୍ଯ୍ୟ ପାଇଁ ହାଇଦ୍ରାବାଦ ସ୍ଥିତ ଏନଜିଆରଆଇ ସହାୟତା ନିଆଯାଇଥିଲା। ଶ୍ରୀମନ୍ଦିରର ସ୍ଥାୟିତ୍ୱ ଏବଂ ସୁରକ୍ଷା ପ୍ରତି ଶ୍ରୀମନ୍ଦିର ପ୍ରଶାସନ ସର୍ବଦା ଯତ୍ନବାନ ରହିଛି। ତେଣୁ ବୈଷୟିକ ରିପୋର୍ଟ ହସ୍ତଗତ ହୋଇ ସାରିଥିବାରୁ ତୁରନ୍ତ ସମଗ୍ର ରତ୍ନଭଣ୍ଡାରର ▶▶ପୃଷ୍ଠା ୭

## ବାଦ ପଡ଼ିଥିବା ୨୫% ମହିଳାଙ୍କୁ ଆଜି ମିଳିବ 'ସୁଭଦ୍ରା' ଟଙ୍କା



ଭୁବନେଶ୍ୱର, ୨୩/୧୧ (ନି.ପ୍ର): ଆସନ୍ତାକାଲି ତଥା ନଭେମ୍ବର ୨୪ ତାରିଖରେ ଆସିବ 'ସୁଭଦ୍ରା'ର ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି ଟଙ୍କା। ଏଥିପାଇଁ ଖୁସି ଅଛନ୍ତି ହିତାଧିକାରୀ। ଏହାର ମଧ୍ୟରେ ବଡ଼ ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା। ବାଦ ପଡ଼ିଥିବା ୨୫ ପ୍ରତିଶତ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ ବୋଲି ଆଜି ଉପ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମରେ କହିଛନ୍ତି। ସେ କହିଛନ୍ତି, ବିଭିନ୍ନ କାରଣରୁ ସୁଭଦ୍ରାରୁ ବାଦ ପଡ଼ିଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କ ଆବେଦନ ଆଉ ଥରେ ଯାଞ୍ଚ ସରିଛି। ଏଥିପାଇଁ ବିଡିଓଙ୍କୁ ନୋଡାଲ ଏଜେନ୍ସି ଦାୟିତ୍ୱ ଦିଆଯାଇଥିଲା। ରିପୋର୍ଟ ଆସିବା ▶▶ପୃଷ୍ଠା ୭


DSPL-219

ସୁଭଦ୍ରା

କଥା ଦେଇ କଥା ରଖିଲେ
ଆମ ସରକାର



ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଙ୍କ
କରକମଳରେ
ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ
୨୦ ଲକ୍ଷରୁ ଊର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ



୧୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ
ସ୍ଥାନ: ସୁନ୍ଦରଗଡ଼, ତାରିଖ: ୨୪ ନଭେମ୍ବର ୨୦୨୪

OIPR: 33001/13/0034/2425

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର ୧୪୬୭୮

# ଓଡ଼ିଶା ଶିଳ୍ପ ନୀତି ଓ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ



ଭୁବନେଶ୍ୱର, ୨୩/୧୧ (ନି.ପ୍ର): ଓଡ଼ିଶା ଶିଳ୍ପ ନୀତି-୨୦୧୫ରେ ଦୁଇଟି ସଂଶୋଧନକୁ ଆଜି ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହାସହିତ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ରେ ସଂଶୋଧନ ପ୍ରସ୍ତାବକୁ ମଧ ଆଜି କ୍ୟାବିନେଟର ମଞ୍ଜୁରୀ ମିଳିଛି । ରାଜ୍ୟ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଓଡ଼ିଶା ଶିଳ୍ପ ନୀତି-୨୦୧୫ର ଦୁଇଟି ସଂଶୋଧନକୁ ଆଜି କ୍ୟାବିନେଟ୍ ଅନୁମୋଦନ କରିବା ଦ୍ୱାରା ଯୋଗ୍ୟ ନିବେଶକମାନେ ପ୍ରୋତ୍ସାହନ ପାଇଁ ସେମାନଙ୍କର ଦାବିକୁ ଠିକ୍ ସମୟରେ ପାଇବାକୁ ସକ୍ଷମ ହେବେ । ଏହାସହିତ ପ୍ରୋତ୍ସାହନକୁ ସୁଗମ ପରିଚାଳନା ମଧ ସହଜ ହେବ । ଯେଉଁ ନିବେଶକମାନେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିସାରିଛନ୍ତି କିନ୍ତୁ ଧାର୍ଯ୍ୟ ତାରିଖ ମଧରେ ପ୍ରୋତ୍ସାହନ କିମ୍ବା ପ୍ରମାଣପତ୍ର ପାଇଁ ଆବେଦନ ଦାଖଲ କରିବାକୁ ବିଫଳ ହୋଇଥିଲେ କିନ୍ତୁ ୨୦୨୩ ଜୁନ୍ ୩୦ତାରିଖ ମଧରେ ଦାଖଲ କରି ବି ଅଯୋଗ୍ୟ ହୋଇଥିବେ ସେମାନଙ୍କର ଦରଖାସ୍ତ ଯୋଗ୍ୟ ଆବେଦନକାରୀ ଭାବେ ପୁନଃ ବିଚାର କରାଯିବ । ୨୦୨୩ ଜୁନ୍ ୩୦ ପରେ ଦାଖଲ ହୋଇଥିବା ଆବେଦନଗୁଡ଼ିକୁ ବିବେଚନା କରାଯିବ ନାହିଁ । ଯେଉଁଠାରେ ଶିଳ୍ପ ସଂସ୍ଥାର ନିୟନ୍ତ୍ରଣ ବାହାରେ ଥିବା କାରଣରୁ ବିଳମ୍ବ ହେବାର ପରିଲକ୍ଷିତ ହେବ ତାହା ମୁଖ୍ୟ ସଚିବଙ୍କ ସ୍ତରରେ ବିଚାର କରାଯିବ । ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ରେ ଏକ ସଂଶୋଧନ ୨୦୧୮ ନଭେମ୍ବର ୧୩ତାରିଖରେ କରାଯାଇଥିଲା । ଯେଉଁଥିରେ ଦ୍ରବଣ ନିଷ୍କାସନ, ରିଫାଇନ୍ ତୈଳ ପ୍ରସ୍ତୁତି ଓ ପାନୀୟ ଜଳର ବିଶୋଧନ କାରଖାନା କାର୍ଯ୍ୟକଳାପକୁ ନକରାତ୍ମକ ତାଲିକାରୁ ହଟାଯାଇଥିଲା ଓ ଏହି ନୀତି ଅନୁସାରେ ପ୍ରୋତ୍ସାହନ ପାଇଁ ସେମାନେ ଯୋଗ୍ୟ ହୋଇଥିଲେ । କିନ୍ତୁ ୨୦୨୦ ଅଗଷ୍ଟ ୧୮ତାରିଖରେ ଓଡ଼ିଶା ଶିଳ୍ପ ନୀତି-୨୦୧୫ରେ ସମାନ ବ୍ୟବସ୍ଥା କରାଯାଇଥିଲା । ତେଣୁ ଉଭୟ ନୀତିରେ ଥିବା ଅସଙ୍ଗତିକୁ ଦୃଷ୍ଟିରେ ରଖି ସରକାର ଏବେ ୨୦୨୦ ଅଗଷ୍ଟ ୧୮ରେ ଶିଳ୍ପ ନୀତିରେ ହୋଇଥିବା ସୋଂାଧନକୁ ୨୦୧୬ ଖାଦ୍ୟ ପ୍ରକ୍ରିୟାକରଣ ନୀତିରେ ହୋଇଥିବା ସଂଶୋଧନ ତାରିଖଠାରୁ ଅର୍ଥାତ୍ ୨୦୧୮ ନଭେମ୍ବର ୧୩ରୁ କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ନେଇଛନ୍ତି । ଆଜି ଏହି ପ୍ରସ୍ତାବକୁ ମଧ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଓଡ଼ିଶାରେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଆଜି ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଫଳରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏକାଡେମିକ ଉତ୍କର୍ଷ, ଗୁଣାତ୍ମକ ଗବେଷଣା ନିମନ୍ତେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପ୍ରାପ୍ତି ଦିଗରେ ହୋଇଥିବା ସମସ୍ୟା ଓ ସମାଧାନ କରିବାକୁ ଏହି ସଂଶୋଧନ ହୋଇଛି । ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଉନ୍ନତି ଆଣିବା, ଅଧିକ ସ୍ୱାୟତ୍ତତା ସହିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସଶକ୍ତ କରିବା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ଓ ଅଧାପକ ନିଯୁକ୍ତି ଓ କୁଳପତି ଚୟନ ପ୍ରକ୍ରିୟାରେ ଏକାଡେମିକ୍ ପ୍ରଫେସନାଲଙ୍କୁ ଜଡ଼ିତ କରିବା, ଅର୍ଥ କମିଟି ଓ ନିର୍ମାଣ କମିଟି ଆଦି ଗଠନ କରିବା ଏହି ଆଇନରେ ସଂଶୋଧନ ଦ୍ୱାରା ସମ୍ଭବ ହୋଇପାରିବ । ରାଜ୍ୟ ସରକାର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବା ସହ କୋର୍ଟ ମାମଲାକୁ ଶିକ୍ଷକ ନିଯୁକ୍ତିରେ ଆସିଥିବା ସ୍ଥାଣୁତା ଦୂର କରିବାକୁ ଲକ୍ଷ୍ୟ ରଖିଛନ୍ତି । ନିଯୁକ୍ତି ପାଇଁ ଅଧିକ ସ୍ୱଚ୍ଛ ଓ ସମୟସୀମାବଦ୍ଧ ପ୍ରଣାଳୀ ସୃଷ୍ଟି କରିବାକୁ ଏହି ପରିବର୍ତ୍ତନଗୁଡ଼ିକ ପରିକଳ୍ପନା କରାଯାଇଛି । ଏହି ସଂଶୋଧନ ଜାତୀୟ ଶିକ୍ଷା ନୀତି-୨୦୨୦ର ପରିବର୍ତ୍ତନଶୀଳକୁ ଦିଗଗୁଡ଼ିକୁ ମଧ ସାମିଲ କରାଯାଇଥିବା ଜଣାପଡ଼ିଛି ।

# ଚମ୍ପୁଆ ବନାଂଚଳରେ ୭୬ ହାତୀ : ଚିନ୍ତାରେ ଚାଷୀ

ଚମ୍ପୁଆ, ୨୩/୧୧ (ନି.ପ୍ର): ଚମ୍ପୁଆ ବନାଂଚଳରେ ବର୍ତ୍ତମାନ ୭୬ଟି ବଣୁଆ ହାତୀ ରହିଥିବା ଜଣାପଡ଼ିଛି । ବର୍ତ୍ତମାନ ଧାନ ପାଚିବା ସମୟ ହୋଇ ଥିବାରୁ ହାତୀପଲ ପାଚିଲା ଧାନ ଖାଇବା ସହ ମାଡ଼ି ଦଳି ନଷ୍ଟ କରୁଛନ୍ତି । ଯାହା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ହାତୀ ଭୟରେ ବହୁତ ସ୍ଥାନରେ ଅଧା ପାଚିଲା ଧାନକୁ ଚାଷୀମାନେ କାଟି ନେଉଥିବା ଦେଖିବାକୁ ମିଳୁଛି । ଏହି ହାତୀ ପଲ ଝାଡଖଣ୍ଡ ଓ ମୟୂରଭଞ୍ଜ ପଟୁ ବୈତରଣୀ ନଦୀ ପାର ହୋଇ ଚମ୍ପୁଆ ବନାଂଚଳରେ ପ୍ରବେଶ କରିଛନ୍ତି । ଚମ୍ପୁଆ ସେକ୍ସନର ଶଶାଙ୍ଗ, ପତଳା, ରଜିଆ, କାଳିକାପ୍ରସାଦ , ବସିରା, କସିରା, ଅସନବାହାଳି, ଟୁଣୁଟୁଣା, ସରେଇ, ସାତହଳିଆ, ମୁକୁନ୍ଦପୁର, ମିରିଗିସୀଙ୍ଗା , ସେହିପରି ଉଖୁଣ୍ଡା ସେକ୍ସନର କାଟୁଳିକନା, ଜ୍ୟୋତିପୁର, ବର୍ଦ୍ଧନା, ବନିକା, ରଙ୍ଗାମାଟିଆ, ପଦ୍ମପୁର, କେମୁଣ୍ଡିଆ, ରରୁଆଁଗୋଡ଼ା ଅଂଚଳରେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଥିବା ନେଇ ବିଭାଗ ନିକଟରେ ଅଭିଯୋଗ ହୋଇଛି । ହାତୀପଲଙ୍କ ଗତିବିଧି ଉପରେ ବନବିଭାଗ ନଜର ରଖିଥିବା ଜଣାପଡ଼ିଛି । ଚମ୍ପୁଆ ବନାଂଚଳ ଅଧୀନ ଚମ୍ପୁଆ ସେକ୍ସନର ରଜିଆ ଗ୍ରାମ ନିକଟ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ୩୦ଟି, ବାଲିବନ୍ଧ ସେକ୍ସନର କାଞ୍ଚିପାଣି ଖେସେରା ଜଙ୍ଗଲରେ ୧୯ଟି, ସେହି ସେକ୍ସନର ଲକ୍ଷ୍ମୀପଣି ସଂରକ୍ଷିତ ଜଙ୍ଗଲରେ ୨୭ ଟି ହାତୀ ମିଶି ମୋଟ୍ ୭୬ଟି ହାତୀ ଚମ୍ପୁଆ ବନାଂଚଳରେ ରହିଥିବା ନେଇ ଚମ୍ପୁଆ ବନାଂଚଳ ଅଧିକାରୀ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି ।

# ଅନୁସୂଚିତ ଜାତି ଓ ଜନଜାତି ପକ୍ଷରୁ ଜିଲ୍ଲାସ୍ତରୀୟ ସର୍ଗୀଫୁଲ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୩/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ଏବଂ ପଛୁଆ ବର୍ଗ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଜିଲ୍ଲାର ୮ଗୋଟି ଆଶ୍ରମ ବିଦ୍ୟାଳୟର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କ ଯୋଗଦାନରେ ଜିଲ୍ଲାସ୍ତରୀୟ 'ସର୍ଗୀଫୁଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବିଷୟରେ ଦିଗଦର୍ଶନ ଦେବାସହ ଜନଜାତି ଛାତ୍ରଛାତ୍ରୀମାନଙ୍କ ପାରମ୍ପରିକ ସାଂସ୍କୃତିକ ଉତ୍ସବ, ନୃତ୍ୟ, ସଙ୍ଗୀତ, ନାଟକ, ପାଇକ ଆଖଡ଼ା, ଘୋଡ଼ାନାଚ, ବାଉଁଶରାଣି, ବାଘନାଚ, ସମ୍ବଲପୁରୀ ନୃତ୍ୟ ପ୍ରଭୃତି ମାଧ୍ୟମରେ ସେମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରିବା ପାଇଁ ଏକ ପ୍ରକୃଷ୍ଟ କାର୍ଯ୍ୟକ୍ରମ ବୋଲି ମତ ରଖିଥିଲେ । ଛାତ୍ରଛାତ୍ରୀ ହେଉଛନ୍ତି ଦେଶର ଭବିଷ୍ୟତ ବୋଲି ମନ୍ତବ୍ୟ ଦେବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଜିଲ୍ଲା କଲ୍ୟାଣ ଅଧିକାରୀ ଗୁରୁଚରଣ ମଲିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ପୂର୍ବତନ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ରଶ୍ମି ମଞ୍ଜରୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ତିଖିରୀ ସରପଂଚ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମ ସର୍ଗୀଫୁଲରେ ଅଂଶଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟସ୍ତରରେ ଅଂଶଗ୍ରହଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ।

# ଜେଲ ଗଲେ ବବିଙ୍କ ଭାଇ ଭବ



ଯାଜପୁର , ୨୩/୧୧ (ନି.ପ୍ର): ଜେଲ ଗଲେ ବିଜେଡି ନେତା ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି )ଙ୍କ ଭାଇ ଭବ ପ୍ରକାଶ ଦାସ । ତାଙ୍କୁ ଯାଜପୁର ସବ୍ ଜେଲକୁ ପଠାଇ ଦିଆଯାଇଛି । ଆଜି ସକାଳେ ଯାଜପୁର ଟାଉନ ପୁଲିସ ତାଙ୍କୁ ଗିରଫ କରିଥିଲା । ଯାଜପୁର ବିରଜା ହାଟରେ ଜଣେ ବ୍ୟବସାୟୀଙ୍କୁ ଧମକ ଦେବା ସହ ମାଡ଼ ମାରିବା ଅଭିଯୋଗରେ ପୁଲିସ ତାଙ୍କୁ ଗିରଫ କରିଥିଲା । ଗତକାଲି ବିଳମ୍ବିତ ରାତିରେ ଭବ ଦାସଙ୍କୁ ଘରୁ ଉଠାଇ ଆଣି ଅଟକ ରଖିଥିଲା ପୁଲିସ । ଆଜି ସକାଳେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପରେ ତାଙ୍କୁ ଗିରଫ କରାଯାଇ ଏସ୍‌ଡିଜେଏମ୍‌ଙ୍କ ବାସଭବନ ହାଜର କରାଯାଇଥିଲା । ପରେ ତାଙ୍କୁ ଯାଜପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ଭବ ପ୍ରକାଶ ଦାସଙ୍କ ବିରୋଧରେ ଲଗାଯାଇଥିବା ଦଫା ଗୁଡିକ ମଧ୍ୟରୁ ପ୍ରାୟ ସମସ୍ତ ଦଫା ଜାମିନ ଯୁକ୍ତ ହୋଇଥିବା ବେଳେ ଈଘଝ ୩୦୩(୨) ଅର୍ଥାତ୍ ଚୋରି କରିବା ଜାମିନ ବିହୀନ ଦଫା ହୋଇଥିବାରୁ ତାଙ୍କୁ ଗିରଫ କରାଯିବାର ଆଶଙ୍କା କରାଯାଉଥିଲା । ଗୁରୁବାର ସକାଳ ପ୍ରାୟ ୮ଟା ବେଳେ ମା' ବିରଜା ହାଟକୁ ମଦନ ନାୟକ ନାମକ ଜଣଙ୍କ ପରିବା ବ୍ୟବସାୟୀ ପରିବାପତ୍ର ବିକ୍ରି କରିବାକୁ ଆସିଥିଲେ । ସେ ୧୦ ହଜାର ଟଙ୍କାର ବାଇଗଣ, ଫୁଲକୋବି ଓ ଟମାଟୋ ଆଦି ବିକ୍ରି କରିବାକୁ ଆଣିଥିଲେ । ସେହି ସମୟରେ ଭବ ପ୍ରସାଦ ଦାସଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ତୁରନ୍ତ ପରିବା ଧରି ହାଟରୁ ପଳାଇବାକୁ ସେମାନେ ଧମକ ଦେଇଥିଲେ । କିନ୍ତୁ ସେ ରାଜି ନହେବାରୁ ଭବଙ୍କ ଲୋକମାନେ ତାଙ୍କୁ ବିଧା ଓ ଗୋଇଠା ମାରିଥିଲେ । ଏହା ସହିତ ସେମାନେ ତାଙ୍କ ପରିବା ନଷ୍ଟ କରି ଦେଇଥିଲେ । ଏମିତିକି ତାଙ୍କ ପକେଟରେ ଥିବା ୧୨,୦୦୦ ଟଙ୍କା ନେଇ ଯାଇଥିଲେ । ଭବ ପ୍ରକାଶ ଦାସଙ୍କ ସହିତ ତାଙ୍କ ସହଯୋଗୀ ବଳଭଦ୍ର ଦାସ, ଜଗନ୍ନାଥ ଦାସ, ସାହାଜୁଦ୍ଦିନ, ସେକ୍ ମୁର୍ତ୍ତେଜ, ସନ୍ତୋଷ କୁମାର ମଲ୍ଲିକ, ସୁରେନ୍ଦ୍ର ରଣା, ଅଜିତ ସାହୁ, ସୁବାଶିଷ ରାଉତ, ଦେବୀ ପ୍ରସାଦ ପାଣି, ସୁକାନ୍ତ ପାଣି, ତୁଷାର ରଞ୍ଜନ ବେହେରା, ପାର୍ଥ ସାରଥୀ ମହାପାତ୍ର, ମାନ ଗୋବିନ୍ଦ ପତି, ରଞ୍ଜନ ସାହୁ, ସୌଭାଗ୍ୟ ରଞ୍ଜନ, ଜନ୍ମେଜୟ କାନୁନଗୋ ଓ ଚିତ୍ତରଂଜନ ସାହୁଙ୍କ ନାଁରେ ମାମଲା ରୁଜୁ କରିଥିଲା ପୁଲିସ । ସମସ୍ତଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତା (ଈଘଝ)ରେ ଥିବା ଧାରା ୧୧୫(୨), ୨୯୬, ୩(୫), ୩୦୩ (୨), ୩୨୪(୪)ରେ ମାମଲା ରୁଜୁ ହୋଇଥିଲା । ଗତକାଲି ବିଳମ୍ବିତ ରାତିରେ ପୁଲିସ ଭବଙ୍କୁ ଘରୁ ଉଠାଇ ଆଣି ଥାନାରେ ଅଟକ ରଖିଥଲା । ପରେ ତାଙ୍କୁ ପୁଲିସ ଗିରଫ କରିଥିବା ଜଣାଯାଇଛି । ଏନେଇ ବବି ଦାସଙ୍କ ର କୌଣସି ପ୍ରତିକ୍ରିୟା ମିଳିନାହିଁ ।

# ଯାଜପୁର କଳିରେ ଲମ୍ଫ ମାରିଲେ ପ୍ରମିଳା: ପ୍ରତି ଆକ୍ରମଣ କଲେ ହିମାଂଶୁ



ଯାଜପୁର, ୨୩/୧୧ (ନି.ପ୍ର): ଯାଜପୁର ରାଜନୀତିରେ ଘଡ଼ିକେ ଘୋଡା ଛୁଟୁଛି । ହିମାଂଶୁ ସାହୁ-ଲଲ-ବବି କଳିରେ ଏଣ୍ଟ୍ରୀ ମାରିଛନ୍ତି ବିଞ୍ଝାରପୁର ବିଧାୟକ ପ୍ରମିଳା ମଲ୍ଲିକ । ସେ ଖାଲି ଏଣ୍ଟ୍ରୀ ମାରିନାହାନ୍ତି, ବରଂ ହିମାଂଶୁଙ୍କ ବିରୋଧରେ ବହେ ବର୍ଷିଛନ୍ତି । ପ୍ରମିଳା ମାଡାମଙ୍କ ଆରୋପର ଗୋଟି ଗୋଟି କରି ଜବାବ ଦେଇଛନ୍ତି ହିମାଂଶୁ । ହିମାଂଶୁ-ଲଲ-ବବି କଳିରେ ଏଣ୍ଟ୍ରୀ ମାରି ଗଣମାଧ୍ୟମରେ ପ୍ରମିଳା କହିଥିଲେ, କାହା ଉପରେ ହିଂସା ହୋଇଛି ? ପୁଲିସ୍ ତଦନ୍ତ କରି ପଦକ୍ଷେପ ନେବ । କିନ୍ତୁ ପୁଲିସ ଏବେ ସରକାରଙ୍କ ବୋଲକରା ସାଜିଛି । ବିଜେଡି କର୍ମୀ ଓ ନେତାଙ୍କୁ ପୁଲିସ ଲଗାଇ ସରକାର ହାରାସ୍ କରୁଛନ୍ତି । ଧର୍ମଶାଳା ବିଧାୟକ ମିଛ କହୁଛନ୍ତି । ଗାଡିରୁ ସେ ଓହ୍ଲାଇ ନାହାଁନ୍ତି । ତାଙ୍କୁ କିଏ ଆକ୍ରମଣ କଲା ? ତାଙ୍କ ବେକରୁ ଉତ୍ତରୀୟ ଖସିନି । ସେ କ'ଣ କହୁଛନ୍ତି ଚେନ ଛଡେଇ ନେଲେ ? ଭିଜୁଆଲ୍‌ରେ ତ କିଛି ଦେଖିବାକୁ ମିଳୁନାହିଁ । ଆତ୍ମ ପ୍ରଚାର ପାଇଁ ଧର୍ମଶାଳା ବିଧାୟକ ଏପରି କହୁଛନ୍ତି । ବିଧାୟକ କହୁଛନ୍ତି ଡିଡିଏମ୍ ଅଫିସ୍‌କୁ ଯାଉଥିଲେ । ରାତି ୭ ରୁ ୭.୪୫ ମିନିଟ୍‌ରେ କାହିଁକି ଅଫିସ୍ ଯାଉଥିଲେ ? କିଛି କଳା କାରବାର କରିବାକୁ ଯାଉଥିଲେ କି ? ୨୦୦ ଲୋକଙ୍କୁ ଧରି ଧର୍ମଶାଳା ବିଧାୟକ କାହିଁକି ଯାଇଥିଲେ ? ବିରଜା ପ୍ରକଳ୍ପ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି ବିଜେପି ସରକାର । କିଏ ଦୋଷୀ ପୁଲିସ ତଦନ୍ତ କରୁ ବୋଲି ପ୍ରମିଳା କହିଛନ୍ତି । ପ୍ରମିଳାଙ୍କ ଆରୋପର ଜବାବ ଦେଇଛନ୍ତି ହିମାଂଶୁ । ସେ କହିଛନ୍ତି, ତାଙ୍କ ନେତାଙ୍କ ନାଁ ଧରି ମୋତେ ଆକ୍ରମଣ କଲେ । ଦଳ ନିର୍ବିଶେଷରେ ଜଣେ ବିଧାୟକଙ୍କୁ ମାଡ଼ ହେବା ସମ୍ବେଦନଶୀଳ ଘଟଣା । ସମ୍ବେଦନ ପ୍ରକାଶ ନ କରି ଓଲଟା ପାଲଟା କହିବା ନିନ୍ଦାଜନକ । ଲଜ୍ୟା କହିବ ସେ ନେତ୍ରୀଙ୍କୁ । ସିଏ ମାନସିକ ଭାରସାମ୍ୟ ହରାଇ ବସିଲେଣି । ସାଧାରଣ ଲୋକ ଜାଗି ଉଠିଲେଣି । ସାଧାରଣ ଲୋକଙ୍କ ମତରେ ତାଙ୍କ ନେତା ହାରିଗଲେ । ଏଥିରେ କ୍ଷୁବ୍ଧ ହେବାର ଆବଶ୍ୟକତା ନାହିଁ ବୋଲି ଶ୍ରୀ ସାହୁ କହିଛନ୍ତି । ସେ କହିଛନ୍ତି, ମୁଁ ଯେତେବେଳେ ବେଳେ ମାଡ଼ ଖାଉଥିଲି, ସେତେବେଳେ ସାଧାରଣ ଲୋକ ଆସି ଛିଡ଼ା ହେଲେ । ୨୦୦ ଲୋକ କେତେବେଳେ ଆଣିଲି ? ଆଜି ପର୍ଯ୍ୟନ୍ତ ମୁଁ ବିରଜା ପ୍ରକଳ୍ପ ଓ ହାଟ ଉପରେ କୌଣସି ମନ୍ତବ୍ୟ ଦେଇନାହିଁ ସେ କହିଛନ୍ତି । ରାତିରେ ଜିଲ୍ଲାପାଳଙ୍କ ଅଫିସ୍ ଯିବା ନେଇ ଶ୍ରୀ ସାହୁ କହିଛନ୍ତି, ସାଢ଼େ ୬ଟା ପରେ ମୋତେ ଆକ୍ରମଣ ହୋଇଛି । ରାତି ୮ଟା ବା ୯ଟା ଯାଏଁ ଜିଲ୍ଲାପାଳଙ୍କ ଅଫିସ୍ ଖୋଲି ରହୁଛି । ଯଦି ତାଙ୍କର ଏତେ ସନ୍ଦେହ, ତେଣୁ ସେ ଡିଡିଏମ୍‌ଙ୍କୁ ପଚାରିପାରିବେ । ତେବେ ପ୍ରମିଳା ମାଡାମଙ୍କୁ ପ୍ରଶ୍ନ, ସିଏ କଣ ୪ଟା ନା ୫ଟା ବେଳୁ ଶୋଇ ପଡ଼ନ୍ତି ସିଏ ୬ଟା ବେଳେ କେବେ କଣ ଅଫିସ୍ ଯାଇନାହାନ୍ତି । ଏଇଟା କେବଳ ଛୋଟ ଛୁଆଙ୍କ ପରି ବାଚଳାମି ବୋଲି ହିମାଂଶୁ କହିଛନ୍ତି । ଉତ୍ତରୀୟର ଖସିନଥିବା ପ୍ରମିଳାଙ୍କ ଆରୋପ ନେଇ ଶ୍ରୀ ସାହୁ କହିଛନ୍ତି, ମୋ ଗାଡ଼ିର ଆଗ ଓ ପଛ ପାର୍ଶ୍ୱରୁ ମାଡ଼ ହୋଇଛି । କ'ଣ ଶୂନ୍ୟରୁ ଆସି ମାଡ଼ ହୋଇଥିଲା ? ଏକଥା କହିବା ପାଇଁ ଲଜ୍ଜା ଲାଗୁଛି । ମୁଁ ଉତ୍ତରିୟର କେତେବେଳେ କେଉଁଠି ରଖୁଛି ଓ ପକାଉଛି ତା'ର ଭିଡିଓ କରି କ'ଣ ପ୍ରମିଳା ମାଡ଼ାମଙ୍କୁ ପଠାଇବି ? ଏଭଳି କଥା କହିବା ବେଳକୁ ଲାଜ୍ଜା ଲାଗୁଛି ବୋଲି ହିମାଂଶୁ କହିଛନ୍ତି । ସେ ଆହୁରି କହିଛନ୍ତି, ମାଆ ବିରଜାଙ୍କ ପ୍ରକଳ୍ପ କାମ ଯାହା ହେଉଛି, ସେଥିରେ ଆମର ସହମତି ରହିଛି । ପ୍ରଳକ୍ଷ କାମ ଆହୁରି କେମିତି ଭଲ ହୋଇପାରିବ ତାହା ଉପରେ ଆମେ ସମସ୍ତେ ଧାନ ଦେଇଛୁ । ସେଥିପାଇଁ ପ୍ରଶାସନ ତତ୍ପର ଦେଖାଉଛି ବୋଲି ହିମାଂଶୁ କହିଛନ୍ତି । ମାଆ ବିରଜାଙ୍କ ନାଁରେ ରାଜନୀତି ନ କରିବାକୁ ଅନୁରୋଧ କରିଛନ୍ତି ଗୌତମ ରାଏ । ସେ କହିଛନ୍ତି, ବିନା ସୂଚନାରେ କାହିଁକି ସେଦିନ ରାସ୍ତାରୋକ କରିଥିଲେ । ଏହା କଣ ଗଣତନ୍ତ୍ର ? ଗାଡ଼ି ଭିତରେ ମାରପିଟ୍, ପିଏସ୍‌ଓଙ୍କୁ ଆକ୍ରମଣ ଓ ଚେନ ଛିଡ଼ାଇବା କଣ ଗଣତନ୍ତ୍ର ? ସେମାନଙ୍କ ଉଚ୍ଚାରଣ ଓ ଆଚରଣ ଭିତରେ ଅନେକ ଫରକ ଅଛି । ୨୪ ବର୍ଷର ଶାସନରେ ଯାଜପୁରରେ ଅରାଜକତା ସୃଷ୍ଟି କରିଛନ୍ତି ବୋଲି ଶ୍ରୀ ରାଏ କହିଛନ୍ତି ।

# ଭିଜିଲାନ୍ସ

# ବିଲ୍ଡର ସଂସ୍ଥା 'ଜେଡ'ରେ ରେଡ୍



ଭୁବନେଶ୍ୱର, ୨୩/୧୧ (ନି.ପ୍ର): ବିଲ୍ଡର ସଂସ୍ଥା 'ଜେଡ୍' ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ କରାଯାଇଛି । ବେଆଇନ ବୈଦେଶିକ ମୁଦ୍ରା ବିନିମୟ ଅଭିଯୋଗରେ ଏହି ଚଢ଼ାଉ କରାଯାଇଥିବା ଜଣାଯାଇଛି । ଇଡି ପକ୍ଷରୁ ୧୧ଟି ସ୍ଥାନରେ ଏହି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି । ବିଲ୍ଡର ସଂସ୍ଥା 'ଜେଡ୍' ବେଆଇନ ବୈଦେଶିକ ମୁଦ୍ରା ବିନିମୟ କରୁଥିବା ନେଇ ଅଭିଯୋଗ ହୋଇଥିଲା । ଏନେଇ ଇଡି ଏହି ସଂସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଥିଲା । ଗତକାଲି ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା । 'ଜେଡ୍' ନିର୍ଦ୍ଦେଶକଙ୍କ ଘର ଓ ଅଫିସରେ ମଧ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ବହୁ ଗୁରୁତ୍ୱ ପୂର୍ଣ୍ଣ କାଗଜ ପତ୍ର ଓ ମୋଟା ଅଙ୍କର ଟଙ୍କା ଜବତ କରାଯାଇଥିବା ସୂଚନା ମିଳିଛି । ଉକ୍ତ ରେଡ୍ ସମ୍ପର୍କରେ 'ତ' ଇଷ୍ଟେଟ୍ ମୁଖ୍ୟ ତପନ ମହାନ୍ତି କହିଛନ୍ତି, ଗତକାଲି ଉକ୍ତ ପକ୍ଷରୁ ରେଡ୍ କରାଯାଇ ନ ଥିଲା, ଖାଲି ସର୍ଚ୍ଚ କରାଯାଇଥିଲା । ୧୧ଟି ସ୍ଥାନରେ ଏହି ଯାଞ୍ଚ କରାଯାଇନଥିଲା, ୨ରୁ ୩ଟି ସ୍ଥାନରେ ଯାଞ୍ଚ କରାଯାଇଥିଲା । ଫରେନ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ-ଫେମା ଅନୁସାରେ ଯେଉଁ ବିଦେଶୀପୁଞ୍ଜି ଆସିଛି ତାହାକୁ ନେଇ ସାଧାରଣ ଭାବେ ୨ରୁ ୩ଟି ସ୍ଥାନ ଭୁବନେଶ୍ୱ ଘର, ଅଫିସ ଓ ଦିଲ୍ଲୀର ଏକ ଅଫିସରେ ଯାଞ୍ଚ କରାଯାଇଥିଲା । ଆମେ ତାଙ୍କୁ ସହଯୋଗ କରିଛୁ ।

# ବେଆଇନ୍ କଫ ସିରପ ଓ ସଙ୍ଗା ଆସରରୁ ୫ ଗିରଫ: ନଗଦ ଟଙ୍କା ଜବତ

ସମ୍ବଲପୁର, ୨୩/୧୧ (ନି.ପ୍ର): ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସମ୍ବଲପୁର ସହରକୁ ନିଶାମୁକ୍ତ କରିବା ଅଭିମୁଖେ ଉଦ୍ୟମ ଜାରି ରଖିଛି । ଏହି ପରିପ୍ରେକ୍ଷୀରେ ଶନିବାର ମଧ ବ୍ୟାପକ ପରିମାଣର ନିଷିଦ୍ଧ ନିଶା କଫ୍‌ସିରପ ଓ ବେଆଇନ ଭାବେ ଚାଲିଥିବା ସଙ୍ଗା କାରବାରରେ ଲିପ୍ତ ୫ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କ ଠାରୁ ପୋଲିସ ଶହେ ମିଲିଲିଟର ବିଶିଷ୍ଟ ୧୧୫ ବୋତଲ ଓ୍ୱିନ୍ନିରେକ୍ସ ନିଶା କଫ୍‌ସିରପ୍, ୧୫ଟି ଶହେ ମିଲିଲିଟର ବିଶିଷ୍ଟ ଦେଶୀମଦ ପାଉଚ, ପ୍ରାୟ ୧ ଲିଟର ଅପମିଶ୍ରିତ କଫ୍‌ସିରପ, ଦୁଇ ଷ୍ଟ୍ରିପ୍ ନାଇଟ୍ରଜେପାମ୍ ନିଶା ବଟିକା ସହିତ ସଙ୍ଗାପଟି, ସଙ୍ଗାଖାତା କଲମ ଓ ମୋଟ ନଗଦ ୨୭ହଜାର ୭୭୦ ଟଙ୍କା ଜବତ କରିଛି । ସମ୍ବଲପୁର ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି ଯେ ସମ୍ବଲପୁରରେ ଚାଲିଥିବା ନିଶାମୁକ୍ତ ଅଭିଯାନ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ପୋଲିସର ସ୍ୱତନ୍ତ୍ର ଦଳ ଚଢ଼ାଉ ଜାରି ରଖିଛି । ଏହି ପରିପ୍ରେକ୍ଷୀରେ ବେଆଇନ ଭାବେ ନିଶା କଫ୍‌ସିରପ କାରବାର ଚାଲିଥିବାବେଳେ ରେମେଡ-ହୀରାକୁଦ ରାସ୍ତାର ଚେପ୍‌ଟିପୁଲିଆ ନିକଟରେ ଚଢ଼ାଉ କରି ବରେଇପାଲିଥାନା ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ତାରାକଣା ଗ୍ରାମର ସୁଦାମ ସୁନାନୀ(୨୬), ସମ୍ବଲପୁର ବରେଇପାଲି ଥାନା ଅନ୍ତର୍ଗତ ମିଲପଡ଼ାର ମୁକ୍ତିଲାଭ ମହାକୁଦ(୧୯) ଓ ତାଲଭଟାପଡ଼ାର ସୁନିଲ ମହାନ୍ତି(୨୦) ରହିଛନ୍ତି । ସେମାନଙ୍କ ନିକଟରୁ ଶହେ ମିଲିଲିଟର ବିଶିଷ୍ଟ ୧୧୫ ବୋତଲ ନିଷିଦ୍ଧ ନିଶା କଫ୍‌ସିରପକୁ ଜବତ କରିଛି । ଏହାସହ ଏକ ଲିଟର ଅପମିଶ୍ରିତ ନିଶା କଫ୍‌ସିରପ, ଦୁଇ ଷ୍ଟ୍ରିପ୍ ନାଇଟ୍ରାଜେପାମ୍ ନିଶା ବଟିକା, ଶହେ ମିଲିଲିଟର ବିଶିଷ୍ଟ ୧୫ଟି ଦେଶୀମଦ ପାଉଚ ଓ ୨ଶହ ଟଙ୍କା ନଗଦ ରାଶିକୁ ଜବତ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଏତଦ୍‌ବ୍ୟତୀତ ସମ୍ବଲପୁର ଟାଉନଥାନା ପୋଲିସ ମଧ ପୃଥକ ଭାବେ ଦୁଇଟି ସ୍ଥାନରେ ଚଢ଼ାଉ କରି ବେଆଇନ୍ ଭାବେ ସଙ୍ଗା କାରବାରରେ ଲିପ୍ତ ୨ ଅଭିଯୁକ୍ତ ଗିରଫ କରିଛି । ଗୁରଦ୍ୱାରା ପଡ଼ାରେ ଚଢ଼ାଉ କରି ଆମ୍ବେଦକର ନଗରର ପିଙ୍କୁ ରାଜହଂସ(୨୨)ଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ସଙ୍ଗାପଟି, ସଙ୍ଗାଖାତା ସହ ୧୨୨୦ ଟଙ୍କା ଜବତ କରିଛି । ସେହପରି ପିରବାବା ଛକରେ ଚଢ଼ାଉ କରି ଭୈରୋଗଳିର କୈଳାଶ ଶର୍ମା(୬୯)ଙ୍କୁ ଗିରଫ କରି ତାଙ୍କ ଠାରୁ ମଧ ସଙ୍ଗାପଟି ଓ ସଙ୍ଗାଖାତା ସହିତ ୨୬୩୫୦ ଟଙ୍କା ଜବତ କରିଛି । ଏହାକୁ ନେଇ ଉଭୟ ଥାନାରେ ବିଭିନ୍ନ ଦଫାରେ ପୃଥକ ଭାବେ ମାମଲା ରୁଜୁକରି ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି ।

# ଓଡ଼ିଶାର ଇତିହାସରେ ହରେକୃଷ୍ଣ ମହତାବଙ୍କ କୃତିତ୍ୱ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୩/୧୧ (ନି.ପ୍ର): ଓଡ଼ିଶାର ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ଇତିହାସରେ ଡ଼ଃ ହରେକୃଷ୍ଣ ମହତାବଙ୍କ କୃତିତ୍ୱ, ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଅଧ୍ୟାୟ । ଏକାଧାରାରେ ସେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ରାଜନୀତିଜ୍ଞ, ସାହିତ୍ୟିକ, କୂଟନୀତିଜ୍ଞ, ଐତିହାସିକ ଏବଂ ଲୋକପ୍ରିୟ ଜନନେତା । ଆଧୁନିକ ଓଡ଼ିଶା ନିର୍ମାଣର ବିଶ୍ୱକର୍ମା ଭାବେ ସେ ସ୍ୱତନ୍ତ୍ର ପରିଚୟର ଅଧିକାରୀ ମଧ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଏହା କହିଛନ୍ତି । ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ତରଫରୁ ଆୟୋଜିତ ମହାନ ଜନନାୟକ 'ଉତ୍କଳ କେଶରୀ' ଡ଼ଃ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସ୍ମରଣ ଉତ୍ସବର ତୃତୀୟ ଦିବସରେ ଯୋଗଦେଇ ଶ୍ରୀ ମାଝୀ ଏହା କହିଛନ୍ତି । ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ହୀରାକୁଦ ବନ୍ଧ, ଭୁବନେଶ୍ୱର ରାଜଧାନୀ, ରାଜଭବନ ନିର୍ମାଣ, ଓଡ଼ିଶା ସାହିତ୍ୟ ଏକାଡେମି ପ୍ରତିଷ୍ଠା, ରାଜ୍ୟ ସଂଗ୍ରହାଳୟ, ଲଳିତ କଳା ଏକାଡେମି, ରବୀନ୍ଦ୍ର ମଣ୍ଡପ, ଆକାଶବାଣୀ କଟକ, ହାଇକୋର୍ଟ ପ୍ରତିଷ୍ଠା, ବିଦ୍ୟାଧରପୁର ଧାନ ଗବେଷଣା କେନ୍ଦ୍ର ଇତ୍ୟାଦି ହେଉଛି ଡ଼ଃ ହରେକୃଷ୍ଣ ମହତାବଙ୍କ ଅବଦାନ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଆମ ସରକାର ସ୍ୱର୍ଗତଃ ମହତାବ୍ ?ଙ୍କ ଅବଦାନର ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦେଇ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । କେନ୍ଦ୍ର ସରକାରଙ୍କ ସହଯୋଗରେ ଜାତୀୟ ସ୍ତରରେ ମହତାବଙ୍କ ଜୟନ୍ତୀ ପାଳନ କରାଯାଇଛି । ଜଣେ ଆଦର୍ଶ ବରପୁତ୍ର ହିସାବରେ ଡ଼ଃ ମହତାବଙ୍କ ଏ ଜୟନ୍ତୀ ଅବସରରେ ତାଙ୍କୁ ସମ୍ମାନିତ କରିବା ସହ ଓଡ଼ିଶାର ଜନମାନସରେ ତାଙ୍କର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏକ' ବାୟୋପିକ' ନିର୍ମାଣ କରିବା ପାଇଁ ଆମ ସରକାର ନିଷ୍ପତ୍ତି ନେଇଛନ୍ତି । ଆଗାମୀ ଦିନରେ ଏଭଳି ଅନେକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ତାଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ 'ନୂଆ ଓଡ଼ିଶା ଏବଂ ସମୃଦ୍ଧ ଓଡ଼ିଶା' ନିର୍ମାଣକୁ ସାକାର କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୪ ନଭେମ୍ବର ୨୦୨୪
email : rabibarachayan2015@gmail.com



# ଧାରାବାହିକ ଉପନ୍ୟାସ



# ବୈଦେହୀ

ଡ.ଭାଗବତ ବେହେରା

ଭାଗ-୭୬
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି ।**
**ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

କାହିଁକି ମୋ ସ୍ୱାମୀ ମୋ ନିକଟକୁ ଆସୁନାହାନ୍ତି । ସେଥିପାଇଁ ଅନ୍ତର ମଧ୍ୟରେ ଭୟ। ସାରା ରାତି ମୋର ଉଜାଗରରେ କଟିଛି । ମନରେ କେତେ ଆଶା, ଭାବନା । ବନବାସର ଅବଧି ଆମର ଶେଷ ହୋଇ ଆସିଲାଣି । ଅଯୋଧ୍ୟାରୁ ଆସିବା ପରେ ବାରବର୍ଷ ଆମର ଆର୍ଯ୍ୟାବର୍ତ୍ତର ନାନା ପ୍ରଦେଶର ଅରଣ୍ୟବାସରେ କଟିଛି । ବାକି ଦୁଇବର୍ଷ ରାବଣର ଅଶୋକ ବନରେ କଟିଗଲାଣି। ଏହାପରେ ଆମେ ଅଯୋଧ୍ୟା ଫେରିଯିବାର କଥା। ଅଯୋଧ୍ୟାପୁର ବାସୀ ମାନେ ଆମକୁ ଅନାଇ ରହିଥିବେ । ଅନାଇ ରହିଥିବେ ମୋର ତିନି ଶାଶୁମାତା, ତିନି ଭଉଣୀ, ଦେବର ଭରତ, ଶତ୍ରୁଘ୍ନ। ସେମାନଙ୍କୁ ଦେଖିବାପାଇଁ ମନ ମୋର ବ୍ୟାକୁଳିତ ହୋଇ ଉଠୁଥାଏ । ସାରା ରାତି ଏମିତି କେତେ ଆଶା, କେତେ ଭାବନାକୁ ନେଇ କଟିଛି । ରାତି ପାହିବା ପରେ ସହଳ ସ୍ନାନ ସାରି ମୁଁ ଅଶୋକ ବେଦୀ ମୂଳରେ ଅନାଇ ରହିଥାଏ ମୋ ପତିଦେବତାଙ୍କୁ । କେତେବେଳେ ସେ ଆସିବେ। ତାଙ୍କୁ ମୁଁ କେମିତି ସ୍ୱାଗତ କରିବି ? କେମିତି ପାଖକୁ ଡାକିବି ? ସେ ଆସି ମୋ ହାତଧରି କହିବେ, "ବୈଦେହୀ ରାବଣ ମୃତ୍ୟୁବରଣ କଲା। ବନବାସର ଦୁଃଖ ଆମର ସରି ଆସିଲା । ଏବେ ଚାଲ ଆମେ ଅଯୋଧ୍ୟା ଫେରିଯିବା ।"

ଏହିକଥା ଚିନ୍ତାକରି ଶରୀର ମୋର ପୁଲକିତ ହୋଇ ଉଠୁଥାଏ ପ୍ରତିଦିନ । ମୁଁ ଆନନ୍ଦ ସାଗରରେ ଭାସି ଯାଉଥାଏ କେଉଁ ଅଜଣା ଦ୍ୱୀପକୁ । ସେଠାରେ ଆଉ କେହି ନଥିବେ, ଥିବେ ମୋ ପ୍ରଭୁ ଆଉ ମୁଁ । ଭାବୁଭାବୁ ନିଜକୁ ନିଜେ ଚମକି ଉଠେ । ଯେ କ'ଣ ମୁଁ ଭାବିଯାଉଛି । ଲଙ୍କାରେ ଘଟିଥିବା ଯୁଦ୍ଧର ଅବସାନ ସିନା ହୋଇଛି, ହେଲେ ଏ ପର୍ଯ୍ୟନ୍ତ ତ ମୁଁ ମୋ ସ୍ୱାମୀ, ଦେବର କାହାକୁ ଦେଖୁନାହିଁ । କ'ଣ ହୋଇଛି ଲଙ୍କାର ? ରାବଣର ମୃତ୍ୟୁପରେ ଲଙ୍କାଗଡ଼ରେ ଆଉ କିଛି ଅଘଟଣ ଘଟିଯାଇ ନାହିଁ ତ ?

ରହିଁରହିଁ ବେଳ ପ୍ରହରେକୁ ବଳିଗଲାଣି । କେହି ଜଣେ ହେଲେ ବି ଦାସୀ ପରିଚାରିକା ଆସୁନାହାନ୍ତି । କାହାପାଖରୁ ଲଙ୍କାର ସମ୍ବାଦ ମୁଁ ପାଇବି, ତାହା ମୁଁ ଚିନ୍ତାକରି ପାରୁ ନଥାଏ । ପବନର ଧୀର ପ୍ରବାହରେ ଲଙ୍କା ଗଡ଼ରୁ ଭାସି ଆସୁଥାଏ ତୁହାକୁ ତୁହା କରୁଣ ଧ୍ୱନି । ଏହାଛଡ଼ା ମୁଁ ଆଉ କିଛି ଶୁଣିବାକୁ କିମ୍ବା ଦେଖିବାକୁ ପାଉନଥାଏ ପ୍ରତିଦିନ।

ମୋ କଥାର ସ୍ରୋତକୁ ମଝିରେ ରୋକିଦେଇ ସୁଧାମୟୀ କହିଥିଲା, ଦେବୀ ଜାନକୀ ତୁମେ ଏକାକୀ ସେ ଅଶୋକବନରେ ଥିଲ କେମିତି ?

କ'ଣ ଆଉ କରିଥାନ୍ତି କହ ସୁଧାମୟୀ । ଏକାହେଲେ ବି ମୁଁ ଯାଇଥାନ୍ତି କୁଆଡ଼େ ? ଲଙ୍କାଗଡ଼ରେ ଶୋକର ଛାୟା । ସେ ସ୍ଥାନକୁ ମୁଁ କ'ଣ ଯାଇ ପାରିଥାନ୍ତି ? ଏମିତି ଏମିତିରେ ଆଉ କିଛିସମୟ ବିତି ଯାଇଥିଲା । କୌଣସି ସମ୍ବାଦ ନପାଇ ମୁଁ ଅତ୍ୟନ୍ତ ଅସ୍ଥିର ହୋଇପଡୁଥିବାବେଳେ, ମା' ତ୍ରିଜଟା କାନ୍ଦିକାନ୍ଦି ଆସି ମୋ ପାଖରେ ପହଞ୍ଚି କହିଥିଲେ, ଆଜି ତୋତେ ନଜଣାଇ ମୁଁ ନଗରକୁ ଚାଲି ଯାଇଥିଲି ସୀତା । ନଗରର ଶୋକାକୁଳିତ ପରିବେଶ ମୋ ଗୋଡ଼ରେ ବେଡ଼ି ପକାଇଦେଲା। ମୁଁ ସହଳ ଆସିବାକୁ ଚାହିଁଲେ ମଧ୍ୟ ଆସିପାରିଲି ନାହିଁ।

ତ୍ରିଜଟା ନବରରୁ ଫେରିବାର ଜାଣି ମୁଁ ପଚାରିଥିଲି, ମା' ତ୍ରିଜଟା ଲଙ୍କା ରାଜବାଟୀର ଅବସ୍ଥା ଏବେ କେମିତି ? ପତିଙ୍କୁ ହରାଇ କେମିତି ଦେହଧରି ଅଛନ୍ତି ମାତା ମନ୍ଦୋଦରୀ ?

ସେ କଥା ତୁ ଆଉ ମୋତେ ପଚାରନା ମାଆ ଜାନକୀ । ରାଜା ବିହୁନେ ରାଜ୍ୟ ଶୂନ୍ୟ । ପ୍ରଜାଜନଙ୍କର ବୁକୁଫଟା କ୍ରନ୍ଦନରେ ଲଙ୍କାରେ ବହୁଛି ଅଶ୍ରୁର ବନ୍ୟା । ପତି ବିହୂନେ ମାତା ମନ୍ଦୋଦରୀଙ୍କ ଅବସ୍ଥା ତୁମେ ନିଜ ଆଖିରେ ନଦେଖିଲେ ଜାଣିପାରିବ ନାହିଁ । ତାଙ୍କ ବିଳାପ ଶୁଣିଲେ ପଥର ବି ତରଳି ଯିବ ମାଆ ବୈଦେହୀ।

ମାଆ ତ୍ରିଜଟାଙ୍କ କଥା ଶୁଣି ମୁଁ କହିଥିଲି, ମୁଁ ଜାଣେ ମା' ମୁଁ ସବୁ ଜାଣେ । ମାତା ମନ୍ଦୋଦରୀଙ୍କ ଅବସ୍ଥା ବର୍ତ୍ତମାନ କେମିତି ଥିବ ତାହା ମୁଁ ସ୍ୱଚକ୍ଷୁରେ ନଦେଖିଲେ ମଧ୍ୟ ଅନୁଭବ କରିପାରୁଛି । ଜଣେ ସତୀ ନାରୀ ପାଇଁ ତା ପତି ହିଁ ତା ପାଇଁ ଇଶ୍ୱର । ପତି ହିଁ ସତୀ ନାରୀର ଗତି, ମୁକ୍ତି ଦାତା, ପ୍ରାଣ, ମନ, ଆତ୍ମା ସବୁକିଛି। ପତି ବିହୁନେ ନାରୀର କୌଣସି ସ୍ଥିତି ନାହିଁ ଗୋ ମାଆ । ପତିର ସ୍ନେହ, ପ୍ରେମ, ମମତା ପତ୍ନୀ ପାଇଁ ଗଂଗା, ଯମୁନା, ସରସ୍ୱତୀର ନିର୍ମଳ ତ୍ରିଧାରା । ସମୁଦ୍ର ସଂଗମ ପାଇଁ ନଦୀ ଯେମିତି ବ୍ୟାକୁଳିତ, ପତିର ସ୍ନେହ, ପ୍ରେମର ବନ୍ଧନରେ ବାନ୍ଧି ହେବାପାଇଁ ନାରୀ ମନ ସଦା ସେମିତି ଧାଇଁଥାଏ । ପତି ତା ମସ୍ତକର ସିନ୍ଦୂରଗାର, ହସ୍ତର ଶଂଖା ଆଉ ଓଷ୍ଠରେ ହସର ଧାରା । ଏଥିରୁ ବଞ୍ଚିତ ହେଲେ ନାରୀ ବଞ୍ଚି ମଧ୍ୟ ମରୁଥାଏ ମାଆ ତ୍ରିଜଟା। ଆଜି ମାତା ମନ୍ଦୋଦରୀଙ୍କର ସେହି ଅବସ୍ଥା ତାଙ୍କ ଜୀବନର ନଈର ଧାରା ଶୁଖିଗଲା ଗୋ ମାଆ। ସବୁଦିନ ପାଇଁ ହଜିଗଲା ମସ୍ତକର ସିନ୍ଦୂର, ଭାଂଗିଗଲା ହାତର ଶଂଖା, ଆଉ ଶୁଖିଗଲା ଓଷ୍ଠାଧାରରୁ ସ୍ୱାମୀ ପାଇଁ ଝରି ପଡୁଥିବା ଅମୃତସମ ମଧୁର ହାସ । ମୋତେ କ'ଣ ତୁମେ ମାତା ମନ୍ଦୋଦରୀଙ୍କ ପାଖକୁ ନେଇଯାଇ ପାରିବ ମା' ? ମୋ କଥାର ଉତ୍ତର ଦେଇ ସେ କହିଥିଲେ ନା ମାଆ ଜାନକୀ । ତାହା କେବେବି ସମ୍ଭବ ନୁହେଁ।

ଲଙ୍କାନଗରରେ ଏବେ ଜନସମୁଦ୍ର । ପ୍ରଜାମାନେ ଆକୁଳରେ କାନ୍ଦି କାନ୍ଦି ଲୋଟି ଯାଉଛନ୍ତି। ତୁମ ସ୍ୱାମୀ, ଦେବରଙ୍କ ସହିତ ଅନ୍ୟମାନେ ମଧ୍ୟ ଲଙ୍କା ନଗରରେ ଅଛନ୍ତି । ତାଙ୍କୁ ବେଢ଼ିଯାଇ ଲଙ୍କାର ଅନେକ ବିଧବା ରମଣୀ ରୋଦନ କରୁଛନ୍ତି । ତାଙ୍କୁ ପ୍ରଶ୍ନ କରୁଛନ୍ତି, ହେ ପରମ ଦୟାଳୁ ପୁରୁଷ ରାମଚନ୍ଦ୍ର, କାହିଁକି ତୁମେ ଆମକୁ ଅନାଥିନୀ ସଜାଇଲ ? ଆମ ପତିମାନଙ୍କୁ ନିଧନ କଲ ? ଶେଷରେ ଆମ ସ୍ୱର୍ଣ୍ଣଲଙ୍କାର ଅଧିଶ୍ୱର ଦଶଶିରଙ୍କୁ ମଧ୍ୟ ବଧ କଲ । ସ୍ୱାମୀଙ୍କୁ ହରାଇ, ଆମ ରାଜାଙ୍କୁ ହରାଇ ଆମେ କେମିତି ଜୀବନ କାଟିବୁ ।

ରାଣୀ ମନ୍ଦୋଦରୀ କାନ୍ଦିକାନ୍ଦି ଲୋଟି ଯାଉଛନ୍ତି ତୁମ ସ୍ୱାମୀଙ୍କ ପାଦତଳେ । ତୁମ ସ୍ୱାମୀ ତାଙ୍କୁ ପ୍ରବୋଧନା ଦେଉଛନ୍ତି । ଏଣେ ଲଙ୍କାର କିଛି ହିତୈଷୀ ମୁନି, ଋଷିମାନେ ଆସି ତୁମ ସ୍ୱାମୀଙ୍କୁ ଅନୁରୋଧ କରୁଛନ୍ତି, ବିଭୀଷଣଙ୍କୁ ଲଙ୍କା ସିଂହାସନରେ ବସାଇବା ପାଇଁ । ଲଙ୍କାର ସିଂହାସନ ଶୂନ୍ୟ । ଜଣେ ରାଜା ହେଲେ ସିନା ରାଜାଙ୍କ ଆଦେଶରେ, ରାଜକୀୟ ସମ୍ମାନ ନେଇ ଲଙ୍କପତି ରାବଣଙ୍କ ଶବସତ୍କାର କରାଯିବ । ମୁନି ଋଷିଙ୍କ ଅନୁରୋଧ ରକ୍ଷାକରି ତୁମ ପ୍ରଭୁ ଲଙ୍କାରେ ବିଭୀଷଣଙ୍କୁ ରାଜା କରାଇବେ । ଏହାପରେ ରାବଣର ଶବସତ୍କାର ହେବ । ଏସବୁ କାର୍ଯ୍ୟ ଶେଷ ହେଲା ପରେ ତୁମ ଆରାଧ୍ୟ ଦେବତା, ତୁମ ପ୍ରାଣର ଠାକୁର ଭଗବାନ ରାମ ତୁମକୁ ନେବାପାଇଁ ଏଠାକୁ ଆସିବେ। ସେ ପର୍ଯ୍ୟନ୍ତ ତୁମେ ଏହିଠାରେ ତାଙ୍କୁ ପ୍ରତୀକ୍ଷା କରି ରୁହ ମାଆ ଜାନକୀ । ଏହି ସମ୍ବାଦ ଦେଇ ମାଆ ତ୍ରିଜଟା ଅଶୋକ କାନନରୁ ଚାଲି ଯାଇଥିଲେ।

(କ୍ରମଶଃ)

♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ତୀର୍ଯ୍ୟକ

ସୁବ୍ରତ ପଟ୍ଟନାୟକ



# ସରକାରୀ ଚାପ

ସରକାରୀ ନିଯୁକ୍ତି ଓ ବଦଳି କ୍ଷେତ୍ରରେ ଆଉ ଚଳିବନି ସରକାରୀ ଚାପ। ଏହାକୁ ସରକାର ଆଦୌ କରିବେ ନାହିଁ ବରଦାସ୍ତ। ଚାପ ପକାଉଥିବା ବ୍ୟକ୍ତି ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଅଧିକ କଠୋର ହେବ ନୀତି, ନିୟମ। ବଦଳି ଆଦିରେ ଉପର ମହଲର ହାତ ଅନାବଶ୍ୟକ। ସର୍ଭିସ୍ ରୁଲ୍ସ ଅଫ୍ କଣ୍ଡକ୍ଟ ବା ଚାକିରି ନିୟମ ପାଳନ ହେବା କଡ଼ାକଡ଼ି। ଏହି ମର୍ମରେ ବହୁ ବିଭାଗକୁ ଚିଠି ଲେଖିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା।

ସରକାରୀ ଚାପ କଣ ? କିଏ ପକାନ୍ତି ? କାହା ଉପରେ ଓ କାହିଁକି ପକାନ୍ତି ? ପୂର୍ବ ସରକାର ଅମଳରେ ଏହାର ଚେର ଥିଲା ନା ନୂଆ ସରକାରରେ ଗଜା ଧରିଛି ? ଏସବୁର ଉତ୍ତର ପାଇବାକୁ ଅଧିକ ଆଲୋଚନା ଆବଶ୍ୟକ। ବାୟୁ ମଣ୍ଡଳର ଚାପ ଯୋଗୁ ସୃଷ୍ଟିହୁଏ ଲଘୁଚାପ। ଆସେ ଝଡ଼, ବାତ୍ୟା, ତୋଫାନ୍ । ମଣିଷର ଉଚ୍ଚ ରକ୍ତଚାପ ଯୋଗୁ ଘଟିପାରେ ହାର୍ଟଷ୍ଟ୍ରୋକ୍, ବ୍ରେନ୍‌ଷ୍ଟ୍ରୋକ୍, କୋମା। ମାତ୍ର ସରକାରୀ ଚାପରେ କଣ ଘଟେ ଯେ, ମୁଖ୍ୟ ଶାସନ ସଚିବ ଏତେ ବ୍ୟସ୍ତ ବିବ୍ରତ ?

କେହି ମାନନ୍ତୁ ନା ନମାନ୍ତୁ, ସରକାର ବଦଳିଲେ ମନକୁ ମନ ଆରମ୍ଭ ହୁଏ ଚାପ। ବିଭିନ୍ନ ପଦାଧିକାରୀଙ୍କୁ କରାଯାଏ ଅଦଳ, ବଦଳ। ଏହା ଧରାବନ୍ଧା କଥା। କୌଣସି ଅଧିକାରୀ ଏହାକୁ ଅସ୍ୱୀକାର କରି ପାରିବେ ନାହିଁ। ଆମେ ଛୋଟିଆ ଉଦାହରଣ ଦେଉଚେ। ଓଡ଼ିଶାରେ ବିଜେଡ଼ି ସରକାର ପତନ ପରେ, ଗାଦିକୁ ଆସିଛନ୍ତି ମୋହନ ମାଝୀ ସରକାର। ତିନି ମାସ ମଧ୍ୟରେ ଖୋଦ୍ ମୁଖ୍ୟ ଶାସନ ସଚିବ ଓ ପୁଲିସ ଡିଜିଙ୍କୁ କରାଯାଇଛି ବଦଳି। ସେମାନଙ୍କର କାର୍ଯ୍ୟକାଳ ସରିଥିଲା କି ? ନୂଆ ବିଜେପି ସରକାର ଚାହିଁଥିଲେ, ସେମାନଙ୍କର କାର୍ଯ୍ୟକାଳ ବଢ଼ାଇ ପାରିଥାନ୍ତା। ମାତ୍ର ସେମିତି ହୋଇନାହିଁ। ଯେତେ ଆଇନକାନୁନ ଥାଉ ନା କାହିଁକି, ବଦଳି ଓ ନିଯୁକ୍ତି ଆଦି ସରକାରଙ୍କର ମର୍ଜି।

ଅସଲ କଥା ହେଲା, ଶାସନ ଚଳାଇବା ପାଇଁ ନିଜ ପସନ୍ଦର ଅଧିକାରୀ ନିଯୁକ୍ତି ଜରୁରୀ। ଏହି ନ୍ୟାୟରେ କମିସନର, ସଚିବ, ଜିଲ୍ଲାପାଳ, ଡିଜି, ଆଇଜି, ଏସ୍‌ପି ପ୍ରମୁଖଙ୍କୁ କରାଯାଏ ବଦଳି। ଜନ ପ୍ରତିନିଧିଙ୍କ ପସନ୍ଦ ଅନୁଯାୟୀ ହୁଏ କାମ। ସରକାରୀ 'ଚାପ' ଓ ସରକାରୀ 'ପସନ୍ଦ' ମଧ୍ୟରେ ପ୍ରଭେଦ କଣ ? ଅଛି କି ଫରକ୍ କରିବାର ମାପକାଠି ? ଯାଞ୍ଚ ରିପୋର୍ଟରେ ଯଦି ଚାପ ବଦଳରେ ସରକାରୀ ପସନ୍ଦ ଲେଖାଯାଏ, ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ କି ?

କେତେକ ରାଜନେତା ନିର୍ବାଚନରେ ଦଳୀୟ ଟିକେଟ ହାତେଇବା ପାଇଁ ଖର୍ଚ୍ଚ କରନ୍ତି କୋଟି କୋଟି ଟଙ୍କା। ପ୍ରଚାର ସମୟରେ ଭଡ଼ା ଗାଡ଼ିରେ ଗଣ୍ଡିଲି ଗଣ୍ଡିଲି ନୋଟ୍ ଚାଲାଣ ହୁଏ। ଭୋଟରଙ୍କୁ ଆଖିମୁଦି ବଣ୍ଟାଯାଏ। ନିର୍ବାଚନରେ ବାଜିମାତ କରିଥିବା ନେତା ନିଜ ଅନୁଗତ ଖାସ୍ ଅଧିକାରୀଙ୍କୁ ପାଖରେ ବା ନିଜ ଅଞ୍ଚଳରେ ରଖିବାକୁ ଚାହିଁବେ। ସେମାନଙ୍କ ଜରିଆରେ ଉଠାଯିବ ଫାଇଦା। କେବଳ ସରକାରୀ ନିଯୁକ୍ତି ଓ ବଦଳି କ୍ଷେତ୍ରରେ ନୁହେଁ, ଠିକାଦାରୀ, ଟେଣ୍ଡର, ଲିଜ୍, ନିଲାମ ଆଦିରେ ପଡ଼େ ପ୍ରବଳ ଚାପ। ଏପରିକି ଜେଲ୍ ଭିତରେ ଥିବା ମାଫିଆ ଡନ୍, ଗ୍ୟାଙ୍ଗଷ୍ଟରଙ୍କ ମଉଜ ମଜଲିସ ଲାଗି ଏହା କାମରେ ଲାଗେ। ନିର୍ବାଚନ ସମୟରେ ବିଶିଷ୍ଟ ଶିଳ୍ପପତି ଦଳୀୟ ପାଣ୍ଠିକୁ ଦିଅନ୍ତି ମୋଟା ଅଙ୍କର ଚାନ୍ଦା। ପ୍ରାର୍ଥୀ ବିଜୟୀ ହେଲେ, ସେମାନଙ୍କ ଉପରେ କୋଟିପତିଙ୍କ ଅଙ୍କୁଶ ଲାଗିବା ସ୍ୱାଭାବିକ। ରସାଳିଆ ପଦ ପଦବୀ ପାଇଁ ଭିତିରିଆ କାରବାର ହୁଏ କି ନା ତାହା ଏହି ସ୍ତମ୍ଭକାର ହଲପ କରି କହିପାରିବ ନାହିଁ। ଖୋଳତାଡ଼ କଲେ ବାହାରିବେ ମହାଦେବ।

ମୋହନ ମାଝୀ ସରକାର ଛଅ ମାସ ଶାସନ କାଳ ମଧ୍ୟରେ ପ୍ରାୟ ଛଅ ଡଜନ 'କୁବେର'ଙ୍କୁ ଧରିଛନ୍ତି ଭିଜିଲାନ୍ସ ଜାଲରେ। ସେମାନଙ୍କର ଆୟ ବର୍ହିଭୂତ ସମ୍ପତ୍ତି କଳନା କରିବା କାଠିକର ପାଠ। କୋଠାବାଡ଼ି, ଗାଡ଼ି ଘୋଡ଼ାକୁ ଛାଡ଼ି ମିଳୁଛି କେଜି କେଜି ସୁନା ଗହଣା। ସତେକି ଏଗୁଡ଼ାକ ଶାଗ କି ମାଛ ? ଦୁର୍ନୀତିଖୋର ଅଧିକାରୀ କଣ ରାତାରାତି ଅଚଳାଚଳ ସମ୍ପତ୍ତି ଠୁଳ କରିଛନ୍ତି ? ପଛରେ ନିଶ୍ଚୟ ବଡ଼ବଡ଼ିଆ ନେତା, ଅଫିସରଙ୍କ ହାତ ଥିବ। ଗିରଫ ଅଧିକାରୀ ମଧ୍ୟ ପାଉଛନ୍ତି ସହଜରେ ଜାମିନ୍। ଅଧିକାଂଶ କ୍ଷେତ୍ରରେ ନିର୍ଦ୍ଦୋଷରେ ଖଲାସ। ଅଭିଯୁକ୍ତଙ୍କ ମଧ୍ୟରୁ ମାତ୍ର ସାତ ପ୍ରତିଶତ ସାବ୍ୟସ୍ତ ହେଉଛନ୍ତି ଦୋଷୀ। ଅନ୍ୟମାନେ ପାଲଟୁଛନ୍ତି ଗୋଟା ତୁଳସୀ। ତାହେଲେ ଏଭଳି ଧରପଗଡ଼ର ମାନେ କଣ ? ଚାପ ପକାଉଥିବା ରାଜନେତା, ମନ୍ତ୍ରୀ, ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନା ସମ୍ପୃକ୍ତ ପ୍ରାର୍ଥୀଙ୍କ ବିରୋଧରେ ? ଉତ୍ତର ଖୁବ୍ ଜଟିଳ। ଆମେ ଅନେକ ଦକ୍ଷ, ନିଷ୍ପାପର ଆଇଏଏସ୍, ଆଇପିଏସ ଅଫିସରଙ୍କୁ ଦେଖିଚୁ। ଯେଉଁମାନେ ଚାପ ପ୍ରୟୋଗ କରିବାକୁ ମନ ବଳାନ୍ତି ନାହିଁ। ମାତ୍ର ସେମାନଙ୍କୁ କରାଯାଏ କୋଣ ଠେସା। କେତେକ ମୁଖ୍ୟ ଶାସନ ସଚିବ ମଧ୍ୟ ହୋଇଛନ୍ତି ଏହାର ଶିକାର। ସେମାନଙ୍କର ନାମ ପ୍ରଘଟ କରିବାକୁ ଆମେ ଚାହୁଁନାହୁଁ। ଗତ ସରକାରରେ ଜଣେ ଆଇଏଏସ୍ ଦୀର୍ଘ ବାର ବର୍ଷ କାଳ ହୋଇଥିଲେ ରାଜ୍ୟର ସର୍ବେସର୍ବା। ସମସ୍ତେ ଚୁପ୍।

ସେପଟେ ରାଜନେତାଗଣ ଯୁକ୍ତି କରୁଛନ୍ତି - ନିର୍ବାଚିତ ଜନ ପ୍ରତିନିଧିଙ୍କ ପସନ୍ଦ ଅନୁଯାୟୀ ବଦଳି ଓ ନିଯୁକ୍ତି ହେବା ଉଚିତ୍। ସୁପ୍ରିମକୋର୍ଟ କୁଆଡ଼େ ସେମାନଙ୍କ ସପକ୍ଷରେ ମତ ଦେଇଛନ୍ତି। ସାଂସଦ ଓ ବିଧାୟକ ପ୍ରଶାସନକୁ ନିଜର ପ୍ରସ୍ତାବ ଦେଇପାରିବେ। ଚୂଡ଼ାନ୍ତ ନିଷ୍ପତ୍ତି ପ୍ରଶାସନର। କେହି ତୁଣ୍ଡ ଫିଟାଇ ପାରିବେ ନାହିଁ। ଆମର ପ୍ରଶ୍ନ- ଚାପ ପ୍ରୟୋଗ ଯଦି ଦୋଷାବହ, ତାହେଲେ ଦୋଷୀ ବିରୋଧରେ ତତ୍କାଳ ଲଗାମ ଲଗାଯିବାର ଅସୁବିଧା କେଉଁଠି ? ଚୋରି କରିବା ଅପରାଧରେ ପୁଲିସ ଚୋରକୁ ବାନ୍ଧେ ନା ତା ନିକଟକୁ ଚିଠି ପଠାଏ ? ଏତେ ପାଲା, ସୁଆଙ୍ଗ କାହିଁକି ? ଚାପ ମୁକ୍ତ ପ୍ରଶାସନ ଓ ସରକାର ପାଇଁ ସତ୍ୟନିଷ୍ଠ ସଂକଳ୍ପ ଜରୁରୀ। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ତଳିଆ ଚପରାଶି ପର୍ଯ୍ୟନ୍ତ ସମସ୍ତେ ମିଳିମିଶି ଅଣ୍ଟା ଭିଡ଼ିବା ଦରକାର। ତା ନହେଲେ କାଳା ଆଗରେ ମୂଳା ଚୋବାଇବା ସାର। ଆଜି ଏତିକି ଥାଉ। ଜୟ ଜଗନ୍ନାଥ।

♥ ଓରାଳି, କେନ୍ଦୁଝର
ମୋ : ୯୯୩୭୭୯୧୨୪୪

## କବିତା...

### ॥ ହାଟ ॥

● ଅକ୍ଷୟ ପାତ୍ର



ହାଟ ମଝିରେ ବ୍ରହ୍ମଜ୍ଞାନ ?
ନା' ନା'
କହିଲା ପୁରସ୍ତମ।

ହାଟ;
ବାହୁପିଟି ଉପୁଜାଇଥିବା ଦ୍ରବ୍ୟ ସବୁର
ମୂଲଚାଲ ଓ ବଣିଜ ପାଇଁ।

ହାଟ;
ପସରାପାତି
କ୍ରେତା, ଭୋକତାଙ୍କୁ ଆକର୍ଷି ଆଣିବା ପାଇଁ।
କିଛି ଅର୍ଥ ଅରଜି
ହାଟ;
ମହିତଳେ ଥାନ ପାତିବା ପାଇଁ।

ହାଟର ଗହଳିରେ
ହାଟର ଦର କଷାକଷିରେ
ହାଟର ଉଚ୍ଚବାଚରେ
କ'ଣ ବିତରି ହୁଏ
ବ୍ରହ୍ମଜ୍ଞାନ ?

ନା' ନା'
ଦୋହରାଇଲା ପୁରସ୍ତମ।

ବ୍ରହ୍ମଜ୍ଞାନ କ'ଣ କି ?
ମୁଁ କିଏ ?
ମୁଁ କିଆଁ ଜିଏଁ ?
ମୁଁ କିଆଁ କାମିନୀ କାଞ୍ଚନ ପାଇଁ
ଶିରା ପ୍ରଶିରା ଦୁହେଁ ?
ମୁଁ କିଆଁ ମରି ମରି ଜିଏଁ
ପୁଣି ମୁକତିର ରାହାଲୋଡ଼ି
ଦହଗଞ୍ଜ ହୁଏ ?
ମୁଁ କିଆଁ କେବେ
ସୁନାହରିଣ ପଛେ ଧାଁଏ ତ
ପୁଣି କେବେ ଦୁନିଆଁକୁ ଶ୍ମଶାନ ପରାୟେ
ମଣେଁ ?

ଆହା !
ହାଟ ତ ଏକ ମାୟାର ଭୁବନ
ହାଟ ତ ପାର୍ଥୀବ ଆକାଂକ୍ଷା ଓ ଆକର୍ଷଣର
ଏକ ଦେ'ଣ ନେ'ଣ

ସେଠି ଥାନ କାଇଁ
ଡର କାଇଁ
ନିରୋଳ ଆଲୋଡ଼ନ କାଇଁ
ବୁଝିବାକୁ ବ୍ରହ୍ମଜ୍ଞାନ ?

ପୁରସ୍ତମ !
ହାଟ ମଝିରେ ବ୍ରହ୍ମ ଜ୍ଞାନର ବଖାଣ
ହାଟ ମଝିରେ ନିଜ ଠିକଣାର ନିରୁତା ସନ୍ଧାନ
ଯେ ଅଜ୍ଞାନ
ଏତିକି ବୁଝିଯିବା ହିଁ ସତରେ
ଗଳଦ୍‌ଘର୍ମ ହାଟୁଆ ପାଇଁ
କ'ଣ କମ୍ ଜ୍ଞାନ ?

♥ ବିଭାଗ ମୁଖ୍ୟ
ଇଂରାଜୀ ଭାଷା ସାହିତ୍ୟ ବିଭାଗ ହିନ୍ଦୋଳ
ମହାବିଦ୍ୟାଳୟ, ଖଜୁରିଆକଟା
ଢ଼େଙ୍କାନାଳ-୨୦
ମୋ: ୭୦୭୭୯୮୪୯୬୦

### ॥ ଏକା ଏକା ॥

● ସୁମିତା ବେହେରା



ମୋର ନିପାରିଲାପଣରେ
ମୁଁ ଏବେ ଲହୁଲୁହାଣ

ଆକାଶର ଅଗଣାରେ
ବିଞ୍ଚିହୋଇ ରହିଥିବା
ଅସୁମାରି ତାରାଙ୍କୁ ଚିହ୍ନିବାକୁ ଚେଷ୍ଟାକରି
ବିଫଳ ହେବା ବଡ କଥା ନୁହେଁ,
କିନ୍ତୁ ହଲେ ଡେଣା ଦେଇ
ଅରାଏ ଆକାଶକୁ ପ୍ରଲମ୍ବିତ କରିବାର
ମନ୍ତ୍ରରେ
ଦିକ୍ଷିତ କରିଥିବା ପାଦ ଦୁଇଟି
ଆଜି ମୋ ମୁଣ୍ଡ ଉପରେ
ମୁଁ ନିରବ ବଟସ୍କର ।

ବେଳେବେଳେ ଭାବେ ବେଳା ଖରାପ
ବାରୁଦ ସ୍ତୁପ ଉପରେ ସଂସ୍କୃତି
ପ୍ରତିକୂଳ ଦିଗରେ ପ୍ରବହମାନ
ଉର୍ଦ୍ଧ୍ୱମୁଖ ପ୍ରାଣ
ପଛରେ ରହିଯାଇଛି
ତନ୍ମୟ ସଭ୍ୟତା ।

ବିଶ୍ୱାସର ମଲ୍ଲୀମାଳ ନାଇ
ମୁଁ କିଛି ନୂଆ କରିବାର ଭ୍ରମ ହେଉ ବା
ଅହଂକାରରେ
କୁଆଁପତ୍ର ମେଲିବା ଆଗରୁ
ବିଦ୍ରୋହୀ ପୃଥିବୀର ଅରାଜକତା ।

ଜାଣେ
ଏ ସମୟ ଖୁବ୍ ଅନୁଦାର
ସିଝିବାକୁ ଛାଡିଦିଏ ଏକା ଏକା
କାଳି କାଳି ହୋଇ ଝରିଯାଏ ,
ତାକୁ ଅନିଶା କରି କରି
ମୁମୂର୍ଷୁ ମୋ ଆଜି ସରିଯାଏ ।

ତଥାପି ବାନ୍ଧି ରଖିଛି
ପାପୁଲିରେ ମୋର
ଚିହ୍ନା, ଅଚିହ୍ନା, ଦୋଦୋଚିହ୍ନା
ମୁଠାଏ ଉଚ୍ଚାଟ,
କେତେବେଳେ ଫାଟିପଡିବେ
ପାହାଡୀ ନଈ ପରି
ଧୋଇଦେବେ

ମୋ ଭିତରେ ଜଳିପୋଡି
ପାଉଁଶ ହୋଇ ରହିଥିବା
ବିଶ୍ୱାସର ଅବଶେଷ ।

ପୋତିଦେବେ ପୁଣିଥରେ
ରୂପ, ରସ, ଗନ୍ଧଭରା
ଅସଂଖ୍ୟ ବୀଜ,
ସେଇଥିରୁ ହୁଏତ ଫୁଟି ଉଠିବ ହସଫୁଲ
ଲିଭାଇବା ପାଇଁ ଅଦୃଶ୍ୟ ଦରଜ ।

♥ କାଳିକାପୁର, ବାରିପଦା

### ॥ ଫେରିବାର ବେଳ ॥

● ଝରଣା ଦାସ



ବେଳ ରତ ରତ ହେଲାଣି ଆସି
ସାଥୀ ଦେବାକୁ ସମୟ ଓ ପରିସ୍ଥିତି ଭଳି
ନାରାଜ ହେଲାଣି ଦେହ ବି;
ଶୂନ୍ୟରେ କୁହୁଡ଼ି ପହଁରି
ଆଉ କେତେ ଉଡ଼ି ହେବ
ମନପକ୍ଷୀରାଜ ଘୋଡ଼ା ସହ ତାଳ ରଖି !
ଫେରିବାକୁ ହେବ ପରା ଏବେ ଘରକୁ ।

ବାନ୍ଧି ରଖିଥିଲା ଏଯାଏଁ
ମୋହାଚ୍ଛନ୍ନ କରି ଶକ୍ତ ଯେଉଁ ଗଣ୍ଠି
ହୁଗୁଳା ହେଇ ତାହା ବି
ଫିଟିବାକୁ ଆରମ୍ଭ କଲାଣି ।

ଚିହ୍ନା ମୁହଁମାନଙ୍କର ଦୋଦୋପାଞ୍ଚ
ବ୍ୟବହାର
ଅଚିହ୍ନାମାନଙ୍କ ପାଖେଇ ଆସିବା
ଭିଡ଼ ଭିତରେ
ପର ଆପଣା ଭେଦ ବାରି ନପାରି
ଜୀବନଟା ଏବେ ଦ୍ୱନ୍ଦ୍ୱରେ ।
ଗୋଟେ ମିଛ ମିଛିକା ସ୍ୱପ୍ନର ପିଛା କରିଯାଇ
ଖୁବ୍ ଲଢ଼ିବାକୁ ହେଲା ଜୀବନରେ;
ସ୍ୱପ୍ନଭଙ୍ଗ ପରେ ଏବେ
ଖୋଜି ହେଲା ବେଳେ ନିଜକୁ
କେତେ ଭାବରେ ବାଣ୍ଟି ଯାଇ
ପାଲଟି ସାରିଥିଲି ମୁଁ ତ ଅସ୍ତିତ୍ୱହୀନ ।

ଜିତିଲି କେତେ
ହାରିଲି କେତେ
ଦେଣନେଣ ବେପାର ବୁଝି
ଜୀବନ ରଙ୍ଗମଞ୍ଚର
ଏଇ ଲେଉଟାଣି ବେଳରେ
ହିସାବ ଦେବାକୁ ହେବ ପରା
ଜଣକୁ ଏବେ ।

♥ କଲ୍ୟାଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର -୭୫୬୦୦୧
ମୋ : ୮୩୪୨୮୫୬୦୦୧

### ॥ ପରିବର୍ତ୍ତନ ॥

● ସିପୁନୁ ଜେନା



ଗଛରୁ ପତ୍ର ଝଡୁଛି
ପତ୍ର କଅଁଳୁଛି
ଫୁଲ ଫୁଟୁଛି
ଫଳ ଧରେ ବେଳେବେଳେ
ସମୟ ଆସିଲେ ପାଖେଇ ।

ଦିନ, ମାସ, ବର୍ଷ ବିତୁଛି
ଋତୁ ପରେ ଋତୁ ବଦଳୁଛି
ପୁଣିଥରେ ଫେରୁଛି
ବର୍ଷେ ବାଟ କାଟି
ଆଉ କା' ଅକ୍ତିଆରରେ ରହିବା ପାଇଁ ।

ବଦଳିବା ଭିତରେ
ବଦଳୁଛି ସମୟଚକ୍ର
ଫେରୁଛି ଋତୁ ପରେ ଋତୁ
କିନ୍ତୁ ଫେରୁନି ଅତୀତ
ରହିଯାଏ ସ୍ମୃତିର ଚିହ୍ନ ।

ପୁରୁଣା ପୃଷ୍ଠାକୁ
ତନ୍ନ ତନ୍ନ କରି ଅଣ୍ଡାଳିଲେ
ଆଉ କି ମିଳେ ପୁରୁଣା ଦିନ
ଗଡି ଯାଇଥିବା ବୟସ... ?

ଅଫେରା ସମୟରେ
ସବୁ ଯାଇଛି ହଜି
ଆଉ ନାହିଁ ମାଦକତା, ଉନ୍ମାଦ
ଋତୁ ଖାଲି ବେସୁରା ରାଗିଣୀ
ଖାଲି ପଡିଛି ସମୟର ବାଟ ।

କାହା ପାଇଁ ମଉଜ
କାହା ପାଇଁ ହତାଶ ଜୀବନ
ତଥାପି ତା' ବାଟରେ ଚାଲିଛି ପରିବର୍ତ୍ତନ ।

♥ ଗ୍ରାମ- ତର୍କାବେଢ଼ା, ପୋ.ଅ- କଡ଼ଲା
ଭାୟା- ମେରାମଣ୍ଡଳୀ
ଜିଲ୍ଲା- ଢେଙ୍କାନାଳ - ୭୫୯୧୨୧
ମୋ- ୮୭୬୩୦୭୦୫୩୫

# କବିତାରେ ମୋର ବ୍ୟକ୍ତିଗତ ଗୁରୁ କେହି ନାହାନ୍ତି କି ମୁଁ ଏଯାବତ୍ କୌଣସି ଗୁରୁକୁଳରେ ସାମିଲ୍ ହୋଇନାହିଁ : ସମରେନ୍ଦ୍ରନାଥ ମହାପାତ୍ର

**ସମରେନ୍ଦ୍ରନାଥ ମହାପାତ୍ର ଓଡିଆ ସାହିତ୍ୟ ଜଗତରେ ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ । କବିତା, ଶିଶୁ ସାହିତ୍ୟ ରଚନା, ଗୀତ ରଚନା ଓ ସଙ୍ଗୀତ ନିର୍ଦ୍ଦେଶନା, ସାହିତ୍ୟ ଚର୍ଚ୍ଚା ଓ ଉପସ୍ଥାପନା, ସାମ୍ବାଦିକତା ଓ ସମ୍ପାଦନା ପରି କ୍ଷେତ୍ରରେ ସେ ପ୍ରଦର୍ଶିତ କରି ସାରିଛନ୍ତି ନିଜର ପାରଦର୍ଶିତା । ଯେଉଁଦିନ ସରକାର ଓଡ଼ିଆ ମାତୃଭାଷାକୁ ଶିକ୍ଷାଦାନର ଭାଷା ଓ ଚାକିରିର ଭାଷା ଭାବେ ବ୍ୟବହାର କରିବେ ସେଦିନଠୁ ସଂକଟ ଟଳିଯିବ ବୋଲି କହୁଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ଅକ୍ଷରେ ସମରେନ୍ଦ୍ରନାଥ ମହାପାତ୍ର



ଜନ୍ମ ତାରିଖ - ୧୯.୧୧.୧୯୬୨
ଜନ୍ମ ସ୍ଥାନ - ରୂପ୍‌ସା, ବାଲେଶ୍ୱର
ପୈତୃକ ଗ୍ରାମ - ବୀରନରସିଂହପୁର (ପୁରୀ)
ପିତା - ଜଗନ୍ନାଥ ମହାପାତ୍ର (ସ୍ୱର୍ଗତ)
ମାତା - ହରପ୍ରିୟା ଦେବୀ (ସ୍ୱର୍ଗତା)

■ ପ୍ରକାଶିତ ପୁସ୍ତକ ■

ଶିଶୁ ସାହିତ୍ୟ –
୧. ଏକ୍ ଦୁଇ ତିନ୍ - ୧୯୮୮
୨. ଅଗଡ଼ମ୍ ବଗଡ଼ମ୍ -୧୯୯୦
୩. ଅନାବନା ଗପ -୨୦୦୭
୪. ଜନମ ମାଟି ଡାକେ -୨୦୦୮
୫. ନାଲି ଗୁଲୁ ଗୁଲୁ ସାଧବବୋହୂ -୨୦୦୮
୬. ମଜା ମଜା କବିତା -୨୦୧୨
୮. ବିଷର୍ଣ୍ଣ ନଦୀର ତୀରେ -୨୦୧୫
୯. ଟଙ୍କିକିଆ ମଣିଷ -୨୦୨୦
୧୦. ଉତ୍ତର ଫାଲ୍‌ଗୁନ -୨୦୨୪

କବିତା ସଂକଳନ –
୧. ମୌନ ଅଭିସାର -୧୯୯୭
୨. ଉତ୍ତୀର୍ଣ୍ଣ ଅବତୀର୍ଣ୍ଣ -୧୯୯୯
୩. ଏକା ଏକା ବିକ୍ରମାର୍କ -୨୦୦୦
୪. କଳିକାଳ -୨୦୦୧
୫. ଶବ୍ଦ ସମଗ୍ର -୨୦୧୦
୬. ନାୟକ -୨୦୧୧
୭. କବିତା ସାରା ଜୀବନ -୨୦୧୩

ବଙ୍ଗଳା କବିତା ସଂକଳନ
୧. ବିଷର୍ଣ୍ଣ ନଦୀର ତୀରେ -୨୦୨୨
୨. କବିତା ସାରା ଜୀବନ -୨୦୨୩

ହିନ୍ଦୀ କବିତା ସଂକଳନ
୧. ରହୁଙ୍ଗା ନହିଁ କଲ୍ -୨୦୨୪

ସଂପାଦନା –
୧. ବେପରୁଆ ବାଦ୍‌ଶାହ (ଅକ୍ଷୟ ମହାନ୍ତିଙ୍କ ସ୍ମୃତିଚାରଣ-୨୦୦୮)
୨. ସାହିତ୍ୟର ସମ୍ଭାବନା (ଅାଲୋଚନା/ ସମାଲୋଚନା-୨୦୧୧)
୩. ପ୍ରସଙ୍ଗ ଅପ୍ରସଙ୍ଗ (ପ୍ରବନ୍ଧ ସଂକଳନ- ୨୦୧୨)

■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କର ସୃଜନର ଆଦ୍ୟସ୍ଫୁରଣ ?

■■ ମୋତେ ଲାଗେ ମୁଁ କବିତା ଲେଖିବା ପାଇଁ ହିଁ ଜନ୍ମ ହୋଇଛି । କାରଣ: ଅନେକ କିଛି କାମ ମୋ ଦେଇ ହୁଏନାହିଁ । ସଠିକ୍ ପାଠ ପଢ଼ିଥିଲେ ବି ଠିକ୍‌ସେ ଚାକିରିଟିଏ କରିପାରିଲିନି । ନନା ଚାଲିଯିବା ପରେ ଘରର ପରିସ୍ଥିତି ଅନୁକୂଳ ନ ଥିବାରୁ ବାଣୀବିହାରରେ ପିଜି ପରେ କମ୍ପିଟିଟିଭ୍ ପରୀକ୍ଷା ଦେଇପାରି ନଥିଲି କି କୌଣସି ଚାକିରି ପାଇପାରି ନ ଥିଲି । କୌଣସିମତେ ଗୋଟେ ଛୋଟ ଖବରକାଗଜ ('ଜନଭାଷା') ଭର୍ତ୍ତି ହୋଇଯାଇଥିଲି ସାମୟିକ ଗୁଜୁରାଣ ମେଣ୍ଟାଇବାକୁ ଯେ ସେହି ଲେଖିବା ବୃତ୍ତି ହିଁ ମୋର ପସନ୍ଦର ବୃତ୍ତି ହୋଇ ଯାଇଥିଲା । ଛୋଟ କାଗଜରୁ ସବୁଠାରୁ ବଡ଼ କାଗଜ 'ସମାଜ', 'ସମ୍ବାଦ' ଯାଏଁ ଗଲି । ମାତ୍ର ସେସବୁ ଅନୁଷ୍ଠାନର କାଇଦା-କଟକଣା ଓ ଭିତରେ ଥିବା ଅନ୍ତର୍ଦ୍ୱନ୍ଦ୍ୱରେ ଅଣନିଃଶ୍ୱାସୀ ହୋଇ ସ୍ୱାଧୀନ ଭାବେ କିଛି କରିବାକୁ ଚେଷ୍ଟାକଲି ଏଇ ଲେଖାଲେଖି ବୃତ୍ତିରେ । ତେବେ ସାହିତ୍ୟ ରଚନାରେ କବିତା ଛଡ଼ା ଆଉ ବିଶେଷ କିଛି ଲେଖିନି ଏ ଯାଏଁ- ଗଳ୍ପ ଉପନ୍ୟାସଠୁ ତ ବହୁ ଦୂରରେ । ହଁ, ମୋର ସୃଜନର ଆଦ୍ୟ ସ୍ଫୁରଣ କଥା ଯାହା ପଚାରିଛନ୍ତି, ତାହା ତେର ବର୍ଷ ବୟସରୁ ଆରମ୍ଭରୁ ହୋଇଥିଲା । ୧୯୭୫ ମସିହାରେ ପୁରୀରେ ମ୍ୟୁନିସ୍‌ପାଲିଟି ହାଇସ୍କୁଲ୍‌ରେ ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ମୁଁ ପ୍ରଥମ କବିତା ଲେଖିଥିଲି- 'ଭାରତ ମୋର ଜନମ ଭୂଇଁ' । ତାହା 'ସ୍ୱରାଜ୍ୟ' ଖବରକାଗଜର 'କିଶୋର ମହଲ' ବିଭାଗରେ ପ୍ରକାଶ ପାଇଥିଲା । ଛପା ଅକ୍ଷରରେ ନିଜ ନାଁ ଦେଖି କି ଖୁସି ସେଦିନ ମୋର ! ଲେଖୁଲେଖୁ ପ୍ରକାଶ ପାଇଯିବାଟା ସେତେବେଳେ ମୋତେ ଖୁବ୍ ଉତ୍ସାହିତ କରିଥିଲା । ତା'ଛଡ଼ା ସ୍କୁଲରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କବିତାରେ ଫାଷ୍ଟ ହେବା ଦ୍ୱାରା ସହପାଠୀ ଓ ଶିକ୍ଷକଙ୍କ ପ୍ରଶଂସା ମିଳିଲା- ଏହା ମୋତେ ବହୁତ ଉତ୍ସାହିତ କରିଥିଲା । ଗୋଟାଏ ସମୟ ଆସିଲା- 'ସ୍ୱରାଜ୍ୟ' କାଗଜର ସେଇ 'କିଶୋର ମହଲ' ପୃଷ୍ଠାରେ ପ୍ରାୟ ପ୍ରତି ସପ୍ତାହରେ ମୋ ଲେଖା ପ୍ରକାଶ ପାଇଲା । ପରେ ପରେ ଶିଶୁପତ୍ରିକା 'ବାରମଜା', 'ବିଲୁଆନନା', 'ସୁନାପିଲା', 'ଟିକି ଦୁନିଆ', 'ମୀନା ବଜାର', 'ମନପବନ', 'ବାଘମାମୁ', 'ଶିଶୁଲେଖା' ପ୍ରଭୃତି ଶିଶୁପତ୍ରିକାରେ ମୋ ଲେଖା ପ୍ରକାଶ ପାଇ ଚାଲିଲା । ୧୯୭୯ ବେଳକୁ ଆନ୍ତର୍ଜାତିକ ଶିଶୁ ବର୍ଷ ପାଳନ ଅବସରରେ 'ମୀନାବଜାର'ଠାରୁ ଆରମ୍ଭ କରି 'ସୁନାପିଲା', 'ବିଲୁଆନନା', 'ଟିକି ଦୁନିଆ' ପ୍ରଭୃତି ପତ୍ରିକାଗୁଡ଼ିକରୁ ସମ୍ମାନିତ ତଥା ସମ୍ବର୍ଦ୍ଧିତ ହେଲି ଶିଶୁ ସାହିତ୍ୟିକ ଭାବେ । ପରେ ପରେ ଅବଶ୍ୟ କବିତା ଲେଖା ଚାଲିଲା, ମାତ୍ର ଶିଶୁଙ୍କ ମାନସିକତାରୁ ଦୂରେଇ ଏହା ବୟସ୍କମାନଙ୍କ କବିତାରେ ପରିଣତ ହେଲା । ଲେଖାର ଧାରା ବଦଳିଲା । ଅଭିବ୍ୟକ୍ତି ବଦଳିଲା । ଆଧୁନିକ ଛନ୍ଦହୀନ କବିତା ଲେଖାଗଲା ଯଦିଓ ପଦ ମଧ୍ୟରେ ଅନ୍ତର୍ଛନ୍ଦ ଭରି ରହିଲା ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୁଁ ପିଲାଦିନୁ ସ୍ୱତଃ ଲେଖାଲେଖି ଆରମ୍ଭ କରିଥିଲି । କାହାକୁ ଦେଖି ବା କାହା ଦ୍ୱାରା ଅନୁପ୍ରାଣିତ ହୋଇ ନୁହେଁ । ତେବେ ମୋ ବଡ଼ ଭାଇ ପତ୍ରପତ୍ରିକାରେ କିଛିଟା ଲେଖାଲେଖି କରୁଥିଲେ । ଶୁଣିଥିଲି ନନା (ବାପା) ଆଦ୍ୟ ଜୀବନରେ ସେ ସମୟର ଲୋକପ୍ରିୟ ଇଂରାଜୀ ପତ୍ରିକାରେ ଲେଖାଲେଖି କରୁଥିଲେ । ଏଇଥିରୁ ହୁଏତ କେହି ଅନୁମାନ କରିପାରେ ଯେ ମୋ ରକ୍ତରେ ହୁଏତ ସାହିତ୍ୟାନୁରାଗ କିଛିଟା ଥିଲା । ମାତ୍ର ମୁଁ ଏମିତି କାହାଠୁ ଦେଖିଶିଖି କିଛି ଲେଖିନାହିଁ । ତେବେ ମୁଁ ପଢ଼ାପଢ଼ି ବହୁତ କରୁଥିଲି । ସେତେବେବେଳେ ପୁରୀରେ ଆମ ଘର ପାଖରେ ରାମକୃଷ୍ଣ ମିଶନ୍ ଥିଲା । ପିଲାଦିନରୁ ସେସବୁ ଅନୁଷ୍ଠାନକୁ ମଝିରେ ମଝିରେ ଯାଉଥିଲି । ସେଠି ବାର୍ଷିକ ଉତ୍ସବ ଓ ବିଭିନ୍ନ ଆଧାତ୍ମିକ ସଭାସମିତିରେ ଯୋଗ ଦେଉଥିଲି । ସ୍ୱାମୀ ବିବେକାନନ୍ଦଙ୍କ ସଂପର୍କରେ କିଛି ବହି ପଢୁପଢୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଯାଇଥିଲି । ସେଠି ବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କାର ପାଇଥିଲି । ଏପରିକି ବିବେକାନନ୍ଦଙ୍କ ଉପରେ ଆୟୋଜିତ କବିତା ପ୍ରତିଯୋଗିତାରେ ମଧ ଯୋଗଦେଇ ପୁରସ୍କୃତ ଓ ପ୍ରଶଂସିତ ହୋଇଥିଲି । ସେତେବେଳେ ରାମକୃଷ୍ଣ ମିଶନ୍‌ର ଗୋଟିଏ ବଡ଼ ପାଠାଗାର ଥିଲା । ତାହା ନିୟମିତ ଅପରାହ୍ନ ଚାରିଟାରୁ ଆଠଟା ପର୍ଯ୍ୟନ୍ତ ଖୋଲୁଥିଲା । ପଞ୍ଚମ/ଷଷ୍ଠ ଶ୍ରେଣୀରୁ ବି.ଏ. ପାଶ୍ କରିବା ପର୍ଯ୍ୟନ୍ତ ପ୍ରାୟ ନିୟମିତ ସେଠାକୁ ଯାଉଥିଲି । ସେଠି ଓଡ଼ିଆ ସମେତ ବିଭିନ୍ନ ଭାଷାର ସମ୍ବାଦପତ୍ର ଓ ପତ୍ରପତ୍ରିକା ଆସୁଥିଲା । ମୋର ମୁଖ୍ୟ ଆକର୍ଷଣ ଥିଲା ପତ୍ରପତ୍ରିକା । କାରଣ ବଜାରରୁ ଗୁଡ଼ାଏ ପତ୍ରପତ୍ରିକା କିଣିବା ସମ୍ଭବ ନ ଥିଲା । ପିଲାଙ୍କ ପତ୍ରିକା ମନପବନ, ବାରମଜା, ସୁନାପିଲା, ଟିକିଦୁନିଆ, ବାଘମାମୁ, ମୀନାବଜାର,ଶିଶୁଲେଖା ପ୍ରଭୃତି ସେ ପାଠାଗାରକୁ ଆସୁଥିଲା । ତେଣୁ ମୁଁ ନିୟମିତ ସେଠାକୁ ଯାଇ ପତ୍ରିକାସବୁ ପଢୁଥିଲି । ଏହା ହୁଏତ ମୋ ଭିତରେ ଲେଖାଲେଖି ପ୍ରତି ଆଗ୍ରହ ଜନ୍ମାଇଥିଲା । ପତ୍ରିକା ପଢ଼ିବା ସଙ୍ଗେ ସଙ୍ଗେ ସେସବୁର ସମ୍ପାଦକଙ୍କ ଠିକଣା ଟିପି ଆଣି କ୍ରମେ ଲେଖା ପଠାଇବା ଆରମ୍ଭ କଲି । ଲେଖାଟିଏ କୌଣସି ପତ୍ରିକାରେ ପ୍ରକାଶ ପରେ ପରେ ସେ ପତ୍ରିକାକୁ ଆଉ ଗୋଟିଏ ଲେଖା ପଠାଇବା ଅଭ୍ୟାସରେ ପରିଣତ ହେଲା । ଆସ୍ତେ ଆସ୍ତେ ବଡ଼ଙ୍କ ସାହିତ୍ୟ ପତ୍ରିକା ଓଲଟାଇବା ଆରମ୍ଭ କଲି- ଝଙ୍କାର, ଆସନ୍ତାକାଲି, ନବରବି, ମାନସ, ସମାବେଶ, ଜନସାହିତ୍ୟ, ମଳୟ, ଆଲୋକ, ପୌରୁଷ ପ୍ରଭୃତି ପଢ଼ିଲି । ପାଠାଗାରରେ ପଢୁପଢୁ କ୍ରମେ ତା'ର ମେମ୍ବର ହୋଇଗଲି ଓ ଘରକୁ ବହି ଆଣି ପଢ଼ିଲି । ଏହା ଅବଶ୍ୟ ମୋର ସାରସ୍ୱତ ଜ୍ଞାନ ବଢ଼ାଇବାରେ ସହାୟକ ହେଲା । ସେହି ପାଠାଗାରରୁ ବହି ଆଣିଆଣି ଶିଶୁ ସାହିତ୍ୟ, ଡିଟେକ୍‌ଟିଭ୍, ଗଳ୍ପ, କବିତା, ନାଟକ, ଉପନ୍ୟାସ ପ୍ରଭୃତି ବହି ପଢ଼ିବା ଆରମ୍ଭ କରି ପ୍ରତି କ୍ୟାଟଲଗ୍ ପ୍ରାୟ ସାରିଦେଇଥିଲି । ସେଇଠୁ ପଢ଼ିଲି ଗୁରୁ ମହାନ୍ତି, ସଚ୍ଚି ରାଉତରାୟ । ରମାକାନ୍ତ, ସୀତାକାନ୍ତ, ସୌଭାଗ୍ୟ ମିଶ୍ର, ରାଜେନ୍ଦ୍ର ପଣ୍ଡା, ପ୍ରତିଭା ଶତପଥୀଙ୍କଠାରୁ ସେ ସମୟର ନବାଗତ କବି ଅମରେନ୍ଦ୍ର ଖଟୁଆଙ୍କ ପର୍ଯ୍ୟନ୍ତ କବିତା, ମନୋଜ ଦାସ, ସୁରେନ୍ଦ୍ର ମହାନ୍ତିଙ୍କଠାରୁ ବିଭୂତି ପଟ୍ଟନାୟକ, ପ୍ରତିଭା ରାୟଙ୍କ ପର୍ଯ୍ୟନ୍ତ ଗଳ୍ପ-ଉପନ୍ୟାସ, ମନୋରଂଜନ ଦାସ, ବିଶ୍ୱଜିତ୍ ଦାସ, ବିଜୟ ମିଶ୍ରଙ୍କଠାରୁ, କାର୍ତ୍ତିକ ରଥ, ରମେଶ ପାଣିଗ୍ରାହୀଙ୍କ ପର୍ଯ୍ୟନ୍ତ ନାଟକ, ତା'ବାଦ୍ ଜୀବନୀ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ବୈଜ୍ଞାନିକ କାହାଣୀ ଏମିତି କେତେ କ'ଣ... । ଗୋଟେ ଗୋଟେ ବହି ବି ଏକାଧିକ ଥର ପଢ଼ିଛି । ଯେମିତି ସୁରେନ୍ଦ୍ର ମହାନ୍ତିଙ୍କ 'ଶତାବ୍ଦୀର ସୂର୍ଯ୍ୟ', ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର', ବିଶ୍ୱଜିତ୍ ଦାସଙ୍କ 'ମୃଗୟା', ସଚ୍ଚି ରାଉତରାୟଙ୍କ 'କବିତା ୧୯୬୨', ସୌଭାଗ୍ୟ ମିଶ୍ରଙ୍କ 'ଅନ୍ଧ ମହୁମାଛି', ଗର୍କିଙ୍କ 'ମା', ଟଲଷ୍ଟୟଙ୍କ କାହାଣୀ, ପାବ୍‌ଲୋ ନେରୁଦାଙ୍କ କବିତା, ଏମିତିକି ଜାତକ କଥା, ପଞ୍ଚତନ୍ତ୍ର କାହାଣୀ । ସେ ସମୟରେ ପଢ଼ିବାର ଝୁଙ୍କ୍ ଏମିତି ଥିଲା ଯେ ଛୁଟିଦିନଗୁଡ଼ିକରେ ଗୋଟିଏ ଗୋଟିଏ ବହି ସାରି ଦେଉଥିଲି । ଏବେ ଜାଣୁଛି, ସେଇ ପଢ଼ିବାଟା ମୋର ସାରସ୍ୱତ ସାଧନା ପାଇଁ ଇନ୍ଧନ ଯୋଗାଇଥିଲା । ଏବଂ ମୁଁ ଲେଖିବା ଦିଗରେ ଅଗ୍ରସର ହୋଇଥିଲି । ନିଜେ କବିତା ଲେଖିଲେ ବି ସାହିତ୍ୟର ସବୁ ବିଭାଗରେ ପ୍ରବଳ ଅଧ୍ୟୟନ ମୋ ଭିତରେ ଭାଷାଗତ ସମୃଦ୍ଧି ଓ ଶବ୍ଦର ପ୍ରଚୁର୍ଯ୍ୟ ଭରିଦେଇଛି । କୌଣସି କବିତା ଲେଖିବା ବେଳେ ସେଥିପାଇଁ ମୁଁ ଏଯାବତ୍ ଶବ୍ଦର ଅଭାବ ଅନୁଭବ କରିନି । ଯେଉଁ ପରିବେଶରେ ଯେଉଁ ଚରିତ୍ର ପାଖରେ ଯେଉଁ ଶବ୍ଦର ଆବଶ୍ୟକତା ଅଛି ତାହା ଆପେ ଆପେ ଆସିଯାଇଛି । ତେଣୁ ମୋର ସେ ସମୟ ଓ ପୁରୀର ସେ ପରିବେଶ ମୋତେ ପ୍ରେରଣା ଦେଇଛି । ... ଆଉ ଗୁରୁ ? କବିତାରେ ମୋର ବ୍ୟକ୍ତିଗତ ଭାବେ କେହି ଗୁର ନାହାନ୍ତି କି ମୁଁ ଏଯାବତ୍ (ଅନ୍ୟମାନଙ୍କ ଭଳି) କୌଣସି ଗୁରୁକୁଳରେ ସାମିଲ୍ ହୋଇନାହିଁ । ସେଥିପାଇଁ କୌଣସି ଗୋଷ୍ଠୀଭୁକ୍ତ ନୁହେଁ । ତେବେ ମୋ ଭାଷା-ସାହିତ୍ୟରେ ଆଦ୍ୟଗୁରୁ ଭାବେ ସ୍ମରଣୀୟ ଯେଉଁ ମହାନ ସାଧକମାନେ ଅଛନ୍ତି, ସେମାନେ ହେଲେ- ସାରଳା ଦାସ, ଜଗନ୍ନାଥ ଦାସ, ଭୀମଭୋଇ ପ୍ରମୁଖ । ତାଙ୍କୁ ଛାଡ଼ି ଆମର ଏ ଯାତ୍ରା ବା କେତେ ବାଟକୁ ?



ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ମୋର ଲେଖକ ଜୀବନର ବହୁ ବର୍ଷ ପର୍ଯ୍ୟନ୍ତ ସାହିତ୍ୟ ଜଗତରେ ପ୍ରବେଶ ଘଟି ନ ଥିଲା । ମୁଁ ବ୍ୟକ୍ତିଗତ ଭାବେ କୌଣସି ଲେଖକଙ୍କୁ ଚିହ୍ନି ନ ଥିଲି କି କୌଣସି ଲେଖକ ମଧ୍ୟ ମୋତେ ଚାରି ଚକ୍ଷୁରେ ଦେଖି ନ ଥିଲେ । ତା'ର କାରଣ ହେଲା- ମୁଁ ସ୍କୁଲ୍‌ରେ ପଢୁଥିଲି ଓ ଶିଶୁସାହିତ୍ୟ ଲେଖୁଥିଲି । ଶିଶୁ ସାହିତ୍ୟ ପାଇଁ ସାଧାରଣତଃ କୌଣସି ଆସର ହେଉ ନ ଥିଲା । ତେଣୁ ମୁଁ ମୋର ଶିଶୁକବିତା ବା ଶିଶୁଲେଖା ଲେଖି ଡାକ ଯୋଗେ ଶିଶୁପତ୍ରିକାଗୁଡ଼ିକୁ ପଠାଇ ଦେଉଥିଲି ଏବଂ ତାହା ପ୍ରକାଶ ପାଇଯାଉଥିଲା । ପତ୍ରିକା ସମ୍ପାଦକମାନେ ମଧ୍ୟ ମୋତେ ଚିହ୍ନି ନ ଥିଲେ । ମାତ୍ର ମୋ ଲେଖା ହୁଏତ ଠିକ୍ ଥିବାରୁ ପ୍ରକାଶ ପାଇଯାଉଥିଲା ଏବଂ ମୋ ପାଖେ କମ୍ପ୍ଲିମେଣ୍ଟାରୀ କପି ପହଞ୍ଚି ଯାଉଥିଲା । ବାସ୍, ଏହିପରି ଚାଲିଥିଲା ସାରସ୍ୱତ ଯାତ୍ରା । ସାହିତ୍ୟ ଜଗତରେ ମୋର ପ୍ରବେଶ ଘଟିଲା ୧୯୭୯ ମସିହା ବେଳକୁ ଯେତେବେଳେ ମୁଁ କଲେଜରେ ପଢ଼ିଲି ଓ ନୂଆ ନୂଆ ଆଧୁନିକ କବିତା, ଖଣ୍ଡି ଖଣ୍ଡି ପ୍ରେମକବିତା ଲେଖିବା ଆରମ୍ଭ କଲି । ସେତେବେଳକୁ ମୁଁ କିନ୍ତୁ ଶିଶୁ ସାହିତ୍ୟର ଜଣେ ପୋଖତ ଲେଖକ ଭାବେ ପୁରୀ ସହରରେ ପରିଚିତ । ମୋତେ ପ୍ରାୟ ସମସ୍ତେ ଜାଣିଯାଇଥିଲେ । ତେଣୁ ଆଧୁନିକ କବିତା ଲେଖୁଥିବାରୁ ବିଭିନ୍ନ କବିତା ପାଠୋତ୍ସବକୁ ଡକରା ଆସିଲା ଓ ମୁଁ ଯାଇ ଅନ୍ୟମାନଙ୍କ ସହ ପରିଚିତ ହେଲି । ସେ ସମୟରେ ପୁରୀରେ ସାହିତ୍ୟର ଜୁଆର ଉଠୁଥିଲା । କୁମାର ମହାନ୍ତି ଅନାମ ସଂଗଠନକୁ ନେଇ ବେଶ୍ ହୋ'ହା କରୁଥିଲେ । ତା'ଛଡ଼ା ପୁରୀରେ ଥିବା ବହୁ ବିଶିଷ୍ଟ ଅଧ୍ୟାପକ-କବି ହରିହର ମିଶ୍ର, କମଳାକାନ୍ତ ଲେଙ୍କା, ରତ୍ନାକର ପଣ୍ଡା, ରମେଶ ପାଣିଗ୍ରାହୀ, ନାରାୟଣ ପ୍ରସାଦ ସିଂ, ବିଜୟ ପଟ୍ଟନାୟକ, ସୌଭାଗ୍ୟ ପଟ୍ଟନାୟକ ପ୍ରମୁଖ ମଧ୍ୟରାତ୍ରି କବିତା ଆସର, ଟ୍ରକ୍ ଡାଲାରେ କବିତା ଆସର, ପଥପ୍ରାନ୍ତେ କବିତା ଆସର କରି ଚମକାଇ ଦେଉଥିଲେ ଆମ ଭଳି ତରୁଣମାନଙ୍କୁ । ସେଇ ସମୟରେ କବି ମାନସରଂଜନ ମହାପାତ୍ରଙ୍କ ନେତୃତ୍ୱରେ ଆମେ କିଛି ଯୁବକବି ମିଳିତ ହୋଇ ଶନିବାର ସାହିତ୍ୟ ସଂଧ୍ୟା ନାମରେ ଏକ ଅନୁଷ୍ଠାନ ଗଠନ କରିଥିଲୁ । ସାହିତ୍ୟ ଜଗତରେ ନୂଆ ନୂଆ ପ୍ରବେଶରେ ବେଶ୍ ଉଲ୍ଲସିତ ହୋଇ ଉଠିଥିଲି । ସେତେବେଳେ କବିମାନଙ୍କ ଭିତରେ ଯେଉଁ ଶ୍ରଦ୍ଧା ଥିଲା ତାକୁ ଆଜି ଆଉ ଖୋଜି ପାଉନାହିଁ । ଆପଣଙ୍କର ଦ୍ୱିତୀୟ ପ୍ରଶ୍ନର ଉତ୍ତର ମୁଁ ଦେବାକୁ ଅସମର୍ଥ । ଜୀବନର ଯାତ୍ରା ଯେତେବେଳେ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିପାରୁନାହିଁ, ସେତେବେଳେ ସାହିତ୍ୟର ଯାତ୍ରାକୁ ନେଇ ବା କି ଆଶା ପୋଷଣ କରିବି ?

■ ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ ଏକ ବିରୋଧାଭାସ ଭଳି ମନେହୁଏ, କ'ଣ କହିବେ ?

■■ ଏଥିପାଇଁ ଆମର ଅଗ୍ରଜମାନେ ଦାୟୀ । ଆମେ ପ୍ରଥମେ ଚାଲିବାକୁ ଶିଖୁଥିବା ବେଳେ ସେମାନେ ଆମ ହାତ ଧରି ଆଗକୁ ଟାଣିନେବେ କ'ଣ ବରଂ ହାତ ହଲେଇ ବସେଇ ଦେଉଥିଲେ । ସେମାନେ ସବୁବେଳେ କହିବାକୁ ଚାହୁଁଥିଲେ- ଆମେ ତାଙ୍କର ଅନୁଗାମୀ ରହିବୁ । ଆମେ କିଛି ନୂଆ ଲେଖିପାରିବୁ ନାହିଁ । ଆପଣ ଲକ୍ଷ୍ୟ କରିଥିବେ ଏବେ ଆମେ ବରଂ ଆମ ଅନୁଜମାନଙ୍କୁ ଯେତିକି ଗୁରୁତ୍ୱ ଦେଉଛୁ ଏବଂ ତରୁଣଙ୍କ ପାଇଁ ଯେତେ ପୁରସ୍କାର ସମ୍ମାନ ଦିଆଯାଉଛି, ଆମ ବେଳେ ତାହା ନ ଥିଲା । ଆମର ଅଗ୍ରଜମାନେ ଆମ ପ୍ରତି କୌଣସି ଉଦାରତା ଦେଖାଇ ନ ଥିଲେ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇପାରିବ କି ?

■■ ମାତୃଭାଷା ଆମେ ମା' ପାଖରୁ ଶିଖିଥାଉ ଏବଂ ତାହା ସ୍କୁଲ୍ କଲେଜରେ ବ୍ୟବହୃତ ହୋଇ ଉନ୍ନତି କରିଥାଏ । ମାତ୍ର ସରକାରଙ୍କର ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ଓ ମାତୃଭାଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ନ ଥିବାରୁ ତାହା ସଂକଟରେ ଥିବା ପରି ମନେ ହେଉଛି । ଧରନ୍ତୁ ଆମ ଓଡ଼ିଆ ମାତୃଭାଷା ଆଜି ସଂକଟରେ କାହିଁକି ? କାରଣ: ଓଡ଼ିଆ ସରକାରୀ ସ୍କୁଲ୍‌ଗୁଡ଼ିକ ନିମ୍ନମାନର ଥିବାରୁ ଅନେକେ ପିଲାଙ୍କୁ ଇଂରାଜୀ ମିଡିୟମ୍ ସ୍କୁଲ୍‌ରେ ପଢ଼ାଉଛନ୍ତି । ଫଳରେ ପିଲାଏ ଆଉ ସେମାନଙ୍କ ମାତୃଭାଷା ଓଡ଼ିଆ ଉପରେ ଭରସା କଲେନି । ସେମାନଙ୍କ ଶୟନେ ସପନେ ଇଂରାଜୀ ଭାଷା ବିଚରଣ କଲା । ଫଳରେ ଓଡ଼ିଆ ଭାଷାର ବହି ପଢ଼ିବା କମିକମି ଗଲା । ଅନେକ ଓଡ଼ିଆ ଛାତ୍ରଙ୍କ ହାତରେ ଇଂରାଜୀ ପତ୍ରପତ୍ରିକା ଓ ପୁସ୍ତକ ଦେଖିବାକୁ ମିଳିଲା । ଓଡ଼ିଆ ଭାଷା ଯେତେବେଳେ ଅଧ୍ୟୟନ ପାଇଁ ନୁହେଁ କି ଚାକିରି ପାଇଁ ନୁହେଁ, ତେବେ ଏହା କେଉଁ କାମରେ ଆସିବ ଯେ ସେମାନେ ତା' ପ୍ରତି ଅନୁରକ୍ତ ରହିବେ ! ଭାଷାର ସଂକଟ ସେହି ସମୟରେ ଦେଖାଯାଏ ଯେତେବେଳେ ଭାଷାର ବ୍ୟବହାରକାରୀଙ୍କ ସଂଖ୍ୟା କମି କମିଯାଏ । ଯେଉଁଦିନ ସରକାର ଏକଥା ବୁଝିବେ ଓ ଓଡ଼ିଆ ମାତୃଭାଷାକୁ ଶିକ୍ଷାଦାନର ଭାଷା ଓ ଚାକିରିର ଭାଷା ଭାବେ ବ୍ୟବହାର କରିବେ ସେଦିନଠୁ ଏ ସଂକଟ ଟଳିଯିବ ।

■ କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ସାହିତ୍ୟର ଓଁକାରନାଦ ହେଲା କବିତା । କବିତା ସର୍ଜନାର ଆଦ୍ୟରୁ ରହିଛି ଆଜିଯାଏଁ । ତେଣୁ ସାହିତ୍ୟର ପ୍ରମୁଖ ବିଭାଗ କବିତାର ଭବିଷ୍ୟତ ଉଜ୍ଜ୍ୱଳମୟ । ହଁ, ଆମ ଓଡ଼ିଆ ସାହିତ୍ୟରେ ଗୋଟିଏ ସମୟ ଆସିଥିଲା ଯେତେବେଳେ ଆମ କବିମାନେ ଆଧୁନିକତାର ଧାରା ପ୍ରବର୍ତ୍ତକ ସାଜି ପାଶ୍ଚାତ୍ୟ ଚେତନାର କଲମିକୁ ଆଣି ଆମ ମାଟିରେ ରୋଇବାକୁ ଚେଷ୍ଟା କରିଥିଲେ । ସେମାନଙ୍କୁ ଦାରା ଦିଗ୍‌ବଳୟ ଦେଖାଗଲା ଏଲିୟଟିୟ । ଫଳରେ ସେମାନଙ୍କ କବିତାର ଆମ ମାଟି ପାଣି ସହିତ କୌଣସି ସଂପର୍କ ରହିଲା ନାହିଁ । କବିତା କେବଳ ଏକ ବୌଦ୍ଧିକତାର ପିରାମିଡ୍ ହୋଇ ରହିଗଲା ସାଧାରଣ ଜନ ଜୀବନଠାରୁ ଦୂରେଇ । ତେଣୁ ଲୋକେ ତଥାକଥିତ ଆଧୁନିକ କବିତାଠାରୁ ଦୂରେଇଗଲେ । ମାତ୍ର ୧୯୮୦ ପରଠାରୁ ଆମ ସମସାମୟିକମାନେ ପୁଣି ବଦଳାଇଲେ ଓଡ଼ିଆ କବିତାର ସ୍ୱର । ଆମେ ଆମ ମାଟିପାଣିର କଥା କହିଲୁ କବିତାରେ । ଆମ ମାଟି ମଣିଷମାନେ ହେଲେ କବିତାର ଚରିତ୍ରମାନେ । ଆଉ ଏ କବିତା ପୁଣି ପାଠକମୁଖୀ ହୋଇପଡ଼ିଛି । ଆଜି ଓଡ଼ିଆ କବିତାର ପାଠକ ସଂଖ୍ୟା ବଢ଼ିବାରେ ଲାଗିଛି । କବିତାକୁ ନାକଟେକିବା ଲୋକଙ୍କୁ ଆଉ ଦେଖିବାକୁ ମିଳିବନି । ତା' ଛଡ଼ା ଓଡ଼ିଆ ସାହିତ୍ୟର ସବୁ ବିଭାଗ ଭିତରେ ଓଡ଼ିଆ କବିତା ଏବେ ସର୍ବଭାରତୀୟ ସ୍ତରରେ ବେଶ୍ ଆଗରେ ରହିଛି ।

■ ଓଡ଼ିଆ ସାହିତ୍ୟ, ବିଶେଷ କରି, କବିତାର ପାଠକଙ୍କୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକଙ୍କ ପାଖରୁ ଦୂରଉଛି ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ?

■■ ଆଗରୁ କହିସାରିଛି, କବିତା ପାଇଁ ମୋର ଚିନ୍ତା ନାହିଁ । କବିତାର ପାଠକ ବଢ଼ି ବଢ଼ି ଚାଲିଛନ୍ତି । ତେବେ ବର୍ତ୍ତମାନର କଂଜୁମରିଜିମ୍ ଯୁଗରେ ପାଠକ ଯେତେବେଳେ ସାହିତ୍ୟରୁ ଦୂରେଇ ଯାଉଛନ୍ତି ସେତେବେଳେ କବିତା ବି ସେ ଦଶା ଭୋଗିବାକୁ ବାଧ୍ୟ । ତେବେ ଲେଖକମାନେ ଯଦି ଲୋକଙ୍କୁ ଆକର୍ଷିତ କଲା ଭଳି ଗଳ୍ପ, କବିତା ଲେଖି ପାରନ୍ତି, ତେବେ ସାହିତ୍ୟର ଉନ୍ନତି ସମ୍ଭବ । ଏଥିପାଇଁ ଲେଖକକୁ ପାଠକ ପାଖରେ ପହଂଚିବାକୁ ପଡ଼ିବ । ଅର୍ଥାତ୍ ଲେଖକ ପାଠକ ଚାହୁଁଥିଲା ଭଳି ସାହିତ୍ୟ ସୃଷ୍ଟି କରୁ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ।

■■ ଜଣେ ଭଲ ଲେଖକ ପାଇଁ ପୁରସ୍କାର ଆଦୌ ଦରକାର ନାହିଁ । ଜଣେ ଖରାପ ଲେଖକକୁ ହିଁ ପୁରସ୍କାର ମହିମା ମଣ୍ଡିତ କରେ । ତେବେ ସବୁ ଲେଖକଙ୍କ ଆଦ୍ୟ ଜୀବନରେ ପୁରସ୍କାରର ଆବଶ୍ୟକତା ଥାଏ । କାରଣ ଏହା ଟନିକ୍ ଭଳି ନୂଆଲେଖକଟିକୁ ଅଧିକରୁ ଅଧିକ ଭଲ ଲେଖିବାକୁ ଅନୁପ୍ରାଣିତ କରିଥାଏ । ସେଥିପାଇଁ ମୁଁ ଯଥାର୍ଥ ଲୋକକୁ ପୁରସ୍କାର ମିଳିବା ଉପରେ ଗୁରୁତ୍ୱ ଦିଏ । ମାତ୍ର ଆଜି ପୁରସ୍କାର ପ୍ରକ୍ରିୟା ଏଭଳି ସ୍ତରକୁ ଚାଲିଯାଇଛି ଯେ ଭଲ ଲେଖକଟିଏ ସେଥିରୁ ଦୂରେଇ ରହିବାକୁ ଇଚ୍ଛା କରିବ । ♥♥



ନିଜ ପରିବାର ତଥା ପତ୍ନୀ, କନ୍ୟା ଓ ପୁତ୍ରଙ୍କ ସହ କବି ସମରେନ୍ଦ୍ରନାଥ ମହାପାତ୍ର...



ଆର୍ଯ୍ୟ ଯଜ୍ଞଦତ୍ତ

ଆମ ପିଢ଼ିରେ ଚିଠିପତ୍ରର ଆଦାନପ୍ରଦାନ ହେଉଥିଲା । ୨୦୧୦ ଯାଏ ମୁଁ ଚିଠି ପାଉଥିଲି ପାଠକଙ୍କଠାରୁ । ଚିଠି ପାଇଲେ ମୁଁ ଆନନ୍ଦରେ ଗଦଗଦ ହୋଇଯାଏ । ୧୯୮୦ରୁ ୨୦୦୫ ଯାଏ ଡାକବାଲାକୁ ଅପେକ୍ଷା କରି ରହେ । ରାତିରେ ମୁଁ ଚିଠିର ଉତ୍ତର ଫେରାଏ । ପାଠକଙ୍କ ସହ ମୋର ଏକ ଭାବବନ୍ଧନ ସଙ୍ଘଟିତ ହୋଇଯାଏ ।

## ପ୍ରିୟ ପାଠକ-୩୯

# ଲେଖକଙ୍କ ପାଇଁ ପାଠକ ସାକ୍ଷାତ ଈଶ୍ୱର...

ଲେଖକଙ୍କ ପାଇଁ ପାଠକ ସାକ୍ଷାତ ଈଶ୍ୱର । ବ୍ୟାପାର ପ୍ରତିଷ୍ଠାନ ପାଇଁ ଗ୍ରାହକ ଈଶ୍ୱର ବୋଲି କହନ୍ତି । ଗ୍ରାହକତା ବଡ଼ କଥା । ଯାହାର ଅଧିକ ପାଠକ ସେହି ଲେଖକଟି ଲୋକପ୍ରିୟ ଓ ଭାଗ୍ୟବାନ । ମଞ୍ଚରେ ଅଭିନୟ କରୁଥିବା କଳାକାର ଦର୍ଶକ ବା ଶ୍ରୋତାଙ୍କ ହର୍ଷଧ୍ୱନି ବା କରତାଳିର ଅପେକ୍ଷା ରଖେ । ସାରସ୍ୱତ ସାଧନା ବି ଏକ ପ୍ରଦର୍ଶନ କଳା । ସେ କଳାର ଆଦର ହେଲେ ଲେଖକଟିଏ ଉତ୍ସାହିତ ହୁଏ ଏବଂ ଆତ୍ମବଳ ପାଇବା ସହ ତାର ଆତ୍ମ ବିଶ୍ୱାସ ବଢ଼ିଥାଏ । ଲେଖକଟିଏ ବା ସ୍ରଷ୍ଟାଟିଏ ନିଜର ମନୋଭାବ, ମନଃସ୍ଥିତି ଓ ବିଚାରକୁ ପ୍ରବନ୍ଧ, କବିତା, ଗଳ୍ପ ବା ଉପନ୍ୟାସ ମାଧ୍ୟମରେ ପ୍ରକାଶ କରିଥାଏ । ପାଠକର ମନକୁ ସେପରି ସୃଷ୍ଟି ପ୍ରଭାବିତ କରି ପାରିଲେ ପାଠକ ଆନନ୍ଦରେ ବା କୃତଜ୍ଞତାରେ ସ୍ରଷ୍ଟାକୁ ତାର ମତମଂତବ୍ୟ ଜଣାଇଥାଏ । ଏହି ପାଠକୀୟ ପ୍ରତିକ୍ରିୟା ସ୍ରଷ୍ଟାକୁ ଉଲ୍ଲସିତ କରେ ଏବଂ ସର୍ଜନକ୍ଷମ କରାଏ । କୃତଜ୍ଞତାରେ ସେ ପାଠକଙ୍କ ନିକଟରେ ମଥାନତ କରେ ।

ଆମ ଭାଷାରେ ଅନେକ ନୀରବ ପାଠକ ଅଛନ୍ତି । ସେ କୌଣସି ବାଚିକ ବା ଲିଖିତ ପ୍ରତିକ୍ରିୟା ଜଣାଇବାରେ କୁଣ୍ଠାବୋଧ କରି ନିରବ ରହନ୍ତି । ତାହା ସ୍ରଷ୍ଟା ପାଇଁ ଶୁଭଙ୍କର ହୋଇନଥାଏ । ଆଜିକାଲି ପାଠକ ସଂଖ୍ୟା ହାତଗଣତିରେ ପହଞ୍ଚିଗଲାଣି । କାରଣ ପୁସ୍ତକ ବିକ୍ରି ହେଉନାହିଁ ବୋଲି ପ୍ରକାଶକମାନେ କହୁଛନ୍ତି । ସେମାନେ ଲେଖକଙ୍କଠାରୁ ମୁଦ୍ରଣ ଖର୍ଚ୍ଚ ନେଇ ପାଞ୍ଚଦଶ ଖଣ୍ଡ ବହି ଲେଖକକୁ ଦେଉଛନ୍ତି । ଯଦି କୌଣସି ବହି ସରକାରୀ ଯୋଜନାରେ ଚୟିତ ହେଲେ, କମ୍ପ୍ୟୁଟର ଗର୍ଭରୁ ସେତିକି ମାତ୍ର ବହି କାଢ଼ି ବିକୁଛନ୍ତି । ମୁଦ୍ରଣ କୌଶଳ ଏହି ତିରିଶ ବର୍ଷ ଭିତରେ ସାହିତ୍ୟକୁ ଗଳାଚିପି ମାରିଦେଲା । ପାଠକ ହାତରେ ବହି ଖଣ୍ଡେ ପଡ଼ିଲେ ହୁଏତ ପଢୁଥାଆନ୍ତେ ।

ଆଜିକାଲି ମନୋରଂଜନ ପାଇଁ ବହୁ ସାଧନ ବାହାରି ପଡ଼ିଲାଣି । ସାହିତ୍ୟ ତା ସହିତ ପ୍ରତିଦ୍ୱନ୍ଦ୍ୱିତା କରିପାରୁ ନାହିଁ । ଗଣମାଧ୍ୟମ ସାହିତ୍ୟକୁ ଆଡ଼ଆଖିରେ ଚାହୁଁ ନାହାନ୍ତି । ସାହିତ୍ୟ ସ୍ରଷ୍ଟାମାନଙ୍କୁ ସେତିକି ବିଜ୍ଞାପିତ କରୁନାହିଁ ଯେତିକି ବିଜ୍ଞପିତ କରୁଛି ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ, ନେତା, ନେତ୍ରୀ, ଶିଳ୍ପପତିମାନଙ୍କୁ । ପାଠକଙ୍କ ପାଖରେ ସାହିତ୍ୟ ସମ୍ବାଦ ପହଞ୍ଚୁ ନାହିଁ । ପାଠକଙ୍କ ରୁଚିକୁ ରାଜନୀତି, ଅପରାଧାଦି ଆଡ଼କୁ ଟାଣି ନିଆ ହେଉଛି । ଏଥିରେ ସାହିତ୍ୟ ବା ଉତ୍କୃଷ୍ଟ କଳା ବଞ୍ଚିବା ନେଇ ସଂଶୟ ଉପୁଜୁଛି ।

ଆମ ପିଢ଼ିରେ ଚିଠିପତ୍ରର ଆଦାନପ୍ରଦାନ ହେଉଥିଲା । ୨୦୧୦ ଯାଏ ମୁଁ ଚିଠି ପାଉଥିଲି ପାଠକଙ୍କଠାରୁ । ଚିଠି ପାଇଲେ ମୁଁ ଆନନ୍ଦରେ ଗଦଗଦ ହୋଇଯାଏ । ୧୯୮୦ରୁ ୨୦୦୫ ଯାଏ ଡାକବାଲାକୁ ଅପେକ୍ଷା କରି ରହେ । ରାତିରେ ମୁଁ ଚିଠିର ଉତ୍ତର ଫେରାଏ । ପାଠକଙ୍କ ସହ ମୋର ଏକ ଭାବବନ୍ଧନ ସଙ୍ଘଟିତ ହୋଇଯାଏ ।

ପାଠକଙ୍କଠାରୁ ପ୍ରାୟ ମତମନ୍ତବ୍ୟମାନ ମୁଁ ଗୋଟିଏ ନୋଟବୁକରେ ଲେଖି ରଖେ । ସେହି ଉତ୍ସାହବର୍ଦ୍ଧକ ପତ୍ରସବୁ ମଝିରେ ମଝିରେ ପଢ଼ି ମୁଁ ଉଲ୍ଲସିତ ହୁଏ ଏବଂ ପ୍ରଚୋଦିତ ହୁଏ । ସେସବୁ ତ ମୋର ଗଣ୍ଠିଧନ। ମୋ ଉତ୍ସାହର ଅମୃତକୂପ ।

ପାଠକ ଓ ଲେଖକ ପରସ୍ପର ଅନୁପୂରକ । ପାଠକ ଓ ଲେଖକ ସମାନୁଭବରେ ପହଞ୍ଚିଲେ ପାଠକ ଲେଖକଂକୁ ହୃଦୟରେ ସ୍ଥାନ ଦିଏ । କିଏ ଭାଷା, କିଏ ଶୈଳୀ, କିଏ ଉପସଂହାର, କିଏ ବିଷୟବସ୍ତୁକୁ ବି ଭଲ ପାଇବସନ୍ତି।

ମଂଜୁଲତା ବିଶ୍ୱାଳ (ଏବେ ମଂଜୁ ନାୟକ), ସଂପାଦିକା 'ସୂର୍ଯ୍ୟସ୍ନାତା', ମୋ 'ମତ୍ସ୍ୟାବତାର' ଗଳ୍ପର ନାନ୍ଦୀମୁଖରେ ଲେଖିଥିଲେ, ଆର୍ଯ୍ୟ ଯଜ୍ଞଦତ୍ତଙ୍କ ଅପୂର୍ବ ବିଳାସ ଭିତରୁ ଉତୁରି ଫିଟି ପଡୁଥିବା ସ୍ମୃତିଚାରଣରୁ ଯେତେଯେତେ ଗଳ୍ପ ଜନ୍ମ ନେଲେଣି, ସେ ସବୁକୁ ଗଳ୍ପ କୁହାଯାଇ ପାରେନା ବରଂ ତାକୁ ଜୀବନର ନାମ ଦିଆଯାଇପାରେ ।
ଗଳ୍ପମୟ ଯଜ୍ଞଦତ୍ତ ଯେ ସଂଭାବ୍ୟ ଭବିଷ୍ୟତରେ ଓଡ଼ିଆ ଗଦ୍ୟ ସାହିତ୍ୟ ପାଇଁ ପୃଥକ୍ ଏକ ପୃଥିବୀ ଗଢ଼ିଦେବେ, ଏମିତି ଭବିଷ୍ୟବାଣୀ ମଧ୍ୟ ମୁଁ କରି ଦେଇପାରେ । (୧୯୮୮)

ଆଜିକାଲି ଲେଖାଟିଏ ପଢ଼ି ଦୂରଭାଷରେ ମତାମତ ଦେଇଥାଆନ୍ତି । ସେଭଳି ମନ୍ତବ୍ୟକୁ ମୁଁ ମତବହିରେ ଲେଖି ରଖେ । କେତେକ ବାହାପିଆ ଲେଖକ ଗୋଟିଏ ଗପ ଉପରେ ଶତାଧିକ ପତ୍ର ପାଇଥାଆନ୍ତି ବୋଲି ଡିଣ୍ଡିମ ପିଟନ୍ତି। ଉତ୍ସୁକତାବଶତଃ ଜଣେ ସେଭଳି ଲେଖକଙ୍କଠାରୁ ସେ ଚିଠି ଦେଖିବାକୁ ଚାହିଁଲି । ମୋର ଆଗ୍ରହ ଥିଲା ଜାଣିବାକୁ ସତରେ ଶହଶହ ପାଠକ ଚିଠି ଲେଖୁଛନ୍ତି । ସେ ଲେଖକ ଘର ଭିତରକୁ ଯାଇ ବାହାରି ଆସି କହିଲେ ତାଙ୍କ ସ୍ତ୍ରୀ କେଉଁଠି ବିଡ଼ା ବାନ୍ଧି ରଖି ଦେଇଛନ୍ତି ସେ ପାଉ ନାହାନ୍ତି । ୧୯୮୪ ମସିହାରେ ଝଙ୍କାରରେ ପ୍ରକାଶିତ ଗଳ୍ପ 'ବାଉଁଶଫୁଲ' ଉପରେ ମୁଁ ସର୍ବାଧିକ ୨୪ଟି ଚିଠି ପାଇଛି । ଅନ୍ୟ ଗଳ୍ପ ଉପରେ କିଛି ଚିଠି ପାଇଥାଏ । ବୌଦ୍ଧିକ ଗଳ୍ପ ଉପରେ ମତାମତ ପାଏନା । ଦୁଇତିନି ବର୍ଷ ତଳେ ପ୍ରମେୟର ପ୍ରକାଶିତ ଚିଠି ଗପ' ଇ-ପେପରରୁ ପଢ଼ି ଗୋଆରୁ ଜଣେ ପୋଲିସ ଭାଇ ଫୋନ କରି ଗପଟିର ପ୍ରଶଂସା କରି ସୁନ୍ଦର ଗପଟିଏ କହିଲେ ଏବଂ ଅନୁରୋଧ କଲେ ଗଳ୍ପଟିଏ ଲେଖିବାକୁ । ମୁଁ 'କାଟପାଣି' ଶୀର୍ଷକରେ ସେହି ଗପଟି ଲେଖିଲି । କେତେକ ପାଠକ ଗଳ୍ପର ପରିଣତ ଉପରେ ସହମତ ବା ଭିନ୍ନମତ ହୁଅନ୍ତି ।

ପାଠକ ଓ ଲେଖକ ଦିବ୍ୟ ଭାବ ବନ୍ଧନରେ ବନ୍ଧା ହୋଇଥାଆନ୍ତି। ଏହି ବନ୍ଧନ ଲେଖକକୁ ଆୟୁଷ୍ମାନ କରେ । ମଂଜୁଲତା ବିଶ୍ୱାଳ (ଏବେ ମଂଜୁ ନାୟକ), ସଂପାଦିକା 'ସୂର୍ଯ୍ୟସ୍ନାତା' ମୋ 'ମତ୍ସ୍ୟାବତାର' ଗଳ୍ପର ନାନ୍ଦୀମୁଖରେ ଲେଖିଥିଲେ, "ଆର୍ଯ୍ୟ ଯଜ୍ଞଦତ୍ତଙ୍କ ଅପୂର୍ବ ବିଳାସ ଭିତରୁ ଉତୁରି ଫିଟି ପଡୁଥିବା ସ୍ମୃତିଚାରଣରୁ ଯେତେଯେତେ ଗଳ୍ପ ଜନ୍ମ ନେଲେଣି, ସେ ସବୁକୁ ଗଳ୍ପ କୁହାଯାଇ ପାରେନା ବରଂ ତାକୁ ଜୀବନର ନାମ ଦିଆଯାଇପାରେ ।

ଗଳ୍ପମୟ ଯଜ୍ଞଦତ୍ତ ଯେ ସଂଭାବ୍ୟ ଭବିଷ୍ୟତରେ ଓଡ଼ିଆ ଗଦ୍ୟ ସାହିତ୍ୟ ପାଇଁ ପୃଥକ ଏକ ପୃଥିବୀ ଗଢ଼ିଦେବେ, ଏମିତି ଭବିଷ୍ୟବାଣୀ ମଧ୍ୟ ମୁଁ କରି ଦେଇପାରେ । (୧୯୮୮)"

କଥାକାର ଅନିଲ ଦାସ ମଧ୍ୟ ସମ୍ବାଦ ସାକ୍ଷାତକାରରେ ମୋର ମୁଗ୍ଧ ପ୍ରଶଂସକ ବୋଲି କହିଛନ୍ତି । ଡଃ କୃଷ୍ଣଚରଣ ବେହେରା, ଦୀପକ ମିଶ୍ର, ପ୍ରତିଭା ଶତପଥୀ, ପ୍ରଫୁଲ୍ଲ କୁମାର ରଥ ପ୍ରମୁଖ ମତେ ବହୁବିଧ ମତମନ୍ତବ୍ୟ ମୋ ଲେଖା ଉପରେ ଦେଇଛନ୍ତି ।

ସଦାନନ୍ଦ, ବିଷ୍ଣୁ ସାହୁ, ଦେବବ୍ରତ, କାଶିନାଥ, ଗଙ୍ଗାଧର, ତପନ ମହାପାତ୍ର, କୃପାସାଗର ସାହୁ, ରବି ନାୟକ ଏବଂ ବହୁ ଲେଖକଙ୍କଠାରୁ ଉତ୍ସାହପ୍ରଦ ପତ୍ର ପାଇଛି । ଏତଦ୍‌ଭିନ୍ନ ବହୁ ପତ୍ର ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପାଇଛି । ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ । ସେଗୁଡ଼ିକର ସଙ୍କଳନ ପାଇଁ ମୁଁ ପ୍ରୟାସ କରୁଛି ।



ପ୍ରିୟ ପାଠକ

---

## ପଢ଼ିଲା ପରେ...

# ଚାଲୁଚାଲୁ ଚଲାବାଟେ ...






ପ୍ରେମିକଟିଏ ଅତୀତର ହଜିଲା ପ୍ରେମକୁ ଝୁରେ। ପ୍ରେମିକା ପରିବାରର ସମ୍ମାନ, ବାପା ମା ଙ୍କ ସମ୍ମାନର କଥା କହି ବାଟ ଭାଙ୍ଗି ଚାଲିଯାଏ। ଯାହା ବିନା ମୁହୂର୍ତ୍ତିଟିଏ ବଞ୍ଚିବା ଅସମ୍ଭବ ବୋଲି ଅଭୟବାଣୀ ଶୁଣାଇ ଥାନ୍ତି ତାଙ୍କ ମଲାମୁହଁ ଉପରେ ହାତରେ ମେହେନ୍ଦି ମାଖି, ମୁହଁରେ ଟିପି ଟିପି ଚନ୍ଦନ ସଜେଇ, ମୁଣ୍ଡରେ ଦୋଳ ମୁକୁଟ ପିନ୍ଧି ଅନ୍ୟର ହାତ ଧରି ଚାଲି ଯାନ୍ତି।ହେଲେ ପ୍ରେମିକଟିଏ ଝୁରି ଝୁରି ମରିଯାଏ ଅଥବା ଲୁହକୁ ପିଇପିଇ ଛଟପଟହୋଇ ବଞ୍ଚେ।

'ଆଉ ଥରେ ଆସିବ କି ତୁମେ / କଟକ / ମୋତେ ଦେଖା କରିବାକୁ / ଧୁ ଧୁ ଖରାରେ / କୁହୁଡ଼ିଭରା ଶୀତ ସକାଳରେ / ଅବା / ଛତାଧରି ଶ୍ରାବଣର ଲଗାଣ ବର୍ଷାରେ !'

( ଆଉ ଥରେ -୧, ପୃ : ୨୧)

ଅତୀତ ସ୍ମୃତିରେ ଆସେ, ସତସତିକା ଆସେନି। ପ୍ରତାରଣା ଯେତେବେଳେ ଯୋଜନାବଦ୍ଧ ଭାବରେ ହୁଏ ସେତେବେଳେ ଆଖିରୁ ଝରେ ଲୁଣି ପାଣି, ହୃଦୟରୁ ଲାଭା। ସେ ରକ୍ତାକ୍ତ ହୁଏ।

'ପ୍ରତାରଣାର ଯୋଜନାରେ / ଛିଣ୍ଡିଗଲା ପ୍ରେମପକ୍ଷୀର ଡେଣା / ତୋ ଜୀବନ ପାଲଟିଲା ଜହ୍ନରାତି, ଆଉ ମୋ ଜୀବନ ଏକ / କଳଙ୍କିତ ଅନ୍ଧାରି ଅଗଣା।'

(ଆତ୍ମଲିପି, ପୃ : ୨୭)

ହାରିବା ସବୁବେଳେ ନିଃଶେଷ କରି ଦିଏନି। ବେଳେବେଳେ ଅଭିଜ୍ଞ କରାଏ। ଜୀବନ ସହିତ ଯୁଝିବା ଶିଖାଏ। ସେତେବେଳେ ଜନ୍ମନିଏ ଜୀବନ ଦାସ। ସେ କାନ୍ଦି କାନ୍ଦି ଦିନେ ଥକି ଯାଏ। ଅସରାଏ ବର୍ଷିସାରି ହାଇ ମାରୁଥିବା ନିର୍ମେଘ ଆକାଶ ପରି ସେ ବି ଶାନ୍ତ ପଡ଼ି ଯାଏ। ପ୍ରେମ ପରିଧି ଡେଇଁ ନୂଆ ଏକ ପୃଥିବୀରେ ପାଦ ଦିଏ। ଯେଉଁଠି ତାକୁ ଅପେକ୍ଷା କରିଥାଏ ଜଂଜାଳର ବୋଝ।

'ଜୀବନ ଦାସ ସାମ୍ନାରେ / ସାନଭାଇର ଭବିଷ୍ୟତ / ବଡ଼ ଭଉଣୀର ବାହାଘର / ବାପାଙ୍କର ବ୍ୟାଙ୍କ୍ ଲୋନ୍ / ଆଉ ରୋଗୀଣା ବୋଉ / ଚିକିତ୍ସା ଖର୍ଚ୍ଚର ଭାର..'

. (ଜୀବନ ଦାସ ୨, ପୃ : ୪୧)

ଗୋଟେ ମଧ୍ୟବିତ୍ତ ଜୀବନର କେତେ ଅକପଟ ପରିପ୍ରକାଶ !

ଏତେ ଦୁଃଖ, ଲାଞ୍ଛନା ଭିତରେ ଲଢ଼େଇ କରି ବଂଚିବାକୁ ହୁଏ। ସ୍ୱପ୍ନର ପଟାଳିରେ ବୁଣିବାକୁ ହୁଏ ଆତ୍ମ ବିଶ୍ୱାସର ବୀଜ।

ବିଶ୍ୱାସ ବଞ୍ଚେଇ ରଖେ, ସ୍ୱପ୍ନ ଆଶା ସଂଚାର କରେ। ଜୀବନର ଶଗଡ଼ ଗାଡ଼ି ସମୟ ଗୁଳାରେ ଧୀରେ ଧୀରେ ଗଡୁଥାଏ। ସୁଖ ଦିନର ଅପେକ୍ଷାରେ ଥାଏ ଜୀବନ। ଶେଷରେ ଜଣା ପଡ଼େ ବିତି ଯାଇଥିବା ସମୟ ହିଁ ସୁଖକର ଥିଲା !

'ପଛକୁ ଫେରି ହୁଏନା / ଆଗକୁ ଯାଇ ହୁଏନା /ଆଗପଛର ଦୋଛକିରେ / ଦୋହଲୁ ଥାଏ ଜୀବନ / ପେଣ୍ଡୁଲମ୍ ପରି।'

(ଶେଷ ହସ୍ତାକ୍ଷର, ପୃ :୮୪)

ଜୀବନର ଚଲାବାଟରେ କବି ଭେଟିଛନ୍ତି ଅନେକ ଚରିତ୍ର, ସାଉଁଟିଛନ୍ତି ଅନେକ ଅନୁଭୂତି। ସେଇ ସବୁ ଅନୁଭବ ଜୀବନ୍ୟାସ ପାଇଛନ୍ତି ସମିରଙ୍କ କବିତାରେ। ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଦ୍ୱାରା ପରିଚାଳିତ ଅନ୍ୱେଷଣ ଚାରିଟେବୁଲ ଟ୍ରଷ୍ଟ ତରଫରୁ ବାଗ୍ମୀ ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଏଇ କବିତା ସଂକଳନ ପାଇଁ ଅନେକ ଶୁଭେଚ୍ଛା ଓ ଶୁଭ କାମନା।

'କବିତା ପ୍ରତି ପ୍ରାପ୍ତିଶୂନ୍ୟ ଆସକ୍ତି ହିଁ ତାଙ୍କ କବିତାର ପୁଞ୍ଜି, ଏହା ତାଙ୍କ କବିତା ମାନଙ୍କରୁ ସୁସ୍ପଷ୍ଟ।' ଯୁବ କବି ସମିର କୁମାର ବେଉରାଙ୍କ କବିତା ସମ୍ପର୍କରେ ଏକଥା କୁହନ୍ତି ଆମ ସମୟର ଅନ୍ୟତମ ବରିଷ୍ଠ କବୀ ତଥା ସୁନାମଧନ୍ୟା ସମ୍ପାଦିକା ସୈରିନ୍ଧ୍ରୀ ସାହୁ। ସମିରଙ୍କ ପ୍ରଥମ କବିତା ସଂକଳନ 'ଚାଲୁଚାଲୁ ଚଲାବାଟେ' ର ମୁଖବନ୍ଧରେ କବିଟିଏର ଜୀବନଚର୍ଯ୍ୟା ବିଷୟରେ ଶ୍ରୀମତୀ ସାହୁଙ୍କ ମତ ବେଶ୍ ସୁସ୍ପଷ୍ଟ। ତାଙ୍କ ମତରେ କେବଳ କବିଟିଏ ହିଁ ଆବେଗର ଟିପି ଟିପି ବର୍ଷାରେ ଅନ୍ୱେଷଣର କଠଉ ପିନ୍ଧି ଜୀବନର ନଈକୁ ପାର ହୋଇପାରେ।

ସମିରଙ୍କ ପାଇଁ ଏ ଧାଡ଼ି ବି ପ୍ରଯୁଜ୍ୟ। ସାଧାରଣତଃ କବିତା ହିଁ ଆବେଗଧର୍ମୀ। କିନ୍ତୁ ସମିରଙ୍କ କବିତା ତାଙ୍କ ସରଳ ହୃଦୟର ନିର୍ଭେଜାଲ ପରିପ୍ରକାଶ। ଏ କଥା ପାଠକଟିଏ ଅନୁଭବ କରିପାରିବ ତାଙ୍କ କବିତାର ଧାଡ଼ି ଗୁଡ଼ିକରୁ।

'ଗୋଟେ ପଟେ ମୋର ଭାତୃପ୍ରେମ / ଆର ପଟେ ତୋର ପତିଭକ୍ତି / ଆଉ ମଝିରେ / ପ୍ରତି ମୁହୂର୍ତ୍ତରେ / ସଂସାରର ଭାତ ହାଣ୍ଡିରେ / ମଲାଚାଉଳ ପରି ସିଝୁଥିବା / ତୋର ମୋର ସମ୍ପର୍କ.. '

(ଆଉ ଏକ ଅଯୋଧ୍ୟା, ପୃ : ୧୯)

ଚମତ୍କାର ରୂପକଳ୍ପ।

ସଂସାରର ବୋଝ ଭିତରେ ବି ସଚ୍ଚା



ଆଲେଖ୍ୟ : ବିପ୍ଳବ
ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

---

## ପୂଜା ପତ୍ରିକା ସମୀକ୍ଷା

ମୌସୁମୀ
ମୁଖ୍ୟ ସମ୍ପାଦକ
: ଡ. ଶ୍ରୀଧର ସାମଲ
ଠିକଣା : ସା-କଜଳା
ପୋ/ଜି - କେନ୍ଦ୍ରାପଡ଼ା - ୭୫୪୨୧୧
(ମୋ) : ୯୪୩୭୬୦୭୯୯୭, ୬୩୭୧୬୯୭୩୯୮
ମୂଲ୍ୟ : ୧୧୦/-




"ମା' ଦୁର୍ଗା ସତରେ ଏକ ଶକ୍ତି, ମହାଶକ୍ତି। ବିନା ଶକ୍ତିରେ ସୃଜନକ୍ରିୟା ସଂଘଟିତ ହୁଏ ନାହିଁ। କେବଳ ନବପତ୍ରିକା ବା ନବକିଶଳୟ ନୁହେଁ, ସବୁ କିଛି ସୃଷ୍ଟି ନୂତନ ରୂପେ ପ୍ରକଟିତ ହୁଏ। ସେ ମୃତ୍ତିକାର ହେଉ, କୃଷକ ହେଉ, ଗୀତିକାର ହେଉ, ସଂଗୀତକାର ହେଉ, ନୂତନ ଉନ୍ମାଦନାରେ ସେ ବିଭୋର ହୁଏ, ଭାବ ପ୍ରବଣ ହୁଏ, ଭାବାବିଷ୍ଟ ମଧ ହୋଇଯାଏ। ଭାବାବେଗ ପ୍ରତ୍ୟେକଟି ମନୁଷ୍ୟ ମନରେ ସୃଷ୍ଟି କରେ ଭାବନା, ଅନଭୁବ ଏବଂ ଚିନ୍ତନ। ଏହି ଭାବପ୍ରବଣତା ପ୍ରତ୍ୟେକକୁ ନୂଆ କିଛି ସୃଷ୍ଟି କରିବାକୁ ପ୍ରେରଣା ଯୋଗାଏ। ସୃଜନମନସ୍କତାରୁ ସୃଷ୍ଟି ହୁଏ ସାହିତ୍ୟ। ସମସ୍ତଙ୍କୁ ସାଥୀରେ ନେଇ ଚାଲିବା, ସମସ୍ତଙ୍କ ସହିତ ମିଶିଯିବା, ସହାନୁଭୂତି ବାଣ୍ଟିବା ଏବଂ ସମସ୍ତଙ୍କ ମନରେ ଆନନ୍ଦ ଓ ସ୍ଫୂର୍ତ୍ତିର ପ୍ରବାହ ସୃଷ୍ଟି କରିବା ହେଉଛି ସାହିତ୍ୟର ଉଦ୍ଦେଶ୍ୟ ଓ ସାହିତ୍ୟିକମାନଙ୍କର କର୍ତ୍ତବ୍ୟ। ସେଇଥିପାଇଁ କବିତା, ଗଳ୍ପ, ପ୍ରବନ୍ଧ, ନାଟକ, ସେଇଥିପାଇଁ ପୂଜା, ଆରାଧନା, ଓଷା, ବ୍ରତ, ସେଇଥିପାଇଁ ସଂଗୀତ, ବାଦ୍ୟ, ଘଣ୍ଟ, ଘଣ୍ଟା, ଶଙ୍ଖମହୁରୀ, ନୃତ୍ୟଗୀତର ଆୟୋଜନ। ଆଉ ସେଇଥାଇଁ ଆତ୍ମପ୍ରକାଶନ ଶିଳ୍ପୀ ଓ ସ୍ରଷ୍ଟାମାନଙ୍କର।

ମୌସୁମୀ ସାହିତ୍ୟ ସଂସ୍କୃତି ପରିଷଦର ସାହିତ୍ୟ ପତ୍ରିକା ମୌସୁମୀ ଏହି ପାବର୍ଣର ମୁଗ୍ଧ ମଧୁର ଅବସରରେ କିଛି ସୃଜନଶିଳ୍ପୀଙ୍କୁ ସେମାନଙ୍କ ଉଚ୍ଚାରିତ ଶବ୍ଦ ମାଧ୍ୟମରେ ଏକତ୍ରିତ କରିବାକୁ ବା ସମ୍ମିଳିତ କରିବାର ପ୍ରୟାସ କରିଛି ଯାହାର ଫଳଶ୍ରୁତି ହେଉଛି ମୌସୁମୀର ଏହି ଶାରଦୀୟ ପୂଜା ସଂଖ୍ୟା ୨୦୨୪" ବୋଲି 'ମୌସୁମୀ'ର ସମ୍ପାଦକୀୟ ସ୍ତମ୍ଭରେ ସମ୍ପାଦକ ଡ. ଶ୍ରୀଧର ସାମଲ ଏହି ବକ୍ତବ୍ୟ ରଖିଛନ୍ତି ।

୧୪୮ ପୃଷ୍ଠାର ଏହି ପତ୍ରିକାଟିରେ ପ୍ରବନ୍ଧ ବିଭାଗରେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଡକ୍ଟର ତ୍ରିନାଥ ପଟ୍ଟନାୟକ, ଡ଼. ପ୍ରଫୁଲ୍ଲ କୁମାର ସାହୁ, ଡକ୍ଟର ଶରତ ଚନ୍ଦ୍ର ରଥ, ନିରଞ୍ଜନ ମେକାପ, ପ୍ରାଧ୍ୟାପକ ଯଚିନ୍ଦ୍ର କୁମାର ରାଉତ, ଶ୍ରୀ ଦିବାକର ମହାନ୍ତି, ଅଧ୍ୟାପକ କ୍ଷିତୀଶ ଭୂୟାଁ, ପ୍ରଶାଂତ ମହାଂତି, ମୁକ୍ତିରାଣୀ ଦେବତା, ଶ୍ରୀଧର କୁମାର ଭୋଳ ପ୍ରମୁଖ ଉପାଦେୟ ପ୍ରବନ୍ଧ ଲେଖିଥିବା ବେଳେ କବିତାରେ ହରପ୍ରସାଦ ଦାସ, ଡ. ଫନୀ ମହାନ୍ତି, ଡ. ହୃଷିକେଶ ମଲ୍ଲିକ, ସୌଭାଗ୍ୟମନ୍ତ ମହାରଣା, ଅନ୍ନପୂର୍ଣ୍ଣା ମହାନ୍ତି, ଇଂ ବିଷ୍ଣୁ ସାହୁ, ଡ. ସିପ୍ରା ମଲ୍ଲିକ, ଧନଞ୍ଜୟ ସ୍ୱାଇଁ, ଡ. ଶ୍ରୀହରି ଧଳ, ଶ୍ରୀରାମ ଦାଶ, ସୈରିନ୍ଧ୍ରୀ ସାହୁ, ରକ୍ଷକ ନାୟକ, ଅମ୍ରିତ ଋତୁରାଜ, ଡ ଶ୍ରୀଧର ସାମଲ, ବିରଜା ରାଉତରାୟ, ପ୍ରେମାନନ୍ଦ ଖଣ୍ଡୁଆଳ, ଆଶିଷ ମହାପାତ୍ର , ପ୍ରଭାତୀ ମାଝୀ, ପ୍ରସନ୍ନ କୁମାର ସ୍ୱାଇଁ, ଲାବଣ୍ୟ ନାୟକ, ପିନାକୀ ମିଶ୍ର, ବୃନ୍ଦାବନ ଦାସ, ଡ. ଅନିଲ ନନ୍ଦ, ଡଃ. ନୀଳମଣି ଲେଙ୍କା, ଅନିତା ରାୟ, ଅୟସ୍କାନ୍ତ, ରମାକାନ୍ତ ଜେନା, ଡ଼. ଆଲୋକ କୁମାର ରାୟ, ସସ୍ମିତା ସୁନାମୁଦି, ସୁଶୀଲ କୁମାର ପାଣିଗ୍ରାହୀ, ଅନୀତା ପାଣି, ସଚ୍ଚିଦାନନ୍ଦ ମିଶ୍ର , ହିମାଂଶୁ ପରିଡା, ଅଭିରାମ ସାହୁ, ସୁରଞ୍ଜନ ପାତ୍ର , ଲକ୍ଷ୍ମୀପ୍ରିୟା ସାହୁ (ମାଇତି), ନିରଞ୍ଜନ ବେଉରିଆ, ଲକ୍ଷ୍ମୀପ୍ରିୟା ପୃଷ୍ଟି, ଡ଼କ୍ଟର କବିତା ନନ୍ଦ, ଶଶିକାନ୍ତ ଦାସ, ସୁଜିତ କୁମାର ମିଶ୍ର, ପ୍ରାଧ୍ୟାପିକା ବୀଣାପାଣି ତ୍ରିପାଠୀ, ଆନନ୍ଦ କୁମାର ମାଇତି, ରଞ୍ଜନ ବାଇ, ରଶ୍ମି ରେଖା ବେହେରା, ସିପ୍ରା ମହାନ୍ତି, ପୂର୍ଣ୍ଣ ଦାସ, ସସ୍ମିତା ରାଉତ, ନୀଳାମ୍ବର ପଣ୍ଡା, ଦେବଯାନୀ ରାୟ, ମିଲନ କୁମାର ମିଶ୍ର (ଭରଦ୍ୱାଜ), ଡ. ମମତା ସାହୁ, ମନ୍ମଥ ବରାଳ, ମମତା ବେହେରା, ପ୍ରଫେସର ରେମଶ ଚନ୍ଦ୍ର ସାହୁ , ସୁରେନ୍ଦ୍ର ପାଣିଗ୍ରାହୀ, ଡ.ଉମେଶ ଚନ୍ଦ୍ର ମହାପାତ୍ର, ଡ.ଚିତ୍ରାକାନ୍ତୀ ସେଠୀ, ଡ ତୋଫାନ ଜେନା, ଡକ୍ଟର ପ୍ରସନ୍ନ କୁମାର ନାୟକ, ବୁନୀ ତ୍ରିପାଠୀ, ସ୍ନିଗ୍ଧା ନାୟକ, ପ୍ରମୋଦ ମଲ୍ଲିକ, ସୁଧୀର ମେହେର, ଐଶ୍ୱର୍ଯ୍ୟା ପ୍ରଧାନ, ଅମ୍ବିକା ସ୍ୱାଇଁ , ରମେଶ ପତି, ଅଜୟ କୁମାର ପାତ୍ର , କୁମର ନାଥ ପାତ୍ର, ସୁବ୍ରତା ମହାନ୍ତି , ରଶ୍ମିତା ସେନାପତ, ଶ୍ରୀଧର ଶେଖର ମହାପାତ୍ର, ନିରୁପମା ଦାସ, ପ୍ରତିଭା ମଞ୍ଜରୀ ଜେନା, ଡକ୍ଟର ରାମଚନ୍ଦ୍ର ପଲାଇ, ଅଧ୍ୟାପକ ଶରତ କୁମାର ଦାସ, ଡ. ଜ୍ୟୋସ୍ନାରାଣୀ କର, ବିଶ୍ୱନାଥ କର, ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ, ଡକ୍ଟର ପୁରୁଷୋତ୍ତମ ମିଶ୍ର, ଗୀତାଞ୍ଜଳି ଭୂୟାଁ, ସୁଶାନ୍ତ କୁମାର ନାୟକ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ପଲ୍ଲବୀ ଦାସ, ଜ୍ୟୋସ୍ନା ସାମନ୍ତରାୟ, ନୃସିଂହ ଚରଣ ବେହେରା, ଅଶୋକ କୁମାର ବେହେରା, ପୁଷ୍ପାଞ୍ଜଳି ପଣ୍ଡା, ବିଜନ ରାୟ, ପ୍ରିୟନାଥ ପାଣି, ରାଧାଶ୍ୟାମ ମହାନ୍ତ, ଗାୟତ୍ରୀ ଦାଶ, ଅନସୂୟା ପଣ୍ଡା, ଶୁଭଲକ୍ଷ୍ମୀ ସେଠୀ, ସଞ୍ଜୟ କୁମାର ମଲ୍ଲିକ, ସତ୍ୟନାରାୟଣ ଜେନା ପ୍ରମୁଖଙ୍କ କବିତାରେ ପରିପୁଷ୍ଟ ହୋଇଛି ।

ଗଳ୍ପ ବିଭାଗରେ ଡକ୍ଟର ସଚ୍ଚିଦାନନ୍ଦ କର, ଜ୍ୟୋସ୍ନା ମିଶ୍ର ପାଣିଗ୍ରାହୀ, ସମୀର ରଞ୍ଜନ, ଡ. ବାସୁଦେବ ଦାସ, ବିନୋଦ, ନିରୁପମା କର, ରବି ସ୍ୱାଇଁ, ପଦ୍ମାଳୟା ସାମଲ, ଭରତ ଚନ୍ଦ୍ର ଜେନା, ସୁବାସ ଚନ୍ଦ୍ର ଜେନା, ସନ୍ନିଭା ମିଶ୍ରଦାଶ, ପ୍ରଫୁଲ୍ଲ ବାରିକ, ଘନଶ୍ୟାମ ପଲେଇ ଗଳପ ଲେଖିଥିବା ବେଳେ ନକୁଳ ଚନ୍ଦ୍ର ସାହୁଙ୍କର ପୁସ୍ତକ ସମୀକ୍ଷା, ପୀତାମ୍ବର ତରାଇଙ୍କ ସହ ସାକ୍ଷାତକାର ବେଶ୍ ଭାବଗର୍ଭକ ଓ ଉପାଦେୟ ହେଇଛି ।

ସବୁଥର ପରି ସୁନ୍ଦର ପ୍ରଚ୍ଛଦ ଥିବା ନିରୋଳା ସାହିତ୍ୟକୁ ନେଇ ପ୍ରକାଶ ପାଉଥିବା ମୌସୁମୀର ପୂଜାସଂଖ୍ୟା- ୨୦୨୪ ସବୁଥର ପରି ପାଠକାଦୃତ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ ।

ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୪ ନଭେମ୍ବର ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




## ଚେତନାର ଦର୍ପଣ - ୪୯

# ସତ୍ୟଂ ବ୍ରୁୟାତ୍ ପ୍ରିୟଂ ବ୍ରୁୟାତ୍



♥ ଲଳିତ ମୋହନ ମିଶ୍ର

'ସତ୍ୟମେବ ଜୟତେ' ଓ 'ସତ୍ୟଂବଦ' ହେଉଛି ଉପନିଷଦର ବାଣୀ । ଆମ ଜୀବନରେ ଅନେକ ଥର ବୟସ୍କଙ୍କ ଠାରୁ , ସାଧୁ ସନ୍ଥ, ଜ୍ଞାନୀ ପୁରୁଷଙ୍କଠାରୁ ଶୁଣିଛୁ 'ସତ କହିବା ଠାରୁ ବଡ଼ ପୁଣ୍ୟ' ଆଉ କିଛି ନାହିଁ । ଆଉ ମିଛ କହିବା ଠାରୁ ବଡ଼ ପାପ କିଛି ନାହିଁ । ଏହି କଥାଟି ଆମ ଜୀବନରେ ବହୁତ କିଛି ଶିକ୍ଷା ଦେଇଥାଏ । ହେଲେ ଆମର ଅନ୍ତରାତ୍ମାରେ ସତ କହିବା ଏବଂ ସତ୍ୟକୁ ସମର୍ଥନ କରିବାକୁ ସଦାସର୍ବଦା ସାହସ ଦେଇଥାଏ । କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଅନେକ ପରିସ୍ଥିତିରେ ଆମେ ସତ୍ୟ କହିବା ପରିବର୍ତ୍ତେ ମିଥ୍ୟାକୁ ସମର୍ଥନ କରିବା ଜରୁରୀ ହୋଇ ପଡିଥାଏ । କାହାର ଜୀବନ ବଞ୍ଚାଇବାକୁ ଯାଇ କୁହାଯାଉଥିବା ମିଥ୍ୟା ହଜାରେ ସତ୍ୟଠାରୁ ଅଧିକ ହୋଇପଡେ । ତେଣୁ ତ ଶାସ୍ତ୍ରରେ କହିଛି - 'ସତ୍ୟଂ ବ୍ରୁୟାତ୍ ପ୍ରିୟଂ ବ୍ରୁୟାତ୍ ନ ବ୍ରୁୟାତ୍ ସତ୍ୟମପ୍ରିୟମ୍/ ପ୍ରିୟଂ ଚନାନୃତମ୍ ବ୍ରୁୟାତ୍ ଏଷ ଧର୍ମଃ ସନାତନଃ । ଅର୍ଥାତ୍ ସତ୍ୟ କୁହ, ପ୍ରିୟ କଥାକୁହ, ମାତ୍ର ଯେଉଁ ସତ୍ୟ ଅପ୍ରିୟ ତାହା କୁହ ନାହିଁ । ଥରେ ଜଣେ ସାଧୁ କେଉଁଆଡ଼େ ଯାଉଥିଲେ । ବାଟରେ ସେ ଗୋଟିଏ ଛେଳି ବେପାରୀକୁ ଦେଖିଲେ । ଛେଳି ବେପାରୀ ଲୋକଟି ଭାବିଲା, 'ସାଧୁ ମହାତ୍ମା ଜଣକ ଜଣେ ଭଦ୍ର ବ୍ୟକ୍ତି । ତାଙ୍କୁ ସତ କଥାଟା କହିଦେବେ ଭଲ ହେବ । ଛେଳି ବେପାରୀ ଲୋକଟି କହିଲା, ମହାରାଜ ! ମୋର ଛେଳିଟି କେଉଁଆଡେ ଚାଲିଗଲା । ବହୁତ ଖୋଜାଖୋଜି କଲିଣି, କିନ୍ତୁ କେଉଁଠି ହେଲେ ପାଉ ନାହିଁ । ଯଦି ଆପଣ ତାଙ୍କୁ ରାସ୍ତାରେ କେଉଁଠି ଦେଖିବେ, ଦୟାକରି ମୋତେ ଜଣାଇବେ । ସାଧୁ ତାଙ୍କୁ ପ୍ରତିଶ୍ରୁତି ଦେଲେ, ବାଟରେ ଯଦି ମୁଁ ଦେଖେ ନିଶ୍ଚିତ ଜଣାଇବି । କିଛି ଦୂର ଯିବା ପରେ ସାଧୁ ଜଣକ ଛେଳିଟିକୁ ଦେଖିଲେ । ସେ ଏକ ଗଛ ପାଖରେ ଚରୁ ଥିଲା । ତା'ପରେ ସାଧୁଙ୍କ ପଛରେ ସେହି ଲୋକଟି ଦୌଡ଼ି ଆସି ସାଧୁଙ୍କୁ କହିଲେ, 'ମହାରାଜ ! ଆପଣ ଏହି ରାସ୍ତାରେ ସେହି ଛେଳିଟିକୁ ଦେଖିଲେ କି ?' ସାଧୁ ଭାବିଲେ, 'ଯଦି ମୁଁ ସତ କହିବି, ଏ ସେହି ଛେଳିକୁ ନେଇ ମାରି ମାଂସ ଖାଇବ । ଏହା ମୋର ଧର୍ମର ଉଲ୍ଲଂଘନ ହେବ। ତା'ପରେ ସାଧୁ ଭାବିଲେ, 'ସତ କହିବା ହେଉଛି ଧର୍ମ, କିନ୍ତୁ ଜୀବିତ ଜୀବକୁ ମାରିବା ପାଇଁ ସତ କହିବା ଧର୍ମ ହୋଇପାରିବ ନାହିଁ । ଏକଥା ଭାବି ସାଧୁ ତାଙ୍କୁ କହିଲେ, ହଁ, ମୁଁ ଛେଳିଟିକୁ ଦେଖିଲି, କିନ୍ତୁ ଏହି ରାସ୍ତାରେ କେଉଁ ଦିଗକୁ ଗଲା ତାହା ମୋର ମନେ ପଡୁ ନାହିଁ । ଛେଳିଟିକୁ ବଞ୍ଚାଇବାକୁ ଯାଇ ସାଧୁ ନିଜର ବୁଦ୍ଧି ଖଟାଇ କାର୍ଯ୍ୟ କଲେ । ବାସ୍ତବରେ ଆମେ ଏମିତି ସତ କହିବା ଉଚିତ, ଯେଉଁ ସତ୍ୟ ଦ୍ୱାରା କାହାର କିଛି କ୍ଷତି ହେଉ ନ ଥିବ ।


♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬


# ଏତେ ଅଶ୍ଳୀଳତା କାହିଁକି

## ଦିପ୍ତିମୟୀ ନାୟକ

ଆଜିକାଲି ଯାତ୍ରାରେ ଅଶ୍ଳୀଳତା ନୃତ୍ୟ ସହ ଅଶ୍ଳୀଳ କଥା କହି କିଛି ଯୁବତୀ ଚର୍ଚ୍ଚିତ ଚେହେରା ପାଲଟି ଯାଉଛନ୍ତି । ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ଯାତ୍ରା କମିଟି । ଯଦି ଯାତ୍ରା କମିଟି ଗୁଡିକ ସେମାନଙ୍କୁ ଅଶ୍ଳୀଳ ନୃତ୍ୟ କିମ୍ବା ଅଶ୍ଳୀଳ କଥା କହିବାକୁ ବାରଣ କରନ୍ତେ ତେବେ ସେହି ଯୁବତୀ ମାନେ ଅଶ୍ଳୀଳତା ନାମରେ ନିଜ ଅଙ୍ଗ ପ୍ରଦର୍ଶନ କରନ୍ତେନି କି ରାତାରାତି ଗୋଟେ ଚର୍ଚ୍ଚିତ ଚେହେରା ହୁଅନ୍ତେନି । ଯଦିଓ ଯାତ୍ରାରେ ଏହି ଯୁବତୀ ମାନେ ଅଶ୍ଳୀଳ କଥା କହିବା ସହ ନିଜ ଅର୍ଦ୍ଧ ନଗ୍ନ ଶରୀର ଦେଖାନ୍ତି କିଛି ଦର୍ଶକ ମଧ୍ୟ ବିଚଳିତ ହୋଇଥାନ୍ତି ଆଉ କିଛି ଦର୍ଶକ ନିଜ ପରିବାର ସହ କିପରି ଏତେ ଅଶ୍ଳୀଳ ନୃତ୍ୟ ଦେଖିବେ ଏବଂ କିପରି ଏତେ ଅଶ୍ଳୀଳ କଥା ଶୁଣିବେ ଲାଜରେ ମୁହଁ ତଳକୁ କରିଦିଅନ୍ତି । ଏଠି କଥା ଉଠୁଛି କିଏ କାହାକୁ କେତେ ବାଧ କରୁଛି ସେହି ଅଶ୍ଳୀଳ ନୃତ୍ୟ ଦେଖିବାକୁ କି ଅଶ୍ଳୀଳ କଥା ଶୁଣିବାକୁ । ଯେହେତୁ ଆମ ଦେଶ ହେଉଛି ନାଟ୍ୟ, ସଂଗୀତ, କଳା, ପରମ୍ପରାର ଦେଶ ଯାତ୍ରା ପ୍ରତି ଲୋକଙ୍କର ଲୋକପ୍ରିୟତା ରହିଛି କିନ୍ତୁ ଦୁଃଖର ବିଷୟ ସେହି ଲୋକପ୍ରିୟତା ଏବେ କମିବାକୁ ବସିଲାଣି । ଯେଉଁ ଯାତ୍ରାରେ ଲୋକଙ୍କର ମନୋରଞ୍ଜନ ଥାଏ ଏବେ ସେହି ଯାତ୍ରାରେ ମନୋରଞ୍ଜନ ନାମରେ ଅଶ୍ଳୀଳତା କଥା ସାଙ୍ଗକୁ ଅଶ୍ଳୀଳ ନୃତ୍ୟ ଭରି ରହିଛି । ତେଣୁ ଯାତ୍ରାପାର୍ଟିର ସଦସ୍ୟମାନେ ଏଥିପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ । ନୃତ୍ୟ ହେଉ ଅଶ୍ଳୀଳତାକୁ ବନ୍ଦ କରାଯାଉ । ଦୋଅକ୍ଷରୀ ଅର୍ଥାତ ଅଶ୍ଳୀଳ ଭାଷାକୁ ଛାଡି ଭଲ ଭାଷା କୁହାଯାଉ । ଯାତ୍ରା କହିଲେ ସାଧାରଣତଃ ଆମେମାନେ ବୁଝିଥାଉ ଯେ କୌଣସି ପୌରାଣିକ ବିଷୟବସ୍ତୁକୁ ନେଇ ଏକ ମୁକ୍ତ ରଙ୍ଗମଞ୍ଚରେ ନିଜ ମୁହଁରେ ରଙ୍ଗ ବୋଳି ସର୍ବସମ୍ମୁଖରେ ଅଭିନୟ କରି ଲୋକମାନଙ୍କ ମନ କିଣିବା ଏବଂ ଆମ ସମାଜକୁ ଗୋଟେ ଉତ୍ତମ ବାର୍ତ୍ତା ଦେବା । ଅନେକ ପେଶାଦାର ସଂସ୍ଥାମାନଙ୍କର ଭାତ ହାଣ୍ଡି ଚୁଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ କାରଣ ଏହି ଯାତ୍ରା ଜଗତରେ ଥିବା କଳାକାର ମାନେ ଯାତ୍ରାକୁ ହିଁ ତାଙ୍କର ଜୀବନ ଓ ଜୀବିକା ଭାବିଥାଆନ୍ତି । ଏବେବି ଯାତ୍ରା କଥା ଉଠିଲେ ମନରେ ଗର୍ବ ଆସେ ଯେଉଁଠି ଆଧୁନିକ ଯୁଗରେ ବିଭିନ୍ନ ସିନେମା ହଲ, ଇଣ୍ଟରନେଟ, ମୋବାଇଲର ଚାହିଦା ବଢ଼ିଚାଲିଥିବା ବେଳେ ଆଜିବି ଆମ ଲୋକମାନଙ୍କ ମନରେ ସେହି ଯାତ୍ରା ପ୍ରେମ ଅଛି । ବାହାର ଲୋକମାନଙ୍କ ଆଗରେ ଆମେ ମଥା ଟେକି କହି ପାରୁଛୁ ଆଧୁନିକ ଯୁଗ ହେଲେ ମଧ୍ୟ ଆମେ ଆଜିବି ସେହି ପୁରୁଣା ସଂସ୍କୃତିକୁ ଆପଣେଇ ନେଇଛୁ । ଆମ ଦେଶ ହେଉଛି ନାଟ୍ୟ, ସଂଗୀତ , କଳା ପରମ୍ପରାର ଦେଶ କିନ୍ତୁ ଏହା ଏବେ ଆଧୁନିକତା ଭିତରେ ଅନ୍ତସାରଶୂନ୍ୟ । ଓଡିଶାର ବିଭିନ୍ନ ସ୍ଥାୟୀ ପେସାଦାର ରଙ୍ଗମଞ୍ଚ ଗୁଡିକର ଦୁରାବସ୍ଥା ତାହାର ନିଚ୍ଛକ ଉଦାହରଣ ପାଲଟିଯାଇଛି । ଓଡିଶାର ପ୍ରାଚୀନ ନାଟ୍ୟ ପରମ୍ପରାକୁ ରକ୍ଷା କରିବା ଆମମାନଙ୍କର ନିତ୍ୟାନ୍ତ ଆବଶ୍ୟକ । ଆମମାନଙ୍କ ଭିତରେ ଆଧୁନିକତା ରହୁ କିନ୍ତୁ ଆମ ପରମ୍ପରା ଯେମିତି ନବଦଳୁ । ଆଜିର ସମାଜରେ ଯେଉଁ ସବୁ ଯାତ୍ରା ହେଉଛି ତାହା ଆମମାନଙ୍କ ପରମ୍ପରାରେ ନାହିଁ । ପୂର୍ବକାଳରେ ଯେଉଁଠି ଯାତ୍ରା ହୋଇଥାଏ ସେଠି ନିଜ ପରିବାର ସହ ମିଶିକି ଯାତ୍ରା ଦେଖି ହୋଇପାରୁଥିଲା କିନ୍ତୁ ଏବେ ଯେମିତି ସବୁ ଯାତ୍ରା ହେଉଛି ତାହା ନିଜ ପରିବାର ସହ ମିଶିକି ଯାତ୍ରା ଦେଖିବାକୁ ମଧ୍ୟ ଖରାପ ଲାଗୁଛି ହୁଏତ ଏମାନଙ୍କ ମନରେ କିଏ ଭୁଲ ଧାରଣାର ବିଷ ମଞ୍ଜି ବୁଣି ଦେଇଛି ସେଥିପାଇଁ ଯାତ୍ରା ପାର୍ଟିର ମାଲିକ ମାନେ କଳାକାର ମାନଙ୍କୁ ଆଣି ବେସି ରୋଜଗାର କରିବା ଆଶାରେ ଉଲଗ୍ନ ପ୍ରାୟ ସଜେଇ ତାଙ୍କୁ ପେଣ୍ଡାଲ ଉପରେ ନଚାଉଛନ୍ତି ଆଉ ଦର୍ଶକ ସିନା ମଜା ନେଉଛନ୍ତି କିନ୍ତୁ ଏହା ଆମ ସମାଜ ଉପରେ ବହୁତ ଗୁଡିଏ କୁପ୍ରଭାବ ପକାଉଛି । ରୁଚି ମୁତାବକ ନିଜ ପରିବାର ସହ ଯାତ୍ରା ସବୁ ଯଦି ପରିବେଷଣ ହୁଅନ୍ତା ତାହାଲେ ନିଜ ପରିବାର ସହ ଯାତ୍ରା ଦେଖିବାକୁ ବି ଲାଜ ଲାଗୁନଥାନ୍ତା । ଆମେ ହେଉଛେ ଓଡ଼ିଆ ଯେତେବେଳେ ସିନେମା ନଥିଲା ସେତେବେଳେ ଏହି ଯାତ୍ରା କଳାକାର ମାନେ ହିଁ ବିଭିନ୍ନ ସାଂସ୍କୃତିକ ନାଟ୍ୟ ପରିବେଷଣ କରି ଲୋକ ମାନଙ୍କୁ ମନରଞ୍ଜନର ଖୁରାକ ଯୋଗାଉ ଥିଲେ ତେବେ ଏବେ କାହିଁକି ସେହି ଭଳି ନାଟ୍ୟ ପରିବେଷଣ ହେଉନାହିଁ । ଯାତ୍ରା ଆରମ୍ଭରୁ କାହିଁକି ଅଶ୍ଳୀଳ ନୃତ୍ୟ କରି ଯୁବପିଢ଼ିଙ୍କୁ ଖରାପ ବାର୍ତ୍ତା ପ୍ରେରଣ କରାଯାଉଛି । ଯଦି ସମାଜକୁ ଭଲ ବାର୍ତ୍ତା ଦେଲାଭଳି କିଛି ନାଟ୍ୟ ପରିବେଷଣ ହୁଅନ୍ତା ତାହାଲେ ଆମେମାନେ ଆମ ପୁରୁଣା ସଂସ୍କୃତିକୁ ଫେରି ପାଇପାରନ୍ତେ । ତେଣୁ ଯାତ୍ରା ହେଉ କିନ୍ତୁ ଆମ ଦେଶର ନାଟ୍ୟ, ସଙ୍ଗୀତ, କଳା, ପରମ୍ପରାକୁ ବଜେଇ ରଖୁ । ନାଟ୍ୟର ମୂଲ୍ୟବୋଧ ନକମୁ।


♥ ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬


## ॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

## ଡ. ଶ୍ରୀକାନ୍ତ ଚରଣ ପାତ୍ର



### ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୪୯)

### ସ୍ୱପ୍ନ ବାସ୍ତବ ରୂପନେଲା

ଯଥା ସମୟରେ ମନୋରଞ୍ଜନ ଜେନାଙ୍କ ଘରେ ସୁଧୀର କୁମାର ଦାସ, ମୁଁ, ଜୟ ନାରାୟଣ ମହାନ୍ତି, କେଶବ ଚନ୍ଦ୍ର କର, ଲକ୍ଷ୍ମୀକାନ୍ତ କର, ଅଜୟ ପରିଡା, ବନବିହାରୀ ଦାସ, ପରିଚାଳନା କମିଟିର ସଦସ୍ୟ ମାନେ ଏବଂ ଆମ ଅଞ୍ଚଳର ଅନେକ ଉତ୍ସାହୀ ବନ୍ଧୁ ଉପସ୍ଥିତ ହେଲୁଁ। ବହୁ ଆଲୋଚନାପରେ, ତହିଁ ପରଦିନ ଅର୍ଥାତ୍ ୧୯୮୬ ମସିହା ଡିସେମ୍ବର ମାସ ୧୫ ତାରିଖ ସୋମବା୍ର ଏକ ଶୁଭ ମୁହୂର୍ତ୍ତରେ କଲେଜର ଛାତ୍ରଛାତ୍ରୀଙ୍କୁ ଭର୍ତ୍ତି କରିବା ନିମନ୍ତେ ସ୍ଥିର ହେଲା ।

ସେଦିନ ମଧ୍ୟ ଆମେ ଉପସ୍ଥିତ ରହିଲୁ। ଦୀନକୃଷ୍ଣ କଲେଜର ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ତଥା ଆମ ଗାଆଁର ଅଧିବାସୀ ହରେକୃଷ୍ଣ ଦାସ ନଡିଆ ଭାଙ୍ଗି କଲେଜ କାମ ଆରମ୍ଭ କଲେ। ସମସ୍ତେ କରତାଳି ଦେଇ ସ୍ୱାଗତ କଲେ । କେତେଜଣ ଛାତ୍ରଛାତ୍ରୀ +୨ ପ୍ରଥମ ବର୍ଷ କଳାଶ୍ରେଣୀରେ ଭର୍ତ୍ତି ହେଲେ। ଅଧ୍ୟାପକ ପଦ ଆଶାୟୀ ଇତିହାସରେ ଏମ୍.ଏ.ପାଶ କରିଥିବା କାଶିଡିହାର ରାଧାରଞ୍ଜନ ସେନାପତି ଉପସ୍ଥିତ ଥିଲେ। ଆମ ଗାଆଁର ମୁକ୍ତେଶ୍ୱର ଦାସ କିରାଣୀ ଓ ହରେକୃଷ୍ଣ କରଣ ପିଅନ ଭାବରେ କାର୍ଯ୍ୟ ତୁଲାଇଲେ।

୨୪ ତାରିଖ ବୁଧବାର ଦିନ ଏକା ଉତ୍ସାହ ଓ ଚାପା ଉତ୍ତେଜନା ଦେଖାଦେଲା। ରାଇବଣିଆ ଅଞ୍ଚଳରେ ସାଧୁ ଚରଣ ମହାବିଦ୍ୟାଳୟ ନାମରେ ଏକ କଲେଜ ପ୍ରତିଷ୍ଠା ହେଉଛି ଓ ସେଠାରେ ଆଜିଠାରୁ କାର୍ଯ୍ୟ ଆରମ୍ଭ ହେଲା, ସେକଥା ମନେପଡିଲେ ଆଜିବି ଆଖିରେ ଲୁହ ଜକେଇ ଆସୁଛି । ପ୍ର. ହରେକୃଷ୍ଣ ଦାସ, ପ୍ର. ଲକ୍ଷ୍ମୀଧର ଗିରି , ମୁଁ , ରାଧାରଞ୍ଜନ ସେନାପତି ଓ ଅନ୍ୟଜଣେ (ଇତିହାସ ) ଶିକ୍ଷାଦାନ କଲୁଁ ।

ଦାତା ଶ୍ରୀସାଧୁ ଚରଣ ଜେନା ଓ ଶ୍ରୀ ଜୟ ନାରାୟଣ ମହାନ୍ତି ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କଲେ ।

ଏହାପରେ ଆମର ଦାୟିତ୍ୱ ଅହୁରି ବଢିଗଲା। ବର୍ତ୍ତମାନ ପାଇଁ ଶିକ୍ଷାଦାନ କିମିତି ଚାଲିବ, ତାହାହିଁ ହେଲା ଚିନ୍ତାର କାରଣ। ବିଭିନ୍ନ ବିଷୟରେ ଏମ.ଏ.ପାଶ୍ କରି ଶିକ୍ଷକତା କରୁଥିବା ବନ୍ଧୁମାନେ ସହଯୋଗର ହାତ ବଢାଇଲେ। ଇଂରାଜୀ ଭାଷା ସାହିତ୍ୟରେ ଶିକ୍ଷାଦାନ ନିମନ୍ତେ ଶ୍ରୀପ୍ରଫୁଲ୍ଲ କୁମାର ଗାନ୍ଧୀ ଓ ଶ୍ରୀ ବରେନ୍ଦ୍ର କୁମାର ଗିରିଙ୍କୁ ଅନୁରୋଧ କରିବାରୁ ସେମାନେ ସଦୟ ସ୍ୱୀକୃତି ଦେଲେ। ବର୍ତ୍ତମାନପାଇଁ ପ୍ର.ହରେକୃଷ୍ଣ ଦାସ ରାଜନୀତି ବିଜ୍ଞାନ, ପ୍ର.ଲକ୍ଷ୍ମୀଧର ଗିରି ତର୍କଶାସ୍ତ୍ର ଓ ମୁଁ ଅର୍ଥଶାସ୍ତ୍ର ପଢାଇବାର ସିଦ୍ଧାନ୍ତ ନେଲୁଁ । ସେଥିପାଇଁ, ଏ କଲେଜରେ ରୁଟିନ ଅନୁସାରେ ସକାଳ ୭ରୁ ୯ଟା ଯାଏଁ ପିଲାଙ୍କୁ ପଢାଇ ଆମେ ଘରକୁ ଯାଉ ଓ ୯/୯.୩୦ରେ ଦୀନକୃଷ୍ଣ କଲେଜକୁ ଯାଇ ପଢାଉ । କେବେକେବେ ରବିବାରରେ ମଧ ପିଲାଙ୍କୁ ପଢାଇଥାଉ । ଶ୍ରୀ ଚିନ୍ମୟ କୁମାର ଦାସ ରାଜନୀତି ବଜ୍ଞାନ ପଢାଇଲେ ।

ତେଘରି ଓ ଚେଙ୍ଗଦା ଗ୍ରାମର ପ୍ରତ୍ୟେକ ଗୃହକୁ ଯାଇ ତଥା ଏ ଅଞ୍ଚଳର ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସାକ୍ଷାତକରି ଏଡ. ଚିନ୍ମୟ କୁମାର ଦାସ, ମୁଁ ଓ ମଧୁସୂଦନ ଦେ ସାହାଯ୍ୟ ଓ ସହଯୋଗ ଭିକ୍ଷାକଲୁ ।

କଲେଜ କାମ ଆଗେଇ ଚାଲିଲା ।

(କ୍ରମଶଃ)


♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧


## ଗଳ୍ପ

# ଅନ୍ୟ ଜଣେ ସାବିତ୍ରୀ

## ସତ୍ୟନାରାୟଣ ପ୍ରଧାନ

ଗାଁର ଶେଷ ମୁଣ୍ଡ ବରଗଛ ପାଖରେ ହାଡ଼ିଆର ଚାଳ ଛପର ଘର ଖଣ୍ଡେ ଦୂରରୁ ଚାହିଁଲେ ଦେଖା ଯାଉଥିଲା । ସମସ୍ତଙ୍କର କୋଠା ଘର ସାଙ୍ଗକୁ ମାର୍ବଲ ଟାଇଲ ଆଗରେ ତାର ପୁରୁଣା କାଳିଆ ଘର ବାରି ହୋଇ ପଡୁଥିଲା। ସେ କହିଲେ ତାର ଧର୍ମପତ୍ନୀ ଓ ଦୁଇ ବର୍ଷର କୁନି ଝିଅକୁ ନେଇ ଛୋଟିଆ ସଂସାର କହିଲେ ଚଳେ । ସେମାନଙ୍କର ବାହାଘରକୁ ଚାରିବର୍ଷ ନ ପୁରୁଣୁ ତାଙ୍କର ଧର୍ମପତ୍ନୀ ଅଜଣା ରୋଗରେ ପୀଡିତ ହୋଇ ଭାରି ଦହଗଞ୍ଜ ହେଉଥିଲେ । ସେ ଦୁନିଆ ଛାଡ଼ି ଯିବା ପୂର୍ବରୁ ସ୍ୱାମୀଙ୍କ ହାତରେ ଦୁଇ ବର୍ଷର କୁନି ଝିଅକୁ ଛାଡ଼ି ଭଲରେ ରଖିବାକୁ ଶେଷ ଅନୁରୋଧ କରି ଆରପାରିକୁ ଚାଲି ଯାଇଥିଲେ ।

ଝିଅଟିର ଦେଖା ଶୁଣା କରିବାରେ ଅସୁବିଧା ହେବାରୁ ଗୋଟେ ବାପା ହିସାବରେ ତାର ସୁନେଲି ଭବିଷ୍ୟତ ଗଠନ କରିବା ପାଇଁ ପୁଣି ଥରେ ଦ୍ୱିତୀୟ ବିବାହ କରିଥିଲେ । ଝିଅଟି ଜୀବନରେ ଭଲ କାମ କରି ଦୁଇ କୂଳର ହିତ ସାଧନ କରିବା ପାଇଁ ପୁରୁଣା ପ୍ରଥା ପରମ୍ପରା ଅନୁସାରେ ତାର ନାଁ ସାବିତ୍ରୀ ଦେଇଥିଲେ । ଝିଅଟି ପାଠଠାରୁ ଆରମ୍ଭ କରି କଥାବାର୍ତ୍ତା ଆଚାର ବ୍ୟବହାରରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଦେଉଥିଲା।

ଗାଁ ଗଣ୍ଡାରେ କେବଳ ତା ପ୍ରଶଂସା ସମସ୍ତଙ୍କ ମନରେ ଉଙ୍କି ମାରିଥିଲା । ସେ ଘରେ ନିଜର ଠାରୁ ଅଧିକ ଭଲ ପାଉଥିବା ସାବତ ମାଆକୁ କେବଳ ଗୋଟେ ମାଆ ଭାବି ଖୁସିରେ କଥାବାର୍ତ୍ତା ହେଲାବେଳେ ତା ପ୍ରତି ବଦଳରେ ତାକୁ ଘୃଣା ନିନ୍ଦା ପରିହାସ ପୁରସ୍କାର ରୂପରେ ମିଳି ଯାଉଥିଲା । ପିଲାଟି ଦିନରୁ ଛୋଟରୁ ବଡ ହେଲା ଯାଏ ନିଜକୁ ଅସହାୟ ମନେ କରି ଛାତି ତଳେ ଲୁଚି ରହିଥିବା ଅକୁହା କଥାକୁବାପାଙ୍କ ଆଗରେ କହି ତାଙ୍କୁ ଆଉ ଦୁଃଖ ଦେବାକୁ ଉଚିତ୍ ମନେ କରି ନ ଥିଲା। ସମୟ ସୁଅରେ ଝିଅଟି କ୍ରମଶଃ ବଡ଼ ହୋଇ ବିବାହ ଉପଯୁକ୍ତ ବୟସରେ ଉପନୀତ ହୋଇଥିଲା। ଘରେ ମାଆକୁ କାମଧନ୍ଦାରେ ସାହାଯ୍ୟ କରିବାକୁ ମାଟ୍ରିକ ଯାଏ ପାଠ ପଢିଥିଲା । ଘରେ ସାନ ଭଉଣୀର କଲେଜ ବାହାରିବାରେ ଖାଇବାକୁ ଡେରି ହେବା ଆଗରୁ ସେ ବଢ଼ି ସକାଳୁ ଉଠି ପଖାଳ ଭାତ ସାଙ୍ଗକୁ ଆଳୁ ବଢିଚୁରା ସଜାଡି ରଖିବାକୁ ମୋଟେ ଭୁଲି ନ ଥିଲା ।

ଏତେ ସବୁ କଲା ପରେ ବି ମାଆ ଝିଅ ମନରେ ଘୃଣା ବସା ବାନ୍ଧିଥିଲା । ସେମାନେ ତାକୁ ଜଣେ ଅସ୍ତିତ୍ୱ ହରାଇ କାମଧନ୍ଦା କରି ପେଟ ପୋଷୁଥିବା ଅନାଥ ଝିଅ ବୋଲି ଭାବୁଥିଲେ । ସେ ଘରର ବଡ଼ ଝିଅ ହୋଇ ଥିବାରୁ ସେମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ ନିଜର ଭଲ ପାଇବା ବନ୍ଧନର ଡୋରକୁ ଆହୁରି ଜାବୁଡି ଧରୁଥିଲା । ଯେ କେହି ତାର ରୂପ ଗୁଣକୁ ଦେଖିଲେ ବିନା କୌଣସି ଯୌତୁକରେ ବିବାହ କରିବାକୁ ପ୍ରସ୍ତୁତ ହୋଇଯିବ ସେଥିରେ ସନ୍ଦେହ ନ ଥିଲା । ବୁଢ଼ା ବାପା ପରିବାର ରେ ଅଶାନ୍ତି ସୃଷ୍ଟି ନ କରିବାକୁ ଯେତେ ବୁଝାଇଲେ ମଧ ମାଆ ଝିଅ ତାଙ୍କ କଥାକୁ ହସରେ ଉଡ଼ାଇ ଦେଇଥିଲେ । ହାଡିଆ ତାର ପ୍ରଥମ ସ୍ତ୍ରୀର ଦେହକୁ ଭଲ କରିବା ପାଇଁ ଗାଁ ଜମିଦାଙ୍କ ଠାରୁ ନିଜ ବିଲକୁ ବନ୍ଧା ପକାଇ କରଜ ଟଙ୍କା ଆଣିବାର ଗୁଡାଏ ଦିନ ବିତି ଯାଇଥିଲା ।

ସେ ସମୟରେ ଜମିଦାର ବାବୁ ପରଲୋକ ଗମନ କରିବାରୁ ତାଙ୍କ ଅନ୍ତେ ଏକ ମାତ୍ର ପୁଅ ସାନ ସାଆନ୍ତେ ସବୁ ହିସାବ ପତ୍ର କଥା ଗୁମାସ୍ତାଙ୍କ ଠାରୁ ବୁଝାବୁଝି କରି ନିଜ ଦାୟିତ୍ୱ ସମ୍ଭାଳି ଥିଲେ। ଖାଲି ସୁଧ ଦେଇ ମୂଳ ଟଙ୍କା ଫେରସ୍ତ କରି ନ ଥିବା ଲୋକ ମାନଙ୍କ ଭିତରେ ସାବିତ୍ରୀ ବାପାର ନାଁ ଲେଖାଥିଲା । ସେ କରଜ କରିଥିବା ଟଙ୍କାକୁ ଫେରସ୍ତ ନ କରି ପୁଣି ସାନ ସାଆନ୍ତେଙ୍କଠାରୁ ଟଙ୍କା ଆଣି ଧାନ ଚାଷ କରି ଲାଭ ଟଙ୍କା ରେ ଫେରାଇ ଦେବାର ଚେଷ୍ଟା ପ୍ରକୃତିର ତାଣ୍ଡବରେ ଦେଖିଥିବା ସ୍ୱପ୍ନ ଗୁଡାକ ପାଣି ପରି ମିଳେଇ ଯାଇଥିଲା । ଯାହା ଖାଲି ବର୍ଷଟିଏ ପାଇଁ ଖାଇ ପିଇ ବଞ୍ଚିବାକୁ ଅତି କଷ୍ଟରେ ଧାନ ଅମଳ



ହୋଇଥିଲା ।

ଜମିଦାରଙ୍କ ଗୁମସ୍ତା ପୂର୍ବ ବାକି ଟଙ୍କା ଓ ବର୍ତ୍ତମାନ ଟଙ୍କାର ସୁଧ ମୂଳ ପାଖା ପାଖି ହୋଇ ଗଲାଣି ବୋଲି ଶୁଣାଇ ଚାଲି ଯାଇଥିଲା । ଏତେ ଗୁଡାଏ ଟଙ୍କା ଫେରାଇବାକୁ ହେଲେ ଆଉ କିଛି ଦିନ ମହଲତ ଦରକାର ବୋଲି ସେ ଦେଖାକରି ନେହୁରା ହୋଇ କହିଥିଲେ । ଘରେ ସାନ ଭଉଣୀ ଭଲ ପାଇ ବିବାହ କରିବାକୁ ଜିଦ ଧରିବାରୁ ବଡ଼ ଝିଅ ପାଇଁ ପିଲାଟି ଦିନରୁ ତା ମାଆର ସାଇତି ରଖିଥିବା ଗହଣା ଗାଣ୍ଠି ଜୋର କରି ନେଇ ଯିବାକୁ ସେ ମାଆ ଝିଅ ଦୁହେଁ ମୋଟେ ପଛେଇ ନ ଥିଲେ । ବାପା ହିସାବରେ ବଡ଼ ଝିଅକୁ ଭଲ ରେ ରଖିବାକୁ କଥା ଦେଇ କିଛି କରି ପାରି ନ ଥିବାରୁ ସେ ନିଜକୁ କ୍ଷମା ମାଗିବା ପାଇଁ ସଙ୍କୋଚ କରିଥିଲେ । ସାନ ସାଆନ୍ତେଙ୍କ ଗୁମାସ୍ତା ଟଙ୍କା ଗାଁ ଗଣ୍ଡାରୁ ଆଦାୟ କଲା ବେଳେ ସାବିତ୍ରୀର ବାପାକୁ ଟଙ୍କା ଦେଇ ନ ପାରିଲେ ଘରେ ବଢିଲା ଝିଅକୁ ରଖିବା ଅପେକ୍ଷା ବିନା ଖର୍ଚ୍ଚରେ ଜମିଦାର ବାବୁଙ୍କ ପୁଅ ସହ ବିବାହ କରାଇ ବାକୁ ପ୍ରସ୍ତାବ ଦେଇଥିଲା । ଅବଶ୍ୟ ସେ ଆଗରୁ ସେ ନିଜ ମନ ଭିତରେ ପସନ୍ଦ କରୁଥିଲେ ବୋଲି ତା ଆଡ଼କୁ ହସି ଦେଇ ଗୁମାସ୍ତା ଜଣଙ୍କ ସେଠାରୁ ଚାଲି ଯାଇଥିଲେ ।

ସାମାନ୍ୟ ଟଙ୍କା ପାଇଁ ଜାଣି ଶୁଣି ନିଜ ଝିଅକୁ ଲୋକମାନଙ୍କ ଦୁଃଖରେ ସମୟରେ ଖରାପ ବ୍ୟବହାର କରୁଥିବା ଲୋକ ହାତରେ ଟେକି ଦେବା କଥା ଭାବିଲା ବେଳକୁ ମୁଣ୍ଡରେ ତାଙ୍କର ଦୋହଲି ଯାଇଥିଲା। ଘରେ ସତ କଥା ଅନ୍ୟ ମାନଙ୍କ ଆଗରେ କହି ନିଜ ଜୀବନ ଠାରୁ ଅଧିକ ଭଲ ପାଉଥିବା ଝିଅ ମନରେ ଆଉ ଦୁଃଖ ଦେବାକୁ ଇଛା ପ୍ରକାଶ କରୁ ନ ଥିଲେ । ସାବିତ୍ରୀ ବାପାଙ୍କ ଠାରୁ ନିଜ ରାଣ ନିୟମ ପକାଇ ସବୁ ସତକଥା ଶୁଣିବାକୁ ପାଇଥିଲା । ଜୀବନ ସାରା ବାପାଙ୍କ ଠାରୁ ଭଲ ପାଇବା ପାଇ ଦୁନିଆର ସବୁ ଖୁସି ଆକାଶର ଜହ୍ନ ପରି ହାତ ମୁଠାରେ ତୋଳି ଧରି ଛୋଟରୁ ବଡ଼ କରିଥିବା ତ୍ୟାଗର ପ୍ରତୀକ ସଦୃଶ୍ୟ ବାପାଙ୍କ ମନର ଦୁଃଖକୁ ନିମିଷକ ମଧ୍ୟରେ ଉଭାନ କରିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ସାରିଥିଲା। ସେ ବାପାଙ୍କ ଆଖିରୁ ବହି ଯାଉଥିବା ଲୁହକୁ ପୋଛି ଗୋଟେ ଝିଅ ହିସାବରେ ସେମାନଙ୍କ ପ୍ରସ୍ତାବରେ ରାଜି ବୋଲି ସମ୍ମତି ଜଣାଇ ଦେଇଥିଲା ।

ସେ କୁଆଁରୀ ଜୀବନରେ ଦେଖିଥିବା ସ୍ୱପ୍ନଗୁଡ଼ାକୁ ଜୀଅନ୍ତା ମାଟି ତଳେ କବର ଦେଇ ବାପାଙ୍କ ଋଣ ଭାରକୁ ନିଜ ମୁଣ୍ଡରେ ବୋହି ବିବାହ ବେଦୀରେ ବସି ପଡିଥିଲା । ଆଖ ପାଖ ଗାଁ ଲୋକ ସୁନା ନାକି ଝିଅର ଭାଗ୍ୟରେ ଶେଷରେ ଏହା ଲେଖାଥିଲା ବୋଲି ଗଭୀର ମର୍ମାହତ ହୋଇଥିଲେ । ସାବିତ୍ରୀ ନିଜ ଛାତିକୁ ପଥର କରି ଆଉ ଗୋଟେ ନୂଆ ଜୀବନ ଭିତରେ ବଞ୍ଚିବାର ରାହା ଖୋଜି ପାଇବାକୁ ନିଷ୍ଠୟ ଚେଷ୍ଟା କରିବ ବୋଲି କଳ୍ପନା କରିଥିଲା । ବାହାଘର ପରେ ଶାଶୁଘର ଘର ଲୋକ କହିଲେ ସେ ଆଉ ତାଙ୍କ ସ୍ୱାମୀ କାମ ଦାମ କରୁଥିବା ଚାକର ପୂଜାରୀ ମାନେ । ଆଗରୁ କେବେ ଏତେ ବଡ଼ ବିରାଟ କୋଠା ବାଡ଼ି ଦେଖି ନ ଥିବାରୁ ପ୍ରଥମେ ଟିକେ କଥାରେ ଛାନିଆ ପଶି ଯାଉଥିଲା । କୋଠାର କାନ୍ଥମାନଙ୍କରେ ବାଘ ହାତୀ ହରିଣ ମାନଙ୍କର ଦାନ୍ତଗୁଡାକ ଟଙ୍ଗା ହୋଇଥିଲା ଯେ କେହି ଦୂରରୁ ଦେଖିଲେ ଭୟରେ କଂସାଏ ପାଣି ପିଇଦେବ ବୋଲି ସେଥିରେ କୌଣସି ସନ୍ଦେହ ନ ଥିଲା ।

କାମ କରୁଥିବା ଲୋକମାନଙ୍କ ଭିତରୁ ଯଦି କାହାର ଭୁଲ୍ ହୋଇ ଯାଉଥିଲା ଚାବୁକ ପ୍ରହାରରେ ପିଠିର ମାଂସ ଗୁଡାକ ଲାଲ୍ ପଡ଼ି ଯାଉଥିଲା । ବିବାହର ପ୍ରଥମ ରାତିରେ ସବୁ ଝିଅମାନଙ୍କ ଭଳି ସ୍ୱାମୀଙ୍କ ଠାରୁ ଚାହିଁଥିବା ଭଲ ପାଇବା ମରୀଚିକା ପାଲଟି ଯାଇଥିଲା । ସେ ଜଣେ ଏପରି ସ୍ୱାମୀର ସ୍ତ୍ରୀ ହୋଇଥିଲା ନିଜ ଛାତି ତଳେ ଲୁଚେଇ ରଖିଥିବା ଅକୁହା କଥାକୁ ସ୍ତ୍ରୀ ହିସାବରେ ସ୍ୱାମୀକୁ କହିବାକୁ ଇଛା କଲେ ବି ତାଙ୍କୁ ଶୁଣିବା ପାଇଁ ମୋଟେ ପସନ୍ଦ ନ ଥିଲା। ଜଣେ ସ୍ତ୍ରୀ ସ୍ୱାମୀର ଭଲ ମନ୍ଦ କଥା ବୁଝି ବାକି ଜୀବନ ତା ଭାବନାକୁ ସମ୍ମାନ ଦେଇ ଯେ କୌଣସି କଥାକୁ ମୁଣ୍ଡ ପାତି ସହିଯିବା ହେଉଛି ଜଣେ ସ୍ତ୍ରୀ ପ୍ରଧାନ କର୍ତ୍ତବ୍ୟ ବୋଲି ସାନ ସାଆନ୍ତେଙ୍କ ମନରେ ଅଜବ ଭାବେ ବସା ବାନ୍ଧି ଥିଲା । ସେ ସାବିତ୍ରୀକୁ ବିନା ଅନୁମତିରେ କିଛି ନ କରିବାକୁ କଡା ଗଳାରେ କହି ଦେଇଥିଲେ । ଗାଁ ଗଣ୍ଡାରେ କରଜ ନେଇଥିବା ଲୋକ ମାନଙ୍କର ବାକି ଟଙ୍କା ଦେବାରେ ବିଳମ୍ବ ହେବାରୁ ସେମାନଙ୍କ ସହିତ ଖରାପ ବ୍ୟବହାର କରିବାରେ କୌଣସି ଦୁଃଖ ପ୍ରକାଶ କରୁ ନ ଥିଲେ । ସେ ଟଙ୍କା ସୁଝି ନପାରି ଥିବା ଲୋକମାନଙ୍କୁ ପୋକ ମାଛି ପରି ଭାବୁଥିଲେ। ସେ ସ୍ତ୍ରୀ ହୋଇ ନିଜ ତରଫରୁ ଯେତେ ପ୍ରକାରେ ବୁଝାଇଲେ ମଧ୍ୟ ସ୍ୱାମୀଙ୍କର କୌଣସି ପରିବର୍ତ୍ତନ ଘଟି ନ ଥିଲା । ବାପା ଜେଜେ ବାପା ଅମଳରୁ ଯାହା କୋଠ ସୂତ୍ରରେ ଲୋକମାନଙ୍କଠାରୁ ମିଳୁଥିବା ଲାଭ ଟଙ୍କାକୁ ନେଇ ବେଆଇନ ଭାବେ ଚୋରା କାରବାର କରି ସମାଜକୁ ନଷ୍ଟ ଆଡ଼କୁ ଟାଣି ନେଉଥିଲେ । ସାବିତ୍ରୀ ଏ ସବୁ ଦେଖି ଜୀବନରେ ଏପରି ସ୍ୱାମୀର ହାତ ଧରିବାକୁ ପଡ଼ିବ ବୋଲି କେବେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲେ । ଭଗବାନଙ୍କ ଦୟାରୁ ଯାହା ମିଳୁଛି ସେଥିରେ ଦୁଇ ପ୍ରାଣୀ ବସି ଖାଇଲେ ସାତ ଜନ୍ମ ଚାଲିଯିବ ହେଲେ ତାଙ୍କୁ ଅସାମାଜିକ କାର୍ଯ୍ୟ ନିବୃତ୍ତ ରହିଲେ ତାଙ୍କୁ ଟିକେ ଶାନ୍ତି ମିଳିବ ପାରିବ ବୋଲି ମନରେ ଚିନ୍ତା କରୁଥିଲେ । ଯାହା ସବୁ ତାଙ୍କ ଆଖି ଆଗରେ ଘଟୁଥିଲା ତାହା ପାପ ବୋଲି କହିଲେ ଭୁଲ୍ ହେବନାହିଁ ବରଂ ପରିବାର ପାଇଁ ବିନାଶର ଆହ୍ୱାନ ହେବ ଅନୁମାନ କରିଥିଲେ ।

ସେ ସ୍ୱାମୀଙ୍କ ପାପରୁ ସ୍ତ୍ରୀ ହିସାବରେ କିଛି କ୍ଷୟ କରି ପ୍ରାୟଶ୍ଚିତ ସୂତ୍ରରେ ପୁଣ୍ୟ ଅର୍ଜନ କରିବାକୁ ଉଚିତ୍ ମନେ କରିଥିଲେ । ସେ ଆଖ ପାଖ ଗାଁରେ ଦୁଃଖ କଷ୍ଟ ଯନ୍ତ୍ରଣା ଭିତରେ ଦିନ କାଟୁଥିବା ଲୋକମାନଙ୍କୁ ଯଥା ସାହାଯ୍ୟ ସହଯୋଗ କରିବାକୁ ଆଗେଇ ଆସିଥିଲେ । ସେ କୌଣସି କାମରେ ସହରକୁ କିଛି ଦିନ ପାଇଁ ବାହାରକୁ ଗଲେ ତାଙ୍କୁ ଦେଖା କରିବାକୁ ଆସିଥିବା ଲୋକମାନଙ୍କ ମୂଳ ଟଙ୍କା ରଖି ସୁଧ ଫେରାଇ ଦେଉଥିଲେ । ସମୟ କ୍ରମେ ଲୋକମାନେ ତାଙ୍କୁ ବାହାରକୁ ଯିବା ଦେଖି ମାଆ ସାଆନ୍ତାଣୀ ପାଖରେ ଗୁହାରି କରିବାକୁ ଚାଲି ଆସୁଥିଲେ । ସେ ଲୋକମାନଙ୍କ ଭିତରୁ ଯିଏ ଉଭୟଙ୍କ ଠାରୁ ଟଙ୍କା କରଜ ନେଲେ ବି ଦେବାର ନାଁ ଗନ୍ଧ ଧରେନାହିଁ ସେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ସାନ ସାଆନ୍ତେ ଆଗରେ ମାଆ ସାଆନ୍ତାଣୀଙ୍କ କଥା କହି ଦେଇଥିଲେ । ସେ ଅନ୍ୟଠାରୁ ତାଙ୍କ ବିଷୟରେ ଜାଣିବା ପରେ ନିଜ ଭାବନାକୁ ସମ୍ମାନ ଦେବାରେ ଖିଲାପ କରି ଥିବାରୁ ରାଗରେ ରକ୍ତ ଚାଉଳ ଚୋବେଇ ମାରଧର କରିବାକୁ ବାହାରି ଯାଇଥିଲେ । ଘଟଣାଟି ପଦାକୁ ଆସିବା ପରେ ମାଆ ସାଆନ୍ତାଣୀକୁ ଭଲ ପାଉଥିବା ଲୋକମାନଙ୍କ ମନରେ ଅସନ୍ତୋଷ ଦେଖା ଯାଇ ସାନ ସାଆନ୍ତେଙ୍କ ବିରୁଦ୍ଧରେ ଆକ୍ରୋଶ ବଢ଼ି ଯାଇଥିଲା । ସେ ଆଗରୁ କେବେ ଏପରି ଲୋକମାନଙ୍କୁ ଏକାଠି ହେବାର ଦେଖି ନ ଥିବାରୁ ଚିନ୍ତାରେ ପଡ଼ି ଯାଇଥିଲେ ।

ଯଦି ତାଙ୍କର ଧର୍ମପତ୍ନୀ ଲୋକମାନଙ୍କୁ ଏକାଠି କରି ବିଦ୍ରୋହର ବହ୍ନିରେ ଜଳି ଘଟଣାଟି ଥାନା କଚେରୀ ଯାଏ ଚାଲି ଯାଏ ତା ହେଲେ ପରିସ୍ଥିତି ଅସମ୍ଭାଳ ହୋଇଯିବ ବୋଲି ଭୟ କରି ଯାଇଥିଲେ । ସେ ଜଣେ ସ୍ୱାମୀର ସ୍ତ୍ରୀ ଟିଏ ହୋଇ ସମାଜ ଆଗରେ ତାଙ୍କ ସ୍ୱାଭିମାନକୁ ତଳେ ପକାଇ ଖୁସି କି ଯଶ ଗୋଟାଇ ବାକୁ ଇଛା ପ୍ରକାଶ କରି ନ ଥିଲେ । ସେ ପୂର୍ବ ଭଳି ଗୋଟେ ସ୍ୱାମୀର ଶୁଭଚିନ୍ତକ ହୋଇ ସେ ବଦଳି ଯାଇ ଭଲ ମଣିଷ ହୋଇ ଯାଅନ୍ତୁ ବୋଲି ଠାକୁରଙ୍କ ନିକଟରେ ମାନସିକ କରିଥିଲେ । ସମାଜ ଆଗରେ ସ୍ତ୍ରୀଟିଏ ହୋଇ ବଞ୍ଚିବାକୁ ନିଜର ସୌଭାଗ୍ୟ ମନେ କରିଥିଲେ । ଦୁଃଖ ସାଥିରେ ବନ୍ଧୁ ବାନ୍ଧିଲା ପରେ ବି ନିଜ ପତି ଧର୍ମ ପାଳନ କରିବାରେ ବିଚ୍ୟୁତି ହୋଇ ନ ଥିଲେ ।

ସ୍ୱାମୀ ତାଙ୍କ ସହନଶୀଳତା ଆଗରେ ନିଜକୁ ଲଜ୍ୟାବୋଧ ମନେ କରି କଥାବାର୍ତ୍ତା କରିବାକୁ ସାହସ କରି ନ ଥିଲେ। ସେ ସ୍ୱାମୀଙ୍କ ଭାବନାରେ ପରିବର୍ତ୍ତନ ର ଆଭାସ ହୃଦବୋଧ କରୁଥିଲେ । ସେ ଆଉ ସ୍ୱାମୀଙ୍କୁ ଅନୁତାପ ନିଆଁରେ ଜଳିବାକୁ ଛାଡି ନ ଦେଇ ହସ ହସ ମୁହଁରେ ନୂଆ କରି ପ୍ରଥମ ଥର ପାଦ ଦେଇଥିବା ନୂଆ ବୋହୂ ପରି କହି ପାରି ନ ଥିବା କଥା ଗୁଡାକୁ କହି ପକାଇ ଥିଲା । ସେମାନଙ୍କ ଭିତରେ ଆଉ ଆଗ ପରି ଗଢି ଉଠିଥିବା ଡର କି ଭୟ ର ବିଶାଳ ପାଚେରୀ ଠିଆ ହୋଇ ନ ଥିଲା । ପରସ୍ପରକୁ ଭଲ ପାଇବାର ନିବିଡତା ଭିତରେ ନିଜକୁ ହଜାଇ ଦେବାର ସମୟ ଆସି ପହଞ୍ଚି ଯାଇଥିଲା । ଦୁହେଁ ପରସ୍ପରକୁ ବୁଝିବା ପାଇଁ ସମୟ ବାହାର କରି ଆନନ୍ଦମୟ ପରିବେଶ ଭିତରେ ବୁଲିବାକୁ ଚାଲି ଯାଉଥିଲେ । ରାସ୍ତା ଘାଟରେ ଦୁଃଖୀରଙ୍କିଙ୍କୁ ଦେଖିଲେ କିଏ ଆଗ ପଇସା ବୋଲି ସେମାନଙ୍କ ଭିତରେ ପ୍ରତିଯୋଗିତା ଲାଗି ଯାଉଥିଲା ।

ସେମାନଙ୍କ ଭଲ ପାଇବା ଦେଖି ଲୋକମାନେ ସାନ ସାଆନ୍ତେଙ୍କୁ ଭଲ ପାଇବା ଆରମ୍ଭ କରି ଦେଇଥିଲେ । ସେମାନେ ତାଙ୍କୁ ସୁଖ ଦୁଃଖରେ ମନ ଖୋଲି କହିବା ପାଇଁ ଆଉ ସଙ୍କୋଚ ଅନୁଭବ କରୁ ନ ଥିଲେ । ସେ ସମ୍ପୂର୍ଣ୍ଣ ଭାବେ ନିଜକୁ ବଦଳାଇ ଗୋଟେ ଭଲ ମଣିଷ ହୋଇ ଭାରି ଆତ୍ମ ସନ୍ତୋଷ ମନେ କରିଥିଲେ । ସେ ମଧ ନିଜ ସ୍ୱାମୀଙ୍କୁ ଭଲ ବାଟକୁ ଆଣି ଲୋକମାନଙ୍କ ପ୍ରତି ଥିବା କର୍ତ୍ତବ୍ୟ ସମ୍ପାଦନ ସୂଚାରୁ ରୂପେ କରି ଧନ୍ୟ ମନେ କରିଥିଲେ। ମାଆ ସାଆନ୍ତାଣୀ ଆଉ କାହା ଆଗରେ ଗୋଟେ ଖରାପ ମଣିଷର ସ୍ତ୍ରୀ ହୋଇ ଲୋକହସା ହେବାରୁ ମୁକ୍ତି ପାଇଥିଲେ ।

ନିଜର ପୁଣ୍ୟ ଓ ଧର୍ମ ବଳରେ ଅସାଧ କାର୍ଯ୍ୟ ବି ସମ୍ଭବ ହୋଇ ପାରେ ବୋଲି ସମସ୍ତଙ୍କ ଆଗରେ ଉଦାହରଣ ସୃଷ୍ଟି କରି ନିଜକୁ ଭାଗ୍ୟବତୀ ମନେ କରୁଥିଲେ । ଘରେ ବୁଢ଼ା ବାପା ଝିଅର ଖୁସି ଲୋକମାନଙ୍କ ଠାରୁ ଶୁଣିବା ପରେ ଠାକୁର ସେମାନଙ୍କୁ ଘଣ୍ଟ ଘୋଡାଇ ରଖନ୍ତୁ ବୋଲି ସଂଜ ସକାଳେ ପ୍ରାର୍ଥନା କରୁଥିଲା । ସାବତ ମାଆ ଠାରୁ ଅଧିକ ଭଲ ପାଉଥିବା ମାଆ ମନରେ ଘୃଣା ବଦଳରେ ଆନ୍ତରିକତା ବଢ଼ି ଯାଇଥିଲା ।


♥ ଅଣ୍ଡିଆ, ଜେନାପୁର, ଯାଜପୁର
ପିନ୍- ୭୫୫୦୨୩
ମୋ -୯୧୭୮୩୧୩୬୪୪

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ ପ୍ରତିଯୋଗିତା ଚତୁର୍ଥ ଦିବସ ପରିକ୍ରମା



ବାରିପଦା , ୨୩/୧୧ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଚାଲିଥିବା ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ ପ୍ରତିଯୋଗିତାର ଚତୁର୍ଥ ଦିବସରେ ଖେଳାଯାଇଥିବା ମ୍ୟାଚ ଗୁଡ଼ିକ ମଧ୍ୟରେ ସନ୍ଧ୍ୟା ୭:୩୦ଟା ସୁଦ୍ଧା ପୁଲ୍ ମ୍ୟାଚ ଗୁଡ଼ିକରେ ପୁଲ୍-ଏ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ମଣିପୁର ବିଶ୍ୱବିଦ୍ୟାଳୟକୁ ଏବଂ ଉତ୍ତରପ୍ରଦେଶର ଏମ୍.ଜି.କାଶୀ ବିଦ୍ୟାପୀଠ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା । ପୁଲ୍-ବି ରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଝାଡ଼ଖଣ୍ଡର ଡ.ଶ୍ୟାମପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟକୁ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା । ପୁଲ୍-ସି ରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ବିହାରର ପାଟଳିପୁତ୍ର ବିଶ୍ୱବିଦ୍ୟାଳୟକୁ ଏବଂ ପଶ୍ଚିମବଙ୍ଗର ଆଡାମାସ ବିଶ୍ୱବିଦ୍ୟାଳୟ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା । ପୁଲ୍-ଡିରେ ଉତ୍ତରପ୍ରଦେଶର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ବିହାରର ଏଲ୍ ଏନ୍ ମିଥିଳା ବିଶ୍ୱବିଦ୍ୟାଳୟକୁ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା । କ୍ୱାଲିଫାୟାର ମ୍ୟାଚ୍‌ରେ କିଟ୍ ବିଶ୍ୱବିଦ୍ୟାଳୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଏବଂ ଏମ୍.ଜି. କାଶୀ ବିଦ୍ୟାପୀଠ ଆଡାମାସ ବିଶ୍ୱବିଦ୍ୟାଳୟ ପରାସ୍ତ କରିଥିଲା । ଆସନ୍ତାକାଲି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ । ସମସ୍ତ ଖେଳକୁ ଓଡ଼ିଶା ଭଲିବଲ୍ ଆସୋସିଏସନ୍‌ର ରେଫରୀ ବୋର୍ଡ୍‌ର ଅଧ୍ୟକ୍ଷ ପ୍ରମୋଦ କୁମାର ବେହେରା ଓ ପ୍ରତିଯୋଗିତାର ପ୍ରୋଟେଷ୍ଟ୍ କମିଟିର ମୁଖ୍ୟ ତଥା ଆନ୍ତର୍ଜାତୀୟ ଭଲିବଲ ଖେଳାଳୀ ସୁଦର୍ଶନ ପଟ୍ଟନାୟକ, ଓଡ଼ିଶା ଭଲିବଲ୍ ଆସୋସିଏସନ୍‌ର ଜାତୀୟ ରେଫରୀ ରାଜେଶ ଦାସଙ୍କ ନେତୃତ୍ୱରେ ଆସୋସିଏସନ୍‌ର ସ୍ୱୀକୃତିପ୍ରାପ୍ତ ବିଭିନ୍ନ କ୍ରୀଡ଼ା ଅଧିକାରୀ, ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଗଣ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ କର୍ମକର୍ତ୍ତାଗଣ ପ୍ରମୁଖ ପ୍ରତିଯୋଗିତାର ପରିଚାଳନାରେ ସହଯୋଗ କରିଥିଲେ । ଆସନ୍ତାକାଲି ପୂର୍ବାହ୍ନରେ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ ।

# ଶିଶୁପ୍ରତିଭା ଅନ୍ୱେଷଣର ମୁଖ୍ୟମାଧ୍ୟମ ଶିଶୁ ମହୋତ୍ସବ'ସରଗିଫୁଲ'




ନୀଳଗିରି , ୨୩/୧୧ (ନି.ପ୍ର): ଶୈଶବର ଅନ୍ତର୍ନିହିତ ଶକ୍ତି ଓ ଗୁଣର ପରିପ୍ରକାଶ ନିମନ୍ତେ ସରକାର ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରିଛନ୍ତି। ଏନେଇ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ତେଣ୍ଡା ସରକାରୀ (ଏସ.ଏସ.ଡି) ବାଳିକା ଉଚ୍ଚବିଦ୍ୟାଳୟ ଠାରେ ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାମଙ୍ଗଳ କାର୍ଯ୍ୟାଳୟ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଶିଶୁମହୋତ୍ସବ 'ସରଗିଫୁଲ' ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୨୨ତାରିଖ ଅନୁଷ୍ଠିତ ଏହି ଏକଦିବସୀୟ ଶିଶୁମହୋତ୍ସବକୁ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କାରୁ ସୋରେନ ପୂର୍ବାହ୍ନରେ ଆନୁଷ୍ଠାନିକ ଉଦଘାଟନ କରିଥିବା ବେଳେ ଉଦଯାପନୀ ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏଭଳି ଉତ୍ସବ କୁନିକୁନି ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ସ୍ୱୀକୃତି ପ୍ରଦାନ କରିବାର ପ୍ରକୃଷ୍ଟ ମାଧ୍ୟମ ବୋଲି ଅଭିହିତ କରିଥିଲେ। ଅନ୍ୟ ବରେଣ୍ୟଅତିଥି ମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ଜିଲ୍ଲାମଙ୍ଗଳ ଅଧିକାରୀ ଶ୍ରୀମତୀ ବିଦ୍ୟୁତଲତା ମହାପାତ୍ର, ସହକାରୀ ଜିଲ୍ଲାମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ, ନୀଳଗିରି ତହସିଲଦାର ସୋନମ ଦାସ, ଔପଦା ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିରଞ୍ଜନ ବେହେରା, ନୀଳଗିରି ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ତେଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମଧୁସ୍ମିତା ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ଅତିଥିମାନେ ଶିଶୁମାନଙ୍କ ବହୁମୁଖୀ ପ୍ରତିଭା, ସୃଜନଶୀଳତା ସହ ଅନ୍ତର୍ନିହିତ ଗୁଣର ବିକାଶ ନିମନ୍ତେ ବହୁମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ଶେଷରେ ମୁଖ୍ୟଅତିଥି ଏବଂ ଅନ୍ୟଅତିଥି ମାନଙ୍କ ଦ୍ୱାରା କୃତିଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଭଂଜପୁର ଜଗଦ୍ଧାତ୍ରୀମେଳାର ନବମ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ

ବାରିପଦା , ୨୩/୧୧ (ନି.ପ୍ର): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଅନୁଷ୍ଠିତ ଜଗଦ୍ଧାତ୍ରୀ ମେଳାର ଦଶମ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ମୟୁରଭଞ୍ଜ ଆର୍ଟ ଫାଉଣ୍ଡେସନ, ପରେ ପରେ ନଂ - ୧ ଡ୍ୟାନ୍ସ ଗ୍ରୁପ ଓ ଶେଷରେ ଇନସ୍ପାୟାର ଡ୍ୟାନ୍ସ ଗ୍ରୁପର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା ଓ ସମସ୍ତ ସାଂସ୍କୃତିକ ଦଳକୁ ସାଂସ୍କୃତିକ ସମ୍ପାଦକ ପ୍ରିତମ ପଣ୍ଡା ଓ ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଅଂଶ ଗ୍ରହଣ ପ୍ରମାଣ ପତ୍ର ଦେଇ ଉତ୍ସାହିତ କରିଥିଲେ ଓ ଏହି ଅବସରରେ ଚିତ୍ରାଙ୍କନ, କୁଇଜ ଓ ନୃତ୍ୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ହାତରେ ପୁରସ୍କୃତ କରାଯାଇଥିଲା ଓ କମିଟିର କାର୍ଯ୍ୟକାରୀ ସଭାପତି କୃଷ୍ଣଓନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ ଓ ସମ୍ମାନିତ ଅତିଥି ଭାବେ ସମସ୍ତ କାଉନସିଲର ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ ଓ ବାରିପଦା ମ୍ୟୁନିସିପାଲିଟି ତରଫରୁ ମେଳାର ବିକାଶ ପାଇଁ ୫୦ ହଜାର ଟଙ୍କାର ପ୍ରତ୍ସାହନ ରାଶି ପ୍ରଦାନ କରାଯାଇଥିଲା ଓ କମିଟି ତରଫରୁ ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ଧନ୍ୟବାଦ ଅର୍ପଣ କରିଥିଲେ ଓ ଦ୍ୱିତୀୟ ପର୍ଯ୍ୟାୟରେ ପୂଜା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ମେଳା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି ମଧ୍ୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ ଓ ସୋମନାଥ ସିଂହ ଓ ଆଲୋକ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଓ ଆସନ୍ତା କାଲି ମୁମ୍ବାଇ ନାଇଟ୍ସର କାର୍ଯ୍ୟକ୍ରମରେ ସୁନାମଧନ୍ୟ ମ୍ୟୁଜିକ ଏରେଞ୍ଜର ଗିରିଶ ବିଶ୍ୱାଙ୍କ ସମେତ ଇଣ୍ଡିଆନ ଆଇଡଲ ବିଜେତା ଇଶିତା ଓ ପିୟୁଷଙ୍କ କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଜଣାଇଛନ୍ତି ।

# ସେଲ ରାଉରକେଲା ଇସ୍ପାତ କାରଖାନାରେ ଚୁକ୍ତିନାମା ପ୍ରକ୍ରିୟାକରଣ ଏବଂ କାର୍ଯ୍ୟକାରିତା ଉପରେ ସଚେତନତା କର୍ମଶାଳା



ରାଉରକେଲା, ୨୩/୧୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ସତର୍କତା ବିଭାଗ ଦ୍ୱାରା ନଭେମ୍ବର ୨୨ ତାରିଖରେ ଗୋପବନ୍ଧୁ ପ୍ରେକ୍ଷାଳୟଠାରେ ଚୁକ୍ତିନାମା ପ୍ରକ୍ରିୟାକରଣ ଏବଂ କାର୍ଯ୍ୟକାରିତା ଉପରେ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଇଡି ଇନ୍-ଚାର୍ଜ (ୱାର୍କସ୍) ଶ୍ରୀ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଇଡ଼ି (ଅପରେସନ୍) ଶ୍ରୀ ବିଶ୍ୱ ରଞ୍ଜନ ପଲାଇ, ସିଜିଏମ୍ (ଭିଜିଲାନ୍ସ) ଏବଂ ଏସିଭିଓ ଶ୍ରୀ ସୁବ୍ରତ ପ୍ରହରାଜ ମଧ୍ୟ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ କାରଖାନାର ବହୁ ସିଜିଏମ୍, ବିଭାଗ ମୁଖ୍ୟ ଏବଂ ବିଭିନ୍ନ ବିଭାଗର ସମ୍ପୃକ୍ତ ଇଣ୍ଡେଣ୍ଟର୍ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ନିଜର ଉଦ୍‌ଘାଟନୀ ଅଭିଭାଷଣରେ, ଶ୍ରୀ ବର୍ମା ଯତ୍ନଶୀଳ ଯୋଜନା, ସଠିକ୍ ଡକ୍ୟୁମେଣ୍ଟେସନ୍ ଏବଂ ପ୍ରକ୍ରିୟାଗତ ନିୟମ ପାଳନ କରିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ତରଦାୟିତ୍ୱ ଏବଂ ବୃତ୍ତିଗତତାର ସଂସ୍କୃତି ପ୍ରତିପାଦନ କରିବାରେ ସେ ଏପରି ପଦକ୍ଷେପଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ । ଏସିଭିଓ ଭିଜିଲାନ୍ସ ସମୀକ୍ଷା ସମୟରେ ପରିଲକ୍ଷିତ ପୁନଃପୌନିକ ବ୍ୟବଧାନଗୁଡିକ ଉପରେ ଉଲ୍ଲେଖ କରିଥିଲେ ଏବଂ ଏହିପରି ସମସ୍ୟାଗୁଡିକୁ ହ୍ରାସ କରିବା ପାଇଁ ସର୍ବୋତ୍ତମ ଅଭ୍ୟାସ ଏବଂ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅଧିବେଶନରେ ଏକ ମତବିନିମୟ ଅଧିବେଶନ ଅନ୍ତର୍ଭୁକ୍ତ ହୋଇଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନେ ସେମାନେ ସମ୍ମୁଖୀନ ବିଭିନ୍ନ ସ୍ଥିତି ସମ୍ବନ୍ଧୀୟ ପ୍ରଶ୍ନଗୁଡିକ ଉପସ୍ଥାପନା କରିବା ସହିତ ରିଏଲ ଟାଇମ ଆହ୍ୱାନଗୁଡିକର ସମାଧାନ ବିଷୟରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ, ଏଜିଏମ୍ (ଭିଜିଲାନ୍ସ) ଶ୍ରୀ ସନ୍ଦୀପ ବନସାଲ, କ୍ରୟ ଆବଶ୍ୟକତା ପ୍ରକ୍ରିୟାକରଣ, ଇଣ୍ଡେଣ୍ଟଗୁଡିକର ଯାଞ୍ଚ, ଏବଂ ଚୁକ୍ତିନାମା ପ୍ରକ୍ରିୟାକରଣରେ ବିଭିନ୍ନ ସମସ୍ୟା ଏବଂ ବ୍ୟବଧାନ ସମ୍ବନ୍ଧୀୟ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ । ଏହି କାର ?ୟକ୍ରମକୁ ମ୍ୟାନେଜର (ଭିଜିଲାନ୍ସ) ଶ୍ରୀ ହରିଶ ଅଗ୍ରୱାଲ ସଂଯୋଜନା କରିଥିଲେ।

# ନୂଆ ଚନ୍ଦନ ପୋଖରୀ କାର୍ତିକେଶ୍ୱର ଭସାଣୀ ଉତ୍ସବ

କେନ୍ଦ୍ରାପଡ଼ା, ୨୩/୧୧ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ୧ନଂ ୱାର୍ଡ଼ରେ ଥିବା ନୂଆ ଚନ୍ଦନ ପୋଖରୀ ପାଖରେ କାର୍ତିକେଶ୍ୱର ଭସାଣୀ ଆଜି ଅନୁଷ୍ଠିତ ହୋଇଛି। କାର୍ତିକେଶ୍ୱର କାର୍ତିକ ମାସ ଦଶମୀ ତିଥିରେ ପୂଜା ପାଉଥିବା କାର୍ତିକେଶ୍ୱରଙ୍କ ମୂର୍ତିକୁ ମହା ସମାରୋହରେ ଏକ ବିରାଟ ଶୋଭାଯାତ୍ରାରେ ବାଜା ନୃତ୍ୟଗୀତ ସହ ଘାଟକୁ ନିଆଯାଇ ବିସର୍ଜନ କରାଯାଇଛି। ଆଜି ମାଉସୀ ମା ମନ୍ଦିର ଠାରୁ ବାହାରି ଶ୍ରୀ ବଳଦେବଜୀୟୁଙ୍କ ଆଜ୍ଞାମାଳ ଦେବାପାଇଁ ଆସିଥାନ୍ତି। ଏହି ମେଢ଼ ଭସାଣୀ ସମୟରେ ବିଭିନ୍ନ ପ୍ରକାର ବାଜା, ଘଂଟ, ଢୋଲ, କେଳା କେଲୁଣୀ, ବିଭିନ୍ନ ପ୍ରକାର ନୃତ୍ୟ ଦେଖିବା ପାଇଁ ଶହ ଶହ ସଂଖ୍ୟକ ଲୋକ ରୁଣ୍ଡ ହୋଇ ଭସାଣୀ ଉତ୍ସବ ଦେଖିବାକୁ ମିଳିଛି।ଶତପଥୀ, ଅଜୟ ଦାସ, ଅକ୍ଷୟ ମିଶ୍ର ପ୍ରମୁଖ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ସମ୍ବିଧାନ ଦିବସରେ ଯୁବକମାନଙ୍କ ପଦଯାତ୍ରାର ନେତୃତ୍ୱ କରିବେ ମନସୁଖ ମାଣ୍ଡବୀୟ

ନୂଆଦିଲ୍ଲୀ , ୨୩/୧୧ କେନ୍ଦ୍ରୀୟ ଯୁବ ବ୍ୟାପାର ଏବଂ କ୍ରୀଡା ଏବଂ ଶ୍ରମ ଏବଂ ରୋଜଗାର ମନ୍ତ୍ରୀ ଡା.ମନସୁଖ ମାଣ୍ଡବୀୟ ସମ୍ବିଧାନ ଦିବସ (୨୬ ନଭେମ୍ବର) ପାଇଁ ୨୫ ନଭେମ୍ବରରେ ମୋର ଭାରତ ,ଯୁବ ସ୍ୱେଚ୍ଛାସେବୀମାନଙ୍କ ସହିତ ମୋର ସମ୍ବିଧାନ ,ମୋର ଆତ୍ମ ସମ୍ମାନ ବିଷୟ ଉପରେ ନୂଆଦିଲ୍ଲୀରେ ଏକ ପଦଯାତ୍ରାର ନେତୃତ୍ୱ କରିବେ ।ସରକାରୀ ପ୍ରକାଶନ ଅନୁଯାୟୀପଦଯାତ୍ରା ୨୫ ନଭେମ୍ବର ସକାଳ ୮ଟା ସମୟରେ ମେଜର ଧ୍ୟାନଚନ୍ଦ ନ୍ୟାସନାଲ ଷ୍ଟାଡିୟମରେ ଆରମ୍ଭ ହେବ ଏବଂ କର୍ତ୍ତବ୍ୟପଥ ଏବଂ ଇଣ୍ଡିଆଗେଟ ଭଳି ସ୍ଥାନ ଦେଇ ଷ୍ଟାଡିୟମରେ ସମାପ୍ତ ହେବ ।ଏହି ପଦଯାତ୍ରାରେ କେନ୍ଦ୍ରୀୟ ମନ୍ତ୍ରୀ ,ସଂସଦର ସଦସ୍ୟଏବଂ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିତ୍ୱ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି ।ପଦଯାତ୍ରାର ଉଦ୍ଦେଶ୍ୟ ସାମ୍ବିଧାନିକ ମୁଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଏବଂ ଯୁବକମାନଙ୍କ ମଧ୍ୟରେ ଲୋକତନ୍ତ୍ରର ପ୍ରସ୍ତାବନାଏବଂ ନୀତି ବିଷୟରେ ସଚେତନତା ବୃଦ୍ଧି କରିବା ।ଏହି କାର୍ଯ୍ୟକ୍ରମ ଏକ ଉଦଘାଟନ ସମାରୋହ ସହିତ ଆରମ୍ଭ ହେବ ଯେଉଁଥିରେ ଡା. ବି ଆର ଆମ୍ବେଦକର ଏବଂ ସମ୍ବିଧାନସଭାରଅନ୍ୟ ବିଶିଷ୍ଟ ସଦସ୍ୟଙ୍କ ଜୀବନ ତଥା ଅବଦାନ ପ୍ରଦର୍ଶିତ ଏକ ବ୍ୟାପକ କଳା ପ୍ରଦର୍ଶିତ ମଧ୍ୟ ହେବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମହାରାଷ୍ଟ୍ରରେ ମହାୟୁତିର...

ଏକାକୀ ଜିତିଛି ୧୩୩ ସିଟ୍ । ମହାରାଷ୍ଟ୍ରରେ ଲଗାତାର ତୃତୀୟ ଥର ପାଇଁ ସର୍ବବୃହତ ଦଳ ଭାବେ ଉଭା ହୋଇଛି ବିଜେପି । ସେପଟେ ମାତ୍ର ୫୧ ଆସନ ସହ ମହାବିପର୍ଯ୍ୟୟର ସାମ୍ନା କରିଛି ମହାବିକାଶ ଅଘାଡ଼ି । ଭୋଟ୍ ସେୟାରରେ ଷଷ୍ଠ ସ୍ଥାନକୁ ଖସିଯାଇଛି ଉଦ୍ଧବ ସେନା । ମହାରାଷ୍ଟ୍ର... ମହାୟୁତି... ମହା ବିଜୟ । ମରାଠା ମାଟିରେ ପୁଣି ମୋଦି ମ୍ୟାଜିକ୍ କାମ କଲା- 'ଏକ୍ ହୈ ତୋ ସେଫ୍ ହୈ'... 'ମୋଦି ହୈ ତୋ ମୁମକିନ୍ ହୈ' ନାରା । ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟର ବାଜିମାତ୍ ପରେ, ଚାରିଆଡ଼େ ଜୋରଦାର ସେଲିବ୍ରେସନ୍ । କର୍ମୀଙ୍କ ଠୁ ଟପ୍ ନେତା, ସମସ୍ତେ ଉତ୍ସାହିତ, ଉଲ୍ଲସିତ । ମହାବିଜୟ ପରେ ପରସ୍ପରକୁ ମିଠା ଖୁଆଇଛନ୍ତି ମହାୟୁତି ମେଣ୍ଟର ୩ ଟପ୍ ନେତା ଏକନାଥ ସିନ୍ଦେ, ଦେବେନ୍ଦ୍ର ଫଡ଼ନାଭିସ୍ ଓ ଅଜିତ ପାୱାର । ତେବେ ବିଜେପି ଶିବିରରେ ଖୁସି କାହିଁରେ କେତେ । କାରଣ ଏଥର ମହାରାଷ୍ଟ୍ରରେ ରେକର୍ଡ ପରେ ରେକର୍ଡ ଭାଙ୍ଗିଛି ପଦ୍ମ । ସେଇ ଖୁସିରେ ଫଡ଼ନାଭିସ୍ ନିଜେ କେଉଁଠି ଗଦା ଉଞ୍ଚାଇଲେ, କେଉଁଠି ଜିଲାପି ଛାଣିଲେ। ଏଥିସହ ସୋସିଆଲ ମିଡିଆରେ ଲେଖିଛନ୍ତି- 'ଏକ୍ ହୈ ତୋ ସେଫ୍ ହୈ'... 'ମୋଦି ହୈ ତୋ ମୁମକିନ୍ ହୈ' । ଆଜିର ଐତିହାସିକ ସଫଳତା ସହ, ମହାରାଷ୍ଟ୍ରରେ ଲଗାତାର ତୃତୀୟ ଥର ପାଇଁ ସର୍ବବୃହତ୍ ଦଳ ଭାବେ କ୍ଷମତା ଜାହିର କରିଛି ବିଜେପି । ଗୋଆ, ଗୁଜରାଟ, ହରିୟାଣା, ଛତିଶଗଡ଼ ଓ ମଧ୍ୟପ୍ରଦେଶ ପରେ ଷଷ୍ଠ ରାଜ୍ୟଭାବେ ତୃତୀୟ ଥର କ୍ଷମତାକୁ ଆସିଛି ବିଜେପି । ମହାରାଷ୍ଟ୍ରରେ ନିଜର ୨୦୧୪ ଓ ୨୦୧୯ ରେକର୍ଡକୁ ଭାଙ୍ଗିଛି ପଦ୍ମ । ମହାୟୁତି ୨ଶହରୁ ଅଧିକ ସିଟ୍ ଜିତିଥିବାରୁ, ୧୯୭୨ ମସିହା ପରେ ମହାରାଷ୍ଟ୍ରରେ ପ୍ରାକ୍-ନିର୍ବାଚନୀ ମେଣ୍ଟ ପାଇଁ ଏହା ସର୍ବବୃହତ୍ ବିଜୟ। ୨୪ ଲୋକସଭା ନିର୍ବାଚନରେ ମହାରାଷ୍ଟ୍ରରେ ଦୁର୍ବଳ ପ୍ରଦର୍ଶନ କରିଥଲା ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ । ହେଲେ ବିଧାନସଭା ନିର୍ବାଚନ ପାଇଁ, ଅଚାନକ କେମିତି ୟୁ-ଟର୍ଣ୍ଣ ନେଲା ଜନମତ ? ମାତ୍ର ୫ ମାସ ଭିତରେ କର ବା ମର ସ୍ଥିତିକୁ, କିପରି ନିଜ ସପକ୍ଷରେ କଲା ମହାୟୁତି ? କୁହାଯାଉଛି, ମହିଳା, ଓବିସି ଓ ଚାଷୀଙ୍କୁ ଫୋକସ୍ କରିଥିଲା ମହାୟୁତି । ୧- (ମହିଳା) ମହାୟୁତି ସରକାରର ପ୍ରଥମ ସ୍କିମ୍ ଥିଲା 'ମାଝି ଲଡ଼କୀ ବହିନ୍' ଯୋଜନା। ଏଥିରେ ମହିଳାଙ୍କୁ ମାସକୁ ୧୫ଶହ ଟଙ୍କା ମିଳୁଥିବା ବେଳେ, ପୁଣି କ୍ଷମତାକୁ ଫେରିଲେ ଏହାକୁ ୨୧ଶହ ଟଙ୍କାକୁ ବଢ଼ାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ୨- (ଓବିସି) ଅଣ-ମରାଠା ଓବିସି ଭୋଟ୍ ଉପରେ ଦଖଲ ବଢ଼ାଇବାକୁ, ୯୦ ଦଶକର 'ମାଧବ' ଫର୍ମୁଲା ବା ମାଳି, ଧାଙ୍ଗର ଓ ବଞ୍ଜାରୀ ବର୍ଗଙ୍କୁ ଫୋକସ୍ କରିଥିଲା ମହାୟୁତି। ମରାଠାମାନେ କାଳେ ସେମାନଙ୍କ ସଂରକ୍ଷଣ ଉପରେ ଭାଗ ବସାଇବେ, ସେଇ ଆଶଙ୍କାରେ ଥିବା ଓବିସି ବର୍ଗଙ୍କ ଉଦ୍ଦେଶ୍ୟରେ 'ଏକ୍ ହୈ ତୋ ସେଫ୍ ହୈ' ନାରା ଦେଇଥିଲେ ମୋଦି । ୩- ଚାଷୀଙ୍କ ପାଇଁ ମାଗଣା ବିଜୁଳି, ସଂକଳ୍ପ ପତ୍ରରେ କୃଷି ଋଣ ମାଫ୍ ପ୍ରତିଶ୍ରୁତି, ଭାବାନ୍ତର ଯୋଜନା, ପିଆଜର ରପ୍ତାନୀ ଶୁଳ୍କ ହ୍ରାସ ଆଦି ପଦକ୍ଷେପ ମଧ୍ୟ ଏହି ସଫଳତା ପଛର ପ୍ରମୁଖ କାରଣ ବୋଲି କୁହାଯାଉଛି । ଏସବୁ ବ୍ୟତୀତ ନିର୍ବାଚନୀ ପ୍ରଚାରରେ ବି ପର୍ଯ୍ୟାପ୍ତ କସରତ କରିଥିଲା ମହାୟୁତି। ନିଜେ ପିଏମ୍ ମୋଦି ୧୦ଟି ରାଲି କରି ୧୦୬ଟି ବିଧାନସଭା କ୍ଷେତ୍ରକୁ ସମ୍ବୋଧିତ କରିଥିବା ବେଳେ, ସିଏମ୍ ଏକନାଥ ସିନ୍ଦେ ସର୍ବାଧିକ ୭୫ଟି ରାଲି କରିଥିଲେ । ଜଝଝରେ ସକ୍ରିୟ ଭୂମିକା ଏବଂ ହରିୟାଣା ହାଟ୍ରିକ୍ ବିଜୟ ବି ଯାଇଥିଲା ବିଜେପି ସପକ୍ଷରେ । ମହାୟୁତିର ମହା ବିଜୟ ପରେ ଏବେ ସବୁଠି ଗୋଟିଏ କଳ୍ପନା ଜଳ୍ପନା । କିଏ ହେବ 'ମହା' ମୁଖ୍ୟମନ୍ତ୍ରୀ ? ସିଏମ୍ ଓ ଡେପୁଟିଙ୍କ ମଧ୍ୟରେ ହେବ କି ଗାଦି ଅଦଳବଦଳ ? ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ରେସରେ ସବୁଠୁ ଆଗରେ ଅଛନ୍ତି ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ତଥା ମହାରାଷ୍ଟ୍ରରେ ବିଜେପିର ସେନାପତି ଦେବେନ୍ଦ୍ର ଫଡ଼ନାଭିସ୍ । ସେ ହିଁ ଆଗାମୀ ମୁଖ୍ୟମନ୍ତ୍ରୀ ବୋଲି ଦାବି କରି

## ଫଡ଼ନାଭିସ୍, ସିନ୍ଦେ ...

ମ୍ୟାଜିକ ନମ୍ବର ରହିଛି ୧୪୫ । ତେବେ ଏହାରି ମଧ୍ୟରେ ଏବେ ସମସ୍ତଙ୍କ ମଧ୍ୟରେ ଗୋଟିଏ ପ୍ରଶ୍ନ କିଏ ହେବ ମହାରାଷ୍ଟ୍ରର ପରବର୍ତ୍ତି ମୁଖ୍ୟମନ୍ତ୍ରୀ ? ଦେବେନ୍ଦ୍ର ଫଡନାଭିସ୍, ଏକନାଥ ସିନ୍ଦେ ନା ଅଜିତ ପାୱାର । କାରଣ ଏଥର ପୁଣି ଥରେ ଏକାକୀ ସଂଖ୍ୟା ଗରିଷ୍ଠ ଦଳ ଭାବେ ଉଭା ହୋଇଛି ବିଜେପି । ତୃତୀୟ ଥର ପାଇଁ ବିଜେପି ଏକୁଟିଆ ଭାବେ ୧୦୦ରୁ ଅଧିକ ସିଟ୍ ହାସଲ କରିବାକୁ ଯାଉଛି । ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ସରକାର ଗଠନ ପାଇଁ ୧୪୫ ଆସନ ଆବଶ୍ୟକ । ତେବେ ବର୍ତ୍ତମାନ ସୁଦ୍ଧା ଆସିଥିବା ଟ୍ରେଣ୍ଡରେ ବିଜେପି ଏକାକୀ ୧୩୧ ଆସନରେ ଆଗୁଆ ରହିଛି । ୨୦୧୯ରେ ୧୦୫ ଏବଂ ୨୦୧୪ରେ ୧୨୨ ସିଟ୍ ଆଣିଥିଲା ବିଜେପି । ଗଲା ତିନିଟି ନିର୍ବାଚନରେ ଦଳର ମଙ୍ଗ ଧରିଥିଲେ ଦେବେନ୍ଦ୍ର ଫଡନାଭିସ୍ । ତେଣୁ ଏଥର ପୁଣି ଥରେ ସେ ମୁଖ୍ୟମନ୍ତ୍ରୀ ହେବା ସମ୍ଭାବନା ଅଧିକ ରହିଛି । ସୂଚନା ଅନୁସାରେ ୩୧ ଅକ୍ଟୋବର ୨୦୧୪ରୁ ୮ ନଭେମ୍ବର ୨୦୧୯ ଓ ୨୦୧୯ ନିର୍ବାଚନ ପରେ ତିନି ଦିନ ପାଇଁ ମୁଖ୍ୟମନ୍ତ୍ରୀ ଚୌକିରେ ବସିଥିଲେ ଫଡ଼ନାଭିସ୍ । ପରେ ଶିବସେନାରୁ ଅଲଗା ହୋଇ ୫୦ ବିଧାୟକଙ୍କୁ ଧରି ବିଜେପିରେ ମିଶିଥିବା ରିବେଲ୍ ଷ୍ଟାର୍ ଏକନାଥ ସିନ୍ଦେ ୩୦ ଜୁନ୍‌ରୁ ୨୦୨୨ରୁ ମୁଖ୍ୟମନ୍ତ୍ରୀ ହୋଇଥିଲେ । ହେଲେ ଏଥର ସିନ୍ଦେଙ୍କ ଉପରେ ହାଇକମାଣ୍ଡ ମୋହର ମାରୁଛନ୍ତି ନା ନାହିଁ ତା ଉପରେ ସାରା ଦେଶର ନଜର । ସେପଟେ କେବଳ ଫଡ଼ନାଭିସ୍ ଓ ସିନ୍ଦେ ନୁହଁନ୍ତି ମୁଖ୍ୟମନ୍ତ୍ରୀ ରେସ୍‌ରେ ଅଛନ୍ତି ଏନସିପି ନେତା ଅଜିତ ପାୱାର । ବର୍ତ୍ତମାନ ସୁଦ୍ଧା ଆସିଥିବା ଟ୍ରେଣ୍ଡ ଅନୁସାରେ ମହାରାଷ୍ଟ୍ରରେ ଘଡଚ ୪୧ଟି ଆସନରେ ଆଗୁଆ ରହିଛି । ତେବେ ସବୁଠାରୁ ବଡ଼ କଥା ହେଉଛି ମହାରାଷ୍ଟ୍ରରେ ଭୋଟ୍ ଗଣତି ଚାଲୁଥିବା ବେଳେ ଅଜିତ ପାୱାର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ୨୫ ମିନିଟ୍ ଧରି କଥା ହୋଇଥିଲେ । ତେବେ ଅମିତ ଶାହଙ୍କ ସହ ଆଲୋଚନା ପୂର୍ବରୁ ଅଜିତ ପାୱାରଙ୍କ ପତ୍ନୀ ତଥା ଏନସିପି ସାଂସଦ ସୁନେତ୍ରା ପାୱାରଙ୍କ ଏକ ବୟାନ ସାମ୍ନାକୁ ଆସିଛି । ସାଂସଦ ସୁନେତ୍ରା କହିଛନ୍ତି ଯେ 'ଏନସିପି, ମହାରାଷ୍ଟ୍ର ଏବଂ ବାରାମତି ପାଇଁ ଏହା ଏକ ସୌଭାଗ୍ୟର ଦିନ । ମୁଁ ସମାନ କଥା ଚାହୁଁଛି ଯାହା ମହାରାଷ୍ଟ୍ରର ଲୋକମାନେ ଚାହୁଁଛନ୍ତି ଯେ ଅଜିତ ପାୱାର ରାଜ୍ୟର ମୁଖ୍ୟମନ୍ତ୍ରୀ ହୁଅନ୍ତୁ' । ଏହାରି ମଧ୍ୟରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଆସନରେ କିଏ ବସିବ, କାହା ନାଁରେ ହାଇକମାଣ୍ଡ ମୋହର ମାରୁଛନ୍ତି ତାହା ଏବେ ଦେଖିବାର ବିଷୟ ।

## ବାଦ ପଡ଼ିଥିବା ୨୫% ମହିଳାଙ୍କୁ ...

ପରେ ୨୫ ପ୍ରତିଶତ ମହିଳାଙ୍କୁ କାଲି ଟଙ୍କା ଦେବାକୁ ନିଷ୍ପତ୍ତି ହୋଇଛି। ବାଦ୍ ପଡ଼ିଥିବା ବାକି ଆବେଦନକାରୀ ଜମି ଯୋଗ୍ୟତା ପାଇଁ ବାଦ ପଡ଼ିଛନ୍ତି। ଆଉ ଥରେ ଏହାର ଯାଞ୍ଚ ହେବ। ସମାଧାନ ପରେ ସେମାନେ ଡିସେମ୍ବରରେ ପାଇବେ। ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆକାଉଣ୍ଟ ଓ ଆଧାର ଲିଙ୍କରେ ସମସ୍ୟା ଥିବା ୫ ଲକ୍ଷ ମିସ କେସର ସମସ୍ୟାର ସମାଧାନ ହୋଇପାରି ନାହିଁ। ସେମାନେ ଆଧାର, ଆକାଉଣ୍ଟ ଓ ମୋବାଇଲ ନମ୍ବର ସଂଯୋଗ କରିବା ପରେ ଡିସେମ୍ବରରେ ଯୋଜନାରେ ସାମିଲ ହୋଇପାରିବେ। ସରକାରୀ ହିତାଧିକାରୀ ଘରକୁ ଘର ଯାଇ ସଚେତନ କରିବେ। ବାଦ ପଡ଼ିଥିବା ଆବେଦନକାରୀଙ୍କୁ ସାମିଲ କରିବା ଯାଏଁ ପ୍ରକ୍ରିୟା ଜାରି ରହିବ। ଜଣେ ବି ଯୋଗ୍ୟ ହିତାଧିକାରୀ ଏହି ଯୋଜାନରୁ ବଞ୍ଚିତ ହେବେନି। ସମସ୍ତ ହକଦାରଙ୍କୁ ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା। ଗତ ସେପଟ୍ମ୍ବେର ୧୭ ତାରିଖରେ ଓ ଅକ୍ଟୋବର ୯ ତାରିଖରେ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୬୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯାଇ ସାରିଛି। ଏହି ଯୋଜନାରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବାକୁ ଟାର୍ଗେଟ ରଖିଛନ୍ତି ରାଜ୍ୟ ସରକାର।

## ଆସିଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ...

ମରାମତି ଓ ସଂରକ୍ଷଣ କାର୍ଯ୍ୟ ହାତକୁ ନେବାକୁ ଏଏସଆଇ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିବା ଲେଖିଛନ୍ତି ମୁଖ୍ୟ ପ୍ରଶାସକ। ତା'ସହ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ସହଯୋଗ କରିବ ବୋଲି ସେ ଦର୍ଶାଇଛନ୍ତି। ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ରତ୍ନଭଣ୍ଡାର ଜିପିଆରଏସ୍ ସର୍ଭେ କରାଯାଇଥିଲା। ତାହାର ରିପୋର୍ଟ ଆଜି ଅପରାହ୍ନରେ ହସ୍ତଗତ ହୋଇଛି। ୪୫ ପୃଷ୍ଠାର ରିପୋର୍ଟର ଇ-ମେଲ୍ ମାଧ୍ୟମରେ ଆସିଛି। ରିପୋର୍ଟକୁ ତର୍ଜମା କରୁଛୁ। ଶ୍ରୀମନ୍ଦିରର ସୁରକ୍ଷାକୁ ସବୁବେଳେ ଗୁରୁତ୍ୱ ଦିଆଯାଇଛି। ବୈଷୟୀକ ରିପୋର୍ଟ ହସ୍ତଗତ ହେଲା ପରେ ଏସ୍ଆଇ ଚିଠି ଲେଖାଯାଛି। ଯଥା ଶୀଘ୍ର ଶ୍ରୀମନ୍ଦିର ମରାମତି, ରକ୍ଷଣାବେକ୍ଷଣା କାର୍ଯ୍ୟ କରିବା ପାଇଁ ଚିଠି ଲେଖାଯାଇଛି। ଏହାଛଡ଼ା ଏ ନେଇ ଛତିଶାନିଯୋଗକୁ ମଧ୍ୟ ଅବଗତ କରାଯାଇଛି ବୋଲି ଡକ୍ଟର ପାଢ଼ୀ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟ ସରକାର ଅନୁମୋଦନ କରିଥିବା ଏସ୍‌ଓପି ଅନୁସାରେ ଜୁଲାଇ ୧୪ ଓ ୧୮ ତାରିଖରେ ବାହାର ଓ ଭିତର ରତ୍ନଭଣ୍ଡାରୁ ସବୁ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ତା'ପରେ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ ପାଇଁ ପୂର୍ବରୁ ହାଇଲେବୁଲ୍ କମିଟି, ମ୍ୟାନେଜିଂ କମିଟି ଓ ରାଜ୍ୟ ସରକାର ପରାମର୍ଶ ଦେଇଥିଲେ। ସେହି ସମୟରେ ଯାହା ସାଇଣ୍ଟିଫିକ୍ ଇନ୍‌ଭେଷ୍ଟିଗେସନ୍ କରିବା କଥା କରନ୍ତୁ ବୋଲି କୁହାଯାଇଥିଲା। ସେହି କ୍ରମରେ ଏଏସ୍ଆଇ ତରଫରୁ ସିଏସ୍ଆର ହାଇଦ୍ରାବାଦ ସ୍ଥିତ ଏନଜିଆରଆଇ ଇନ୍‌ଷ୍ଟିଚ୍ୟୁଟ୍ ସହାୟତା ବିଭିନ୍ନ ସର୍ଭେକ୍ଷଣ କାର୍ଯ୍ୟ କରାଯାଇଥିଲା। ସେହି ରିପୋର୍ଟ ଆଜି ହସ୍ତଗତ ହୋଇଛି। ସେହି ରିପୋର୍ଟ ଆଧାରରେ ଶ୍ରୀମନ୍ଦିର ମରାମତି ଓ ସଂରକ୍ଷଣ କାମ କରିବା ପାଇଁ ଏଏସ୍ଆଇକୁ ଅନୁରୋଧ କରିଛୁ। ମରାମତି ହୋଇସାରିବା ପରେ ଏସ୍‌ଓପି ଅନୁସାରେ ଗଣତିମଣତି କରାଯିବ ବୋଲି ଡକ୍ଟର ପାଢୀ କହିଛନ୍ତି।

## ଝାଡ଼ଖଣ୍ଡରେ ପୁଣି ...

ଆସନରୁ ଏହି ମେଣ୍ଟ ମାତ୍ର ୫ଟି ଆସନ ଜିତିଥିଲା । କିନ୍ତୁ ମନି ଲଣ୍ଡରିଂ ମାମଲାରେ ଗିରଫ ହେମନ୍ତ ସୋରେନ ଜେଲରୁ ବାହାରି ପୁରା ଖେଳକୁ ଓଲଟାଇ ଦେଇଛନ୍ତି । କୁହାଯାଉଛି, ହେମନ୍ତଙ୍କ ବିଜୟ ପଛରେ ୫ ପ୍ରମୁଖ କାରଣ ରହିଛି । କୁହାଯାଉଛି, ହେମନ୍ତ ସୋରେନଙ୍କୁ ମହିଳାଙ୍କ ଜୋରଦାର ସମର୍ଥନ ମିଳିଛି । ମହିଳାଙ୍କ ସମର୍ଥନ ପାଇଁ ହେମନ୍ତ ସୋରେନ ୨୦୨୩ରେ ମୈୟା ସମ୍ମାନ ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନା ଅନ୍ତର୍ଗତ ୨୧ରୁ ୫୦ ବର୍ଷର ମହିଳାଙ୍କୁ ମାସିକ ହଜାରେ ଟଙ୍କା ଦିଆଯାଉଥିଲା । ବର୍ଷକୁ ୧୨ ହଜାର ଟଙ୍କା ଆକାଉଣ୍ଟକୁ ଆସୁଥିଲା । କିନ୍ତୁ ଝାଡ଼ଖଣ୍ଡ ନିର୍ବାଚନ ପୂର୍ବରୁ ଏହି ରାଶିକୁ ହଜାରେ ଟଙ୍କାରୁ ୨୫ ଶହ ଟଙ୍କାକୁ ବଢାଯାଇଥିଲା । ଆଉ ମହିଳା ଭୋଟ ବ୍ୟାଙ୍କ ଜେଏମଏମ-କଂଗ୍ରେସ ମେଣ୍ଟ ସପକ୍ଷରେ ଗଲା । ଝାଡ଼ଖଣ୍ଡରେ ଖୁବଶୀଘ୍ର ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ଏଠାରେ ଇଣ୍ଡି ମେଣ୍ଟ ତାର ଶକ୍ତି ପ୍ରଦର୍ଶନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛି ।

ରବିବାର, ୨୪ ନଭେମ୍ବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ଡ. ରଜନୀରଞ୍ଜନଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର , ୨୩/୧୧ (ନି.ପ୍ର): ସଂଳାପକାର ଭାବେ ୨୦୨୦ ମସିହା ନିମନ୍ତେ ରାଜ୍ୟ ଚଳଚିତ୍ର ପୁରସ୍କାର ପାଇଥିବା ଡ. ରାଜନୀରଞ୍ଜନଙ୍କୁ ଆଜି (ଶନିବାର) ସମ୍ବର୍ଦ୍ଧିତ କରାଯାଇଛି । ଓଡିଶା ମିରର, ମଦର ଓ ସିନ୍ଧୁଜା ପତ୍ରିକା ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ବିଜେପିର ବରିଷ୍ଠ ନେତା ତଥା ସମାଜସେବୀ ଜଗନ୍ନାଥ ପ୍ରଧାନ, ପୂର୍ବତନ ସୂଚନା କମିଶନର ଦିଲ୍ଲୀପ ବିଶୋଇ, ବିଶିଷ୍ଟ ସାହିତ୍ୟିକ ତଥା ରଜନୀରଞ୍ଜନଙ୍କ ବାଲ୍ୟବନ୍ଧୁ ଡ. ଅଜୟ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ରାଜନୀରଞ୍ଜନଙ୍କୁ ବଧେଇ ଜଣାଇବାସହ ଆହୁରି ଅଧିକ ଫିଲ୍ମ ପାଇଁ ସଂଳାପ ଲେଖନ୍ତୁ ବୋଲି କାମନା କରିଥିଲେ । ଏହି ଅବସରରେ ରଜନୀରଞ୍ଜନଙ୍କ ପୁରସ୍କାରପ୍ରାପ୍ତ ଫିଲ୍ମ 'ସହିଦ ରଘୁ ସର୍ଦାର' ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଓଡିଶା ମିରର'ର ସମ୍ପାଦକ ଦିଲ୍ଲୀପ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଡ. ମାଧବ ବେହୁରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ମଦର'ର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅଧାପିକା ସୁଧାଂଶୁ ସାହୁ ଓ ଫିଓନା ଦାସ ସଂଗୀତ ପରିବେଶଣ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ବିଜୟ ଦାସ, ପକ୍ଷୀଘର ସମ୍ପାଦକ ବନୋଜ ତ୍ରିପାଠୀ, ଚଳଚ୍ଚିତ୍ର ପ୍ରଯୋଜକ ସନ୍ତୋଷ ପଣ୍ଡା ପ୍ରମୁଖ ରଜନୀରଞ୍ଜନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।



## ପାରାଦ୍ୱୀପ ବନ୍ଦରକୁ ମିଳିଲା ୧୧ତମ ସମୁଦ୍ର ମନ୍ଥନ ପୁରସ୍କାର




ପାରାଦ୍ୱୀପ, ୨୩/୧୧ (ନି.ପ୍ର): ଭାରତ ବର୍ଷରେ ପଣ୍ୟ କାରବାର କ୍ଷେତ୍ରରେ ଏକ ନମ୍ବର ସ୍ଥାନ ଅଧିକାର କରି ଆସୁଥିବା ପାରାଦ୍ୱୀପ ବନ୍ଦରକୁ ଚଳିତ ବର୍ଷ ପାଇଁ ୧୧ ତମ ଆର୍ନ୍ତଜାତୀୟ ସମୁଦ୍ର ମନ୍ଥନ ପୁରସ୍କାର ପ୍ରଦାନ କରାଯାଇଛି । ରବିବାର ଦିନ ଜିଓ ୱାର୍ଲଡ଼ କନଭେନସନ୍ ସେଣ୍ଟର, ବିକେସି ମୁମ୍ବାଇ ଠାରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପାରାଦ୍ୱୀପ ବନ୍ଦରକୁ ପୂର୍ବ ଭାରତର ଶ୍ରେଷ୍ଠ ବନ୍ଦର ଭାବେ ବିଚାରକମାନେ ବିବେଚନା କରିଛନ୍ତି । ମୁମ୍ବାଇଠାରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ ପାରାଦ୍ୱୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି । ପାରାଦ୍ୱୀପ ବନ୍ଦର ଟିମ୍ ?ର ଅବଦାନକୁ ସମସ୍ତ ଶ୍ରେୟ ଦେଇଛନ୍ତି । ସେମାନଙ୍କ ନିଷ୍ଠାପର କାର୍ଯ୍ୟ, କଠିନ ପରିଶ୍ରମ ଯୋଗୁଁ ପାରାଦ୍ୱୀପ ବନ୍ଦର ଏହି ପୁରସ୍କାରର ହକଦାର୍ ହୋଇଛି । ଆଗାମୀ ଦିନରେ ପାରାଦ୍ୱୀପ ବନ୍ଦର ତାର ଶ୍ରେଷ୍ଠତ୍ୱ ବଜାୟ ରଖିବା ପାଇଁ ଏହି ପୁରସ୍କାର ପ୍ରେରଣା ଦେବ ବୋଲି କହିଛନ୍ତି ପାରାଦ୍ୱୀପ ବନ୍ଦର ଅଧକ୍ଷ ଶ୍ରୀ ହରନାଦ । ଆଗାମୀ ମାସରେ ପଣ୍ୟ କାରବାର କ୍ଷେତ୍ରରେ ୧୦୦ ଏମଏମଟି ପଣ୍ୟ କାରବାର କରିବାର ଲକ୍ଷ୍ୟ ଅତିକ୍ରମ କରିବ । ଚଳିତ ଆର୍ଥିକ ବର୍ଷର ଧାର୍ଯ୍ୟ ସମୟ ପୂର୍ବରୁ ଏହି ଲକ୍ଷ୍ୟ ହାସଲ ହେବା ସହିତ ଭିତ୍ତି ଭୂମିର ବିକାଶ, ପଣ୍ୟ କାରବାର କ୍ଷମତା ବୃଦ୍ଧି ଦିଗରେ ପାରାଦ୍ୱୀପ ବନ୍ଦର କର୍ତୃପକ୍ଷ ଉଦ୍ୟମ ଜାରୀ ରଖିଛନ୍ତି ବୋଲି ଅଧକ୍ଷ ଶ୍ରୀ ହରନାଦ ସୂଚନା ଦେଇଛନ୍ତି।

## ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ ଶ୍ରମିକ ମହାସଂଘର ୫୧ତମ ସାଧାରଣ ଅଧିବେଶନ ଅନୁଷ୍ଠିତ

ବାଲେଶ୍ୱର, ୨୩/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ ଶ୍ରମିକ ମହାସଂଘର ୫୧ତମ ସାଧାରଣ ଅଧିବେଶନ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସାରା ଓଡ଼ିଶାରୁ ପ୍ରାୟ ୬୦୦ରୁ ଅଧିକ ଶ୍ରମିକ କର୍ମଚାରୀ ଏହି ଅଧିବେଶନରେ ଯୋଗ ଦେଇଥିଲେ। ସକାଳ ୯ଟାରୁ ଏକ ବିଶାଳ ରାଲି ଷ୍ଟେସନ ଛକଠାରୁ ବାହାରି ଏଡିଏମଓ ଛକ, ଜିଲ୍ଲାପାଳ ଅଫିସ, ଫାଣ୍ଡି ଛକ ଓ ଫକୀରମୋହନ ଗୋଲାଇ ଦେଇ ଗାନ୍ଧୀସ୍ମୃତି ଭବନରେ ପହଂଚିଥିଲେ। ଏହି ଅଧିବେଶନରେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଜଗନ୍ନାଥ ମହାରଣା ଓ ମଂଚ ପରିଚାଳନା କରିଥିଲେ ଦେବସ୍ମିତା ଦାସ। ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ ରମେଶ ଚନ୍ଦ୍ର ଶତପଥୀ। ବକ୍ତା ଭାବେ ନଗେନ୍ଦ୍ର କୁମାର ପାଢ଼ୀ, ସୁରେଶ ଚନ୍ଦ୍ର ବେହେରା, ଜଗନ୍ନାଥ ମହାରଣା, ଶିରୀଶ ଚନ୍ଦ୍ର ଦାସ, ଅମୂଲ୍ୟ କୁମାର ଚକ୍ର ପ୍ରମୁଖ ବହୁ ସଦସ୍ୟ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସଂଘର ସମସ୍ୟା ସମ୍ପର୍କରେ ବକ୍ତାମାନେ କହିଥିଲେ ଯେ ଶ୍ରମିକମାନଙ୍କର ୧୧ତମ ମଜୁରି ନିର୍ଦ୍ଧାରଣରେ ଅହେତୁକ ବିଳମ୍ବ, ଅଧିକାରୀମାନଙ୍କ ପ୍ରତି ଅଗ୍ରାଧିକାର ଦିଆଯାଇ ଶ୍ରମିକମାନଙ୍କର ହକ୍ ସୁରକ୍ଷାକୁ ବଂଚିତ କରାଯାଉଛି। ଜାଣିଶୁଣି ଶ୍ରମିକମାନଙ୍କୁ ବିପଦ ମୁହଁକୁ ଠେଲିଦେଇ ନିରୀହ ଶ୍ରମିକ ମୁଣ୍ଡରେ ଦୋଷ ଲଦି ଦିଆଯାଉଛି। ଅଦ୍ୟାବଧି ଆଉଟସୋର୍ସ ଓ ବି.ଏ. ଦ୍ୱାରା କାର୍ଯ୍ୟ ନିୟୋଜିତ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ, ନିୟମିତ କର୍ମଚାରୀଙ୍କ ଗ୍ରେଡ ପେ ଏବଂ ପେ ସ୍କେଲର ସଂଶୋଧନ ଓ ଓଡ଼ିଶା ସ୍ୱାଭିମାନ ରକ୍ଷା ପାଇଁ ମ୍ୟାନେଜମେଂଟ କୌଣସି ପଦକ୍ଷେପ ନେଉନଥିବାର ପଦକ୍ଷେପ ନେଉନାହିଁ। ବିଶେଷକରି ଟାଟା କମ୍ପାନୀ ଜାଣିଶୁଣି ଲେବର ଲାଇସେନ୍ସ ନଥିବା ରାଜ୍ୟ ବାହାର କଣ୍ଟ୍ରାକ୍ଟରଙ୍କୁ ଟେଣ୍ଡର ପ୍ରଦାନ କରିବା ଦ୍ୱାରା ଶ୍ରମିକମାନେ ଚରମ ଶୋଷଣରେ ପଡୁଛନ୍ତି। ଯେଉଁ କର୍ମଚାରୀମାନେ ହକ୍ ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି ସେମାନଙ୍କୁ କାର୍ଯ୍ୟରୁ ବାହାର କରିଦିଆଯାଉଛି। ତେଣୁ ଆଇନଗତ ପଦକ୍ଷେପ ଗ୍ରହଣ କରି ଶ୍ରମିକମାନଙ୍କୁ ସେମାନଙ୍କର ହକ୍ ଦେବାପାଇଁ ଅଧିବେଶନରେ ଉପସ୍ଥିତ ବକ୍ତାଭାବେ ମତବ୍ୟକ୍ତ କରିଥିଲେ। ତେଣୁ ମହାସଂଘ ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ସମାଧାନ କରିବା ପାଇଁ ଚେଷ୍ଟା କଲେ ମଧ୍ୟ ମ୍ୟାନେଜମେଂଟ ଶ୍ରମିକମାନଙ୍କର ଦାବିକୁ ଗ୍ରହଣ କରୁନାହିଁ। ତେଣୁ ଶ୍ରମିକମାନଙ୍କର ସମାଧାନ ପାଇଁ ମହାସଂଘ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଯଦି ମହାଂସଘର ନିଷ୍ପତ୍ତି ଓ ଦାବିକୁ ମ୍ୟାନେଜମେଂଟ ନଶୁଣେ ପୂର୍ବପରି ଶ୍ରମିକ ଶୋଷଣ ନୀତି ଅବଲମ୍ବନ କରେ ବାଧ୍ୟହୋଇ ମହାସଂଘ ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏଥିରେ ସଂଘର ବହୁ ସଦସ୍ୟ ଅଂଶଗ୍ରହଣ କରି ସେମାନଙ୍କର ମତାମତ ଦେଇଥିଲେ। ପରିଶେଷରେ ଦୀପକ କୁମାର ଦାସ ଧନ୍ୟବାଦ ଦେଇଥିଲେ।




## ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ

ନୀଳଗିରି, ୨୩/୧୧ (ନି.ପ୍ର): ନୀଳଗିରି ବ୍ଲକ୍ ଗରଡିହୀ ପଞ୍ଚାୟତ କଳାକାଦ ଗ୍ରାମର ଦୀପ୍ତିକାନ୍ତ ବିଶ୍ୱାଳ ଓରଫ ଟୁଟୁଆ (୪୨) ମାନସିକ ବିକାରଗ୍ରସ୍ତ ଅବସ୍ଥାରେ ନଜରକୁ ଆସିଥିଲା। ବିକାରଗ୍ରସ୍ତ ଅବସ୍ଥାରେ ନିଜ ମା'କୁ ବାଡେଇ ହାତ ଭାଙ୍ଗି ଦେଇଥିବା ବେଳେ, ମାନସିକ ଭାରସ୍ୟାମ ହରାଇ ଏଣେତେଣେ ବୁଲୁଥିବାର ଦେଖିବାକୁ ମିଳିଥିଲା। ଏହି ଖବରପାଇ ମାନବଧିକାର ସଂଗଠନ ବାଲେଶ୍ୱରର କର୍ମକର୍ତ୍ତା ମାନେ ପୋଲିସ୍ ସାହାର୍ଯ୍ୟରେ ଉକ୍ତ ଗ୍ରାମରେ ପହଁଞ୍ଚି ଯୁବକ ଟୁଟୁଆକୁ ଉଦ୍ଧାର କରିଥିଲେ। ତାଙ୍କୁ ପ୍ରଥମେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପରେ ବାଲେଶ୍ୱର ମେଡିକାଲ କଲେଜ୍ ତତ୍‌ପରେ କଟକ ଏସିବି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଶରୀରର ବିଭିନ୍ନ ପରୀକ୍ଷା ନିରିକ୍ଷା କରି ଜଣା ପଡିଥିଲା ଯେ, ତାଙ୍କ ଶରୀର ଭିତରେ ବହୁ ଅଙ୍ଗନଷ୍ଟ ହୋଇଯାଇଛି। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନ ପ୍ରାୟ ୧୨ଟା ସମୟରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ ନିଜ ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମାପନ କରାଯାଇଅଛି।

## ବସ୍ତାରେ ନୂତନ ଏସଡିପିଓଙ୍କ ଯୋଗଦାନ

ବସ୍ତା, ୨୩/୧୧ (ନି.ପ୍ର): ବସ୍ତା,ସିଂଲା, ବାଲିଆପାଳ,ରୂପସା ଓ ବାହାବଳପୁର ସାମୁଦ୍ରିକ ଥାନାକୁ ନେଇ ଗଠିତ ବସ୍ତା ପୁଲିସ ସବଡିଭିଜନର ନୂତନ ଏସଡ଼ିପିଓ ଭାବେ ବ୍ରଜମୋହନ ପ୍ରଧାନ ଯୋଗଦାନ କରିଛନ୍ତି।ଏଠାରେ ପୂର୍ବରୁ ଥିବା ଏସଡିପିଓ ଅରୁଣ କୁମାର ସାହୁଙ୍କର ପଦୋନ୍ନତି ହୋଇ ଭୁବନେଶ୍ୱରରେ ଅବସ୍ଥାପିତ ହୋଇଥିବା ବେଳେ ନୂତନ ଏସଡିପିଓ ଶ୍ରୀ ପ୍ରଧାନ ବାଲେଶ୍ୱରରୁ ଆସି ଏଠାରେ ଯୋଗ ଦେଇଛନ୍ତି।

## ଭଦ୍ରକ ଗୋପାଳଜୀଉ ଗୋଶାଳାକୁ ୨୧ ଲକ୍ଷ ୨ ହଜାର ୨୨୦ ଟଙ୍କାର ଆର୍ଥିକ ଅନୁଦାନ

ଭଦ୍ରକ, ୨୩/୧୧ (ନି.ପ୍ର): ରାଜ୍ୟ ସରକାର ପଂଜିକୃତ ଗୋଶାଳାଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ଆର୍ଥିକ ଅନୁଦାନ ଦେବା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭଦ୍ରକ ସର୍ବ ପୁରାତନ ଶ୍ରୀ ଶ୍ରୀ ଗୋପାଳଜୀଉ ଗୋଶାଳାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରାଣୀ କଲ୍ୟାଣ ଯୋଜନାରେ ୨୧ ଲକ୍ଷ ୨ ହଜାର ୨୨୦ ଟଙ୍କା ର ଅନୁଦାନ ରାଶି ଦିଆଯାଇଛି। ଏହି ଅନୁଦାନ ରାଶି ଚେକ୍ ଆକାରରେ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗୋଶାଳାର ଆଜୀବନ ସଦସ୍ୟ ସୌରଭ ଗୁପ୍ତାଙ୍କୁ ଭୁବନେଶ୍ୱରସ୍ଥିତ ଓୟୁଏଟିର ସ୍ୱାମୀନାଥମ୍ ହଲ୍‌ରେ ପ୍ରଦାନ କରିଛନ୍ତି। ଏହି ଚେକ୍ ପ୍ରଦାନ କାଳରେ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗର ମୁଖ୍ୟ ସଚିବ ସୁରେଶ କୁମାର ବଶିଷ୍ଟ, ପ୍ରାଣୀ ଓ ପଶୁ ସଂପଦ ସେବାର ନିର୍ଦ୍ଦେଶକ ରାମାଶିଷ ହାଜରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିନିମନ୍ତେ ଶ୍ରୀ ଗୁପ୍ତାଙ୍କ ସମେତ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଗୋଶାଳାର ସଭାପତି କାଶୀନାଥ ସାହୁ, ସଂପାଦକ ଶ୍ୟାମସୁନ୍ଦର ଗୁପ୍ତା, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, କିଶୋର ମହାପାତ୍ର, ଅଧିବକ୍ତା ପବନ ଶର୍ମା ପ୍ରମୁଖ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ମିଳିତ ନିଶା ନିବାରଣ ଅଭିଯାନ ବାଲେଶ୍ୱର ତରଫରୁ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳନ

ବାଲେଶ୍ୱର, ୨୩/୧୧ (ନି.ପ୍ର): ସିଦ୍ଧି ବିନାୟକ ବିଦ୍ୟାଳୟ, ବାଲେଶ୍ୱରର ସମ୍ମିଳନୀ କକ୍ଷରେ ମିଳିତ ନିଶା ନିବାରଣ ଅଭିଯାନ (ମନା) ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇଯାଇଅଛି। ଡ. କ୍ଷିତୀଶ୍ୱର ଦାଶଙ୍କ ଅଧକ୍ଷତାରେ ପରିଚାଳିତ ସଭାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଦିଲ୍ଲୀପ ଘୋଷ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ନିଶା ଠାରୁ ଦୂରରେ ରହିବା ସହିତ ନବକୃଷ୍ଣ ଚୌଧୁରୀଙ୍କର ଭାବାଦର୍ଶରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଥିଲେ। ସଭାରେ ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟର ଅଧକ୍ଷ ସୁଧାଂଶୁ ଶେଖର ପଣ୍ଡା, ଅନ୍ୟତମ ଅତିଥି ରୋଟାରୀୟାନ୍ ତଥା 'ମନା'ର ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ସମ୍ପାଦକ ନିରଞ୍ଜନ ରାଉତ ନିଜନିଜର ବକ୍ତବ୍ୟ ରଖିଥିଲେ। ପ୍ରଫୁଲ୍ଲ କୁମାର ଦାସ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ର ରମ୍ୟରଞ୍ଜନ ସାହୁ ଓ ଛାତ୍ରୀ ଅନିକା ମାହେଶ୍ୱରୀଙ୍କୁ ମନା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ 'ମନା'ର ରବିନାରାୟଣ ଭୋଳ, ଗଙ୍ଗାଧର ପୃଷ୍ଟି, ପ୍ରସନ୍ନ କୁମାର ପାଢ଼ୀ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ବେଣୁଧର ସାହୁ, ପ୍ରଣିତା ମିଶ୍ର, ସରସ୍ୱତୀ ପଣ୍ଡା, ସୀତାରାମ ପ୍ରଧାନ, ସଂଯୁକ୍ତା ବେହେରା ଓ ସନାତନ ଦାସ ପ୍ରମୁଖ ସହଯୋଗ କରିଥିଲେ। ଅକ୍ଷୟ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ



ବାଲେଶ୍ୱର, ୨୩/୧୧ (ନି.ପ୍ର): ସହରର ପଢୁଆଁପଦା ଛକରେ ଥିବା ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ ଶନିବାର ସଞ୍ଜରେ ସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଡାକ୍ତର ଜୟନ୍ତକୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସକୁମାର ଦତ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ବକ୍ତବ୍ୟରେ ଏହି ମହାବିଦ୍ୟାଳୟର ବିକାଶ ପାଇଁ ସ୍ୱତନ୍ତ୍ର ଉଦ୍ୟମ କରିବେ ବୋଲି କହିଥିଲେ। ପରିଚାଳନା ପରିଷଦର ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି ମହାବିଦ୍ୟାଳୟର ବିବରଣୀ ପାଠ କରିବା ସହିତ ଅନୁଷ୍ଠାନର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ମୁଖ୍ୟ ଅତିଥି ବିଧାୟକଙ୍କ ସମେତ ଅନ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତଙ୍କ ସହଯୋଗ ରହିଲେ ଏହି ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ ନିଶ୍ଚିତ ଭାବେ ରାଜ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଇଂ ନନ୍ଦଦୁଲାଲ ଘଡ଼େଇ, ଉପଦେଷ୍ଟା କଲ୍ୟାଣୀ ଦାସ, ଗୀତାରାଣୀ ଦାସଅଧିକାରୀ ବକ୍ତବ୍ୟ ରଖି ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପ୍ରାରମ୍ଭରେ ସାଂସ୍କୃତିକ ସମ୍ପାଦକ ଗୁରୁଗୌରବ ରବୀନ୍ଦ୍ରକୁମାର ବିଶ୍ୱାଳ ଅତିଥିଙ୍କ ମଞ୍ଚ ଆବାହନ କରିଥିବା ବେଳେ ଶେଷରେ ଇଂ ହୃଷିକେଶ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନୃତ୍ୟ ପାଇଁ ଶୀତଲ କରଙ୍କୁ କୋଇଲିମଣି ଦେବୀ ସ୍ମୃତି ସମ୍ମାନ, ତବଲା ବାଦନ ପାଇଁ ମହାପ୍ରସାଦ ଜେନାଙ୍କୁ ଯତୀନ୍ଦ୍ରନାଥ ପଟ୍ଟନାୟକ ସ୍ମୃତି ସମ୍ମାନ, ସଙ୍ଗୀତ ପାଇଁ ଜନ୍ମେଜୟ ତାଲଦିଙ୍କୁ ଅଚ୍ୟୁତାନନ୍ଦ ଦାସ ସ୍ମୃତି ସମ୍ମାନ ଓ ଗୀଟାର ବାଦନ ପାଇଁ ରାଜକୁମାର ନାୟକଙ୍କୁ ସତ୍ୟସାଧନ ଦାସ ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ମନୋରଞ୍ଜନ ପଣ୍ଡାଙ୍କୁ ମଧ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ବିଶିଷ୍ଟ ତବଲାବାଦକ ଗୁରୁ ଅଜିତାନନ୍ଦ ଦେବଗୋସ୍ୱାମୀ ମାନପତ୍ର ପାଠ କରିଥିଲେ। ଶେଷରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାଦ୍ୟଯନ୍ତ୍ରରେ ଗୁରୁ ସତ୍ୟରଞ୍ଜନ ମହାନ୍ତି, ସତ୍ୟ ନାରାୟଣ ଦାସ, ଜୟନ୍ତ ବେହେରା, ସୁବାସ ସିଂହ, ସଞ୍ଜିବକୁମାର ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କାହ୍ନୁଚରଣ ଲେଙ୍କା, ପ୍ରଭଞ୍ଜନ ପାଢ଼ୀ, କମଳାକାନ୍ତ ଆଚାର୍ଯ୍ୟ, ପଦ୍ମଲୋଚନ ଦତ୍ତ, କଲ୍ୟାଣୀ ଦାସ, ଡ. ରାଖାଲଚନ୍ଦ୍ର ଘଡ଼ାଇ, କ୍ୟାପଟେନ ବିକାଶ କର, ସିତାଂଶୁ ଶେଖର ସାମଲ, ଶଶିରଞ୍ଜନ ମଲ୍ଲିକ, ଡ. କୁମାର ଗୋପାଲ, ବିଶ୍ୱଜିତ ଦାସ, ସବିତା ଆଚାର୍ଯ୍ୟ, ଦୀପକ ବୋଷ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ସହରର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଅଭିଭାବକ, କଳାପ୍ରେମୀ ଜନସାଧାରଣ ଉପସ୍ଥିତ ଥିଲେ।

## ମୋବାଇଲ ଲୁଟ୍ ବିଫଳ: ପୋଲିସକୁ ଜିମା ଦେଲେ ଲୋକେ



ବସ୍ତା , ୨୩/୧୧ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥ ଗୁଡ଼ିଖାଲ ଠାରେ ମୋବାଇଲ ମୋବାଇଲ ଲୁଟ କରି ନେଇ ପଳାଉଥିବା ବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧାରା ପଡ଼ି ନିର୍ଘୁମ ଛେଚା ଖାଇଲେ ୨ ଲୁଟେରା। ଘଟଣାରୁ ପ୍ରକାଶ ଏହି କି ଯେ,ଶନିବାର ପୂର୍ବାହ୍ନ ୧୧ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା କୁଳିଡା ପଞ୍ଚାୟତ ସ୍ଥିତ ୬୦ ନମ୍ବର ଜାତୀୟ ରାଜପଥ ଗୁଡିଖାଳ ନିକଟରେ ରୋଡ ପାର୍ଶ୍ୱରେ ଗାଡ଼ି ଛିଡା କରି ଖାଇବା ପାଇଁ ରନ୍ଧାରାନ୍ଧି କରୁଥିଲେ। ହଠାତ ୨ ଜଣ ଯୁବକ ଏକ ବାଇକ ଯୋଗେ ଆସି ତାଙ୍କ ପାଖରେ ଛିଡା ହୋଇ ତାଙ୍କ ଟ୍ରକ ଓଲଟି ଯାଇଥିବା କହିଥିଲେ। ଏବଂ ଗାଡ଼ି ଡ୍ରାଇଭରଙ୍କୁ ମୋବାଇଲ ମାଗିଥିଲେ ତାଙ୍କ ମାଲିକଙ୍କୁ। ଡ୍ରାଇଭର ଜଣେ ବିପଦରେ ପଡ଼ି ମୋବାଇଲ ମାଗିଥିବା ଭାବି ସେ ଉକ୍ତ ଯୁବକଙ୍କୁ ମୋବାଇଲ ଦେଇ ଦେଇଥିଲେ। ତେବେ ଉକ୍ତ ଯୁବକ ମୋବାଇଲ ନେଇ ବାଇକ ଯୋଗେ ପଳାଇ ଯାଉଥିବା ଦେଖି ଡ୍ରାଇଭର ଓ ହେଲାପର ଜଣକ ସ୍ଥାନୀୟ ଲୋକଙ୍କୁ ଚିତ୍କାର କରି ଡାକିଥିଲେ। ଡାକ ଶୁଣି ସ୍ଥାନୀୟ ଲୋକେ ୨ ଲୁଟେରାଙ୍କୁ ଗୋଡ଼ାଇ ଧରିବାରେ ସଫଳ ହୋଇଥିଲେ। ଧରିବା ପରେ ଦୁଇ ଲୁଟେରାଙ୍କୁ ନିର୍ଘୁମ ଉତ୍ତମ ମଧ୍ୟମ ଦେବା ପରେ ପୋଲିସଙ୍କୁ ଖବର ଦେଇଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚିବା ପୂର୍ବରୁ ଜଣେ ଦୁର୍ବୃତ୍ତ ସେଠାରୁ ଖସି ପଳାଇବାରେ ସଫଳ ହୋଇଥି ଲେ। ତେବେ ଜାତୀୟ ରାଜପଥ ପୋଲିସ ପେଟ୍ରୋଲିଙ୍ଗ ଗାଡ଼ି ଘଟଣା ସ୍ଥଳରେ ପହଞ୍ଚି ଜଣଙ୍କୁ ଆଣି ଥାନାରେ ଜିମା ଦେବା ପାରେ ପୋଲିସ ଅଧିକ ତଦନ୍ତ କରୁଥିବା ଜଣାପଡିଛି।

## ଦିଲ୍ଲୀରେ ପୁଣି ପ୍ରଦୂଷଣ ବୃଦ୍ଧି: ଏକ୍ୟୁଆଇ ୪୨୦ ପାର

ନୂଆଦିଲ୍ଲୀ, ୨୩/୧୧ (ନି.ପ୍ର): ଦିଲ୍ଲୀରେ ବାୟୁ ଗୁଣବତ୍ତା ସୁଚକାଙ୍କ ପୁଣି ବିପଜ୍ଜନକ ବର୍ଗରେ ପହଁଚିଛି। ଶନିବାର ସକାଳେ ରାଜଧାନୀର ବାୟୁ ଗୁଣବତ୍ତା ସୁଚକାଙ୍କ ୪୨୦ ରେକର୍ଡ କରାଯାଇଛି , ଯାହା ଗୁରୁତର ବର୍ଗରେ ଅଛି।ଦିଲ୍ଲୀର ୩୮ ମନିଟରିଂ ଷ୍ଟେସନ ମଧ୍ୟରୁ ୯ଟି ଷ୍ଟେସନରେ ଏକ୍ୟୁଆଇ ୪୫୦ ରୁ ଅଧିକ ରେକର୍ଡ କରାଯାଇଛି। ଶନିବାର ଶାଦୀପୁରରେ ଏକ୍ୟୁଆଇ ୪୩୬,ଆରକେ ପୁରମରେ ୪୨୨,ନର୍ଥ କ୍ୟାମ୍ପସ ୪୧୬, ମନ୍ଦିର ମାର୍ଗରେ ୪୧୪, ଆୟା ନଗରରେ ୩୯୦, ପୁସାରେ ୩୯୬, ମୁଣ୍ଡକାରେ ୪୫୩, ଦ୍ୱାରକାରେ ୪୪୦, ବଜୀରପୁରରେ ୪୬୫, ଅଶୋକ ବିହାରରେ ୪୫୨, ଚାନ୍ଦିନୀ ଚୌକରେ ୪୨୮ ଏକ୍ୟୁଆଇ ରେକର୍ଡ କରାଯାଇଛି।

## ବାସୁଦେବପୁର ପୌର ପାଳିକାର ସୁବର୍ଣ୍ଣ ଜୟନ୍ତୀ ଆଜି

ବାସୁଦେବପୁର, ୨୩/୧୧ (ନି.ପ୍ର): ବାସୁଦେବପୁର ପୌର ପାଳିକା ପକ୍ଷରୁ ଆସନ୍ତା କାଲି ରବିବାର ସୁବର୍ଣ୍ଣ ଜୟନ୍ତୀ ପାଳନ ହେବାକୁ ଯାଉଛି । ଏହି ଉତ୍ସବରେ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସକାଳେ ଜାତୀୟ ପତାକା ଉତ୍ତୋଳନ, ଗଣ ଦୌଡ, ମେଡ଼ିକାଲ ରେ ରୋଗୀ ମାନଙ୍କୁ ଫଳ ବଣ୍ଟନ ପ୍ରଭୃତି କାର୍ଯ୍ୟ କ୍ରମ ରହିଛି । ସନ୍ଧ୍ୟା ରେ ସାଧାରଣ ସଭା ଅନୁଷ୍ଠିତ ହେବ ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ । ଏହି ଉତ୍ସବରେ ପୌର ପାଳିକା ର ଅଧକ୍ଷା ନିବେଦିତା ବେହେରା ସଭାପତିତ୍ୱ କରିବେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ଓଡିଶା ସରକାର ଙ୍କ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବରେଣ୍ୟ ଅତିଥି ଭାବେ ଯୋଗ ଦେବେ ଉଚ୍ଚ ଶିକ୍ଷା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ, ସମ୍ମାନିତ ଅତିଥି ଭାବେ ଯୋଗ ଦେବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ,ଓ ପୌର ଉପାଧକ୍ଷ ଉତ୍ତମ ବାରିକ । ଏହି ଉତ୍ସବରେ ବହୁ ସଂଖ୍ୟା ରେ ସମସ୍ତ ଙ୍କୁ ଯୋଗ ଦେବା ପାଇଁ ପୌର ପାଳିକା ର କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ଅନୁରୋଧ ଜଣାଇଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo